# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ଅଗଷ୍ଟ ୨୫ /୨୦୧୮ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) | Rayagada, Saturday, August 25 / 2018 (Career & Appointment) | ★

୪୮ମ ଭାଗ ୧୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ମିଡିଆ ଗୁଜବକୁ ଭୟ କରେନାହିଁ: ଆଲିଆ**
ରଣବୀରଙ୍କ ସହ ସମ୍ପର୍କକୁ ନେଇ ଯେଉଁଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଆଦୌ ବିଚଳିତ ନ ଥିବା ପ୍ରକାଶ କରିଛନ୍ତି। ୦୨

୧୫ **ଦେବାଶିଷ ଜାତୀୟ ଜୁନିୟର ଚୟନକର୍ତ୍ତା**
ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଓଡ଼ିଶାର ଦେବାଶିଷ ମହାନ୍ତି ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ନିଯୁକ୍ତ ହୋଇଛନ୍ତି।




DSPL-134



ପୁଞ୍ଜିନିବେଶ ପାଇଁ ଦେଶର ଏକ ପ୍ରମୁଖ ସ୍ଥାନ ରୂପେ ଓଡ଼ିଶା କ୍ରମାଗତ ଭାବେ ରହିଆସିଛି। କେବଳ ପୁଞ୍ଜିନିବେଶ କାହିଁକି, ଓଡ଼ିଶା ଏବେ ସଂଖ୍ୟାଧିକ ଗୌରବର ଅଧିକାରୀ। ଓଡ଼ିଶା ଏବଂ ଓଡ଼ିଶାବାସୀ ହାସଲ କରିଥିବା କୃତିତ୍ୱର ଏହି ସଫଳ କାହାଣୀଗୁଡ଼ିକୁ ମୁଁ ଆପଣଙ୍କ ସମ୍ମୁଖରେ ସଗର୍ବେ ଉପସ୍ଥାପନ କରୁଛି। ଆସନ୍ତୁ, ଓଡ଼ିଶାର ଏହି ବିଜୟ ଯାତ୍ରାରେ ସାମିଲ୍ ହେବା।
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶା ଏବଂ ଓଡ଼ିଶାବାସୀଙ୍କର ଉପଲବ୍ଧି ଓ ସଫଳତାକୁ ମାନ୍ୟତା ଦେବାପାଇଁ ଏକ ନୂତନ ଅଭିଯାନ

ODISHA

www.iamodisha.info କିମ୍ବା WhatsApp No.7978927908 ଜରିଆରେ ନିଜର ଏବଂ ନିକଟତମ ଲୋକଙ୍କର ଏହି ଅଭିଯାନ ସମ୍ପର୍କିତ ଆଲେଖ୍ୟ ସେୟାର୍ କରି ଏହି ଅଭିଯାନରେ ସାମିଲ ହୁଅନ୍ତୁ। ମେକ୍ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୧୮ ଅବସରରେ ସବୁଠାରୁ ପ୍ରେରଣାଦାୟୀ ଏବଂ ପ୍ରଭାବଶାଳୀ ଆଲେଖ୍ୟକୁ ସମ୍ମାନିତ କରାଯିବ।

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Download Mobile App 'MakeInOdisha' from Follow us on

14005/13/0025/1819


# ଆଜି ଆସୁଛନ୍ତି ଉପରାଷ୍ଟ୍ରପତି

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ରେ ଆସନ୍ତା ଶିକ୍ଷାବର୍ଷରୁ ଅର୍ଥାତ୍ ୨୦୧୯ରୁ ସୁପର ସ୍ପେଶିଆଲିଷ୍ଟ ଡାକ୍ତରୀ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ମାଷ୍ଟର ଡିଗ୍ରୀ ଆଣ୍ଡ୍ ମାଷ୍ଟର ଅଫ୍ ସର୍ଜରି(ଏମ୍‌ଡି ଆଣ୍ଡ୍ ଏମ୍‌ଏସ୍)ରେ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିବେ। ଏଥିପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମତି ପ୍ରଦାନ କରିଛି ବୋଲି ଭୁବନେଶ୍ୱର ଏମ୍ସ ନିର୍ଦ୍ଦେଶିକା



ବି. ଗୀତାଞ୍ଜଳି କହିଛନ୍ତି। ଶନିବାର ଏମ୍ସ ପ୍ରଥମ ସମାବର୍ତ୍ତନ ଉତ୍ସବ ପାଳନ କରିବ। ଏ ନେଇ ଶୁକ୍ରବାର ଏମ୍ସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶିକା ବି. ଗୀତାଞ୍ଜଳି କହିଥିଲେ, ଉତ୍ସବରେ ମୁଖ୍ୟଅତିଥି ଭାବେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଯୋଗଦେବେ। ଏହି ଅବସରରେ ୫ ଛାତ୍ରୀଛାତ୍ରଙ୍କୁ ୨୪ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ଏମ୍‌ବିବିଏସ୍‌ରେ ୩ ଛାତ୍ରୀଛାତ୍ର ଥିବାବେଳେ ବି.ଏସ୍ ନର୍ସିଂରେ ୨ ଛାତ୍ରୀଛାତ୍ରଙ୍କୁ ☞ ପୃଷ୍ଠା-୪

## ଆଜିର ସମ୍ପାଦକୀୟ

**ପାର୍ଶ୍ୱପ୍ରବେଶକୁ ବିରୋଧ**

## ଆଜିର ମନ୍ତବ୍ୟ

"ମୁଁ ହୃଦୟର କଥା କୁହେ, କାରଣ ମନ କଥା କହିବା ଢାଞ୍ଚା ଅନ୍ୟ କାହା ପାଖରେ ଅଛି।
–ଶତ୍ରୁଘ୍ନ ସିହ୍ନା, ଭାଜପା ଏମ୍‌ପି


**BISHANDAYAL JEWELLERS**
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 30,500/- 10gm.
Gold 22 CT - ₹ 29,500/- 10gm.
Silver Rate - ₹ 380/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE
24.08.2018
Vencobb FRESH CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 62 | 109 | 119 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 62 | 109 | 119 |

*Conditions Apply
Eggs Retail Price- 43/-Dozen
Issued in the Interest of Consumers




ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଭୁବନେଶ୍ୱରଠାରେ ଆୟୋଜିତ ସର୍ବଦଳୀୟ ପ୍ରାର୍ଥନା ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନାରତ। (ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୫)

# ବିଧାନ ପରିଷଦ ପ୍ରସ୍ତାବକୁ ମୋହର

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ରାଜ୍ୟ ସରକାର ବିଧାନ ପରିଷଦ ଗଠନ ପାଇଁ ଆଉ ଦୁଇପାଦ ଆଗେଇଛନ୍ତି। ଉଚ୍ଚସଦନର ରୂପରେଖ କିପରି ହେବ ସେ ନେଇ ମଧ୍ୟ ଶେଷ ସ୍ପର୍ଶ ଦିଆଯାଇଛି। ବିଧାନ ପରିଷଦ ଗଠନ ପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଶୁକ୍ରବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଅନୁମୋଦନ ପରେ ଆସନ୍ତା ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ଏ ନେଇ ଏକ ସଂକଳ୍ପ ପାରିତ କରାଯିବ। ପରେ ଭାରତୀୟ ସମ୍ବିଧାନର ଧାରା ୧୬୯ ଅନୁଯାୟୀ ପାର୍ଲାମେଣ୍ଟର ଅନୁମୋଦନ ପାଇଁ ଏହାକୁ ପଠାଯିବ। ପାର୍ଲାମେଣ୍ଟରେ ଏ ନେଇ ଏକ ବିଲ୍ ଆଗତ ହେବ। ପାର୍ଲାମେଣ୍ଟର ଅନୁମୋଦନ ପରେ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ସ୍ୱୀକୃତି ପାଇଁ ପଠାଯିବ। ରାଷ୍ଟ୍ରପତି ଏହା ଉପରେ ମୋହର ମାରିବା ପରେ ବିଧାନ ପରିଷଦ ଗଠନ ପ୍ରକ୍ରିୟା ରାଜ୍ୟ ସରକାର ଆରମ୍ଭ କରିବେ। ଏହା ଏକ ଲମ୍ବା ପ୍ରକ୍ରିୟା ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ପରିଷଦ ଗଠନ କରିବା ପାଇଁ ଲକ୍ଷ୍ୟ ରଖିଥିବା କୁହାଯାଉଛି। ଆସନ୍ତା ବିଧାନସଭାରେ ପରିଷଦ ଗଠନ ନେଇ ସର୍ବସମ୍ମତ ସଂକଳ୍ପ ଗୃହୀତ କରାଇ କେନ୍ଦ୍ର ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ ରାଜ୍ୟ ସରକାର ସମସ୍ତ ପ୍ରସ୍ତୁତି ଚଳାଇଛନ୍ତି। କ୍ୟାବିନେଟ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ରାଜ୍ୟରେ ବିଧାନ ପରିଷଦ ଗଠନ ପାଇଁ ରାଜ୍ୟ ସରକାର ବିଧାୟକ ☞ ପୃଷ୍ଠା-୪

**କ୍ୟାବିନେଟ ନିଷ୍ପତ୍ତି**
- ଆସନ୍ତା ବିଧାନସଭା ଅଧିବେଶନରେ ଆସିବ ସଂକଳ୍ପ
- ୬ ବର୍ଷ କାର୍ଯ୍ୟକାଳ, ୪୯ ସଭ୍ୟ ରହିବେ
- ଏହା ଏକ ଥଇଥାନ ସଂସ୍ଥା ହେବ: କଂଗ୍ରେସ

# ମାଓବାଦୀଗଡ଼ରୁ ଏମ୍‌ବିବିଏସ୍

## ସଂଘର୍ଷ- ସଫଳତାର ଉଦାହରଣ ସୃଷ୍ଟିକଲେ ମାୟା

ମାଲକାନଗିରି, ୨୪।୮ (ଡି.ଏନ.ଏ.)

ଛତିଶଗଡ ରାଜ୍ୟର ମାଓବାଦୀ ଅଧ୍ୟୁଷିତ ସୁକ୍‌ମା ଜିଲା ଦୋର୍ନାପାଲରୁ ପ୍ରଥମ ଥର ପାଇଁ ଛାତ୍ରୀ ମାୟା ଏମ୍‌ବିବିଏସ୍ ପଢିବାର ସୁଯୋଗ ପାଇଛନ୍ତି। ଗତ ଜୁନ୍‌ରେ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଇଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍)ରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କର ଦୀର୍ଘଦିନର ସ୍ୱପ୍ନ ସଫଳ ହୋଇଛି। ମାଲକାନଗିରି ଜିଲା ପଡିଆ ବ୍ଲକଠାରୁ ୨୦ କିଲୋମିଟର ଦୂର ଛତିଶଗଡ଼ର ଦୋର୍ନାପାଲରେ ମାୟାଙ୍କ ଘର। ଏକ ସରକାରୀ ବିଦ୍ୟାଳୟରେ ପାଠପଢା ଆରମ୍ଭ କରିଥିବା ମାୟା ଅମ୍ବିକାପୁର ମେଡିକାଲ କଲେଜରେ ଅଧ୍ୟୟନ କରିବେ। ୨୦୨୩ରେ ତାଙ୍କର ପାଠପଢା ସରିବ। ତାଙ୍କୁ ଯେତେବେଳେ ୧୦ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ବାପା ଆରପାରିକୁ ଚାଲିଯାଇଥିଲେ। ପରିବାରରେ ତାଙ୍କ ସମେତ ୩ଜଣଙ୍କୁ ତାଙ୍କ ମାଆ ବହୁ କଷ୍ଟରେ ଚଳାଉଥିଲେ। ଯେତେବେଳେ ସେ ମେଡିକାଲ ପାଇଁ ନିଟ୍‌ରେ ପ୍ରସ୍ତୁତ ହେଉଥିଲେ ସେସମୟରେ ତାଙ୍କୁ ଘରୁ ମାସିକ ମାତ୍ର ୫ଶହ ଟଙ୍କା ଖର୍ଚ୍ଚ ବାବଦକୁ ମିଳୁଥିଲା। ସମସ୍ତ ଆର୍ଥିକ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ମାୟା ସଫଳତା ପାଇଛନ୍ତି। ଡାକ୍ତର ହୋଇ ଲୋକଙ୍କ ସେବା କରିବା ମୋର ବହୁ ଦିନର ସ୍ୱପ୍ନ ଥିଲା। ଏବେ ତାହା ସଫଳ ହୋଇଛି। ମୁଁ ସଚ୍ଚୋଟ ଭାବେ ଲୋକଙ୍କ ସେବା କରିବି ବୋଲି ଏହି ଅବସରରେ ମାୟା କହିଛନ୍ତି।



ମା'ଙ୍କ ସହ ମାୟା।

■ ମହିଳାଙ୍କ ଉପରକୁ ମାଡ଼ିଗଲା ଭାଜପା ଏମ୍‌ପିଙ୍କ ଗାଡ଼ି

# ଜଣେ ମୃତ, ଜଣେ ଗୁରୁତର

ଗୁଣ୍ଟୁର, ୨୪।୮



ଦୁଇଜଣ ମହିଳାଙ୍କ ଉପରକୁ ମାଡ଼ିଗଲା ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତଥା ରାଜ୍ୟସଭା ସଦସ୍ୟ ଜି.ଭି.ଏଲ୍. ନରସିଂହ ରାଓଙ୍କ ଗାଡ଼ି। ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଅନ୍ତର୍ଗତ ତାଡେପଲ୍ଲୀ ନିକଟବର୍ତ୍ତୀ କୋଲାନୁକୋଣ୍ଡା ଗ୍ରାମରେ ଶୁକ୍ରବାର ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଜଣେ ମହିଳା ଘଟଣାସ୍ଥଳରେ ପ୍ରାଣ ହରାଇଥିବାବେଳେ ଅନ୍ୟ ଜଣକୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ପ୍ରାଥମିକ ରିପୋର୍ଟ ମୁତାବକ, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବାବେଳେ ଡ୍ରାଇଭର ଜଣକ ଭାରସାମ୍ୟ ହରାଇ ପଥଚାରୀଙ୍କ ଉପରକୁ ଚଢ଼ାଇ ଦେଇଥିଲେ। ଡ୍ରାଇଭରଙ୍କୁ ଗିରଫ କରାଯାଇଛି। ଦୁର୍ଘଟଣା ସମୟରେ ଏମ୍‌ପି ନରସିଂହ ମଧ୍ୟ ଗାଡ଼ିରେ ବସିଥିଲେ। ଦୁର୍ଘଟଣା ପରେ ଅନ୍ୟ ଏକ ଗାଡ଼ିରେ ସେ ତୁରନ୍ତ ସେଠାରୁ ଚାଲିଯାଇଥିବା ଜଣାପଡ଼ିଛି।

**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

## କିଛି ତଥ୍ୟ

ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ସପ୍ତାହ ମଧ୍ୟରେ ୩୩.୨ ନିୟୁତ ଡଲାର ହ୍ରାସ ଘଟି ୪୦୦.୮୪୭ ବିଲିୟନ ଡଲାରକୁ ଖସିଛି। ଏହାର ପୂର୍ବବର୍ତ୍ତୀ ସପ୍ତାହରେ ଏଥିରେ ୧.୮୨୨ ବିଲିୟନ ଡଲାର ହ୍ରାସ ଘଟି ୪୦୦.୮୮୧ ବିଲିୟନ ଡଲାର ରହିଥିଲା। – ଆର୍‌ବିଆଇ ତଥ୍ୟ




ଧରିତ୍ରୀ
DHARITRI
ଶନିବାର, ୨୫ ଅଗଷ୍ଟ, ୨୦୧୮



ସମଗ୍ର ଦେଶରେ ଏବେ ଅରାଜକତା ଚାଲିଛି। ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ଭାଜପା ଦାୟୀ। ଲୋକମାନେ କ'ଣ ଖାଇବେ, ତାହା ମଧ କ'ଣ ଗୈରିକ ଦଳ ନିଷ୍ପତ୍ତି ନେବ।

- ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନ ବିବାଦ

### ବିରୋଧୀଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ/କଲିକତା, ୨୪।୮(ପି.ଟି.):** ନିକଟରେ ଶେଷ ହୋଇଥିବା ପଶ୍ଚିମବଙ୍ଗ ପଞ୍ଚାୟତ ନିର୍ବାଚନରେ ୨୦,୦୦୦ରୁ ଅଧିକ ପଞ୍ଚାୟତ ଆସନରେ ପ୍ରାର୍ଥୀମାନେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ହୋଇଥିଲେ। ସେଥିରେ ଅଧିକାଂଶ ପ୍ରାର୍ଥୀ ଥିଲେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର। ତେବେ ପଞ୍ଚାୟତ ନିର୍ବାଚନକୁ ରଦ୍ଦ କରିବା ଲାଗି ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଥିଲେ। କିନ୍ତୁ ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଶୁକ୍ରବାର ଖାରଜ କରିଦେଇଛନ୍ତି। ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲେ ଏହାକୁ ମଝିରେ ଅଟକାଯାଇ ପାରିବ ନାହିଁ ବୋଲି ଏହାର ଆଇନଗତ ସମାଧାନ ଦିଗକୁ ଆଲୋକପାତ କରି ଅଦାଲତ କହିଛନ୍ତି। ଏହାସହ ଇମେଲ୍ ଏବଂ ହ୍ୱାଟ୍ସଆପ୍ ଇଲେକ୍ଟ୍ରୋନିକ୍ସ ମାଧମରେ ନାମାଙ୍କନପତ୍ର ଦାଖଲ କରିବା ନେଇ କଲିକତା ହାଇକୋର୍ଟ ରାଜ୍ୟ ନିର୍ବାଚନ କମିଶନକୁ ଦେଇଥିବା ନିର୍ଦ୍ଦେଶନାମାକୁ ମଧ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତା ବିଶିଷ୍ଟ ସର୍ବୋଚ୍ଚ ଅଦାଲତ ଅସିଦ୍ଧ ଘୋଷଣା କରିଛନ୍ତି।

### ପାକିସ୍ତାନୀ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୪।୮(ପି.ଟି.):** ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଶୁକ୍ରବାର ଏନ୍‌କାଉଣ୍ଟର ବେଳେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ଟଳିପଡ଼ିଥିବା ଆତଙ୍କବାଦୀ ହେଉଛନ୍ତି ଜୈଶ୍-ଇ-ମହମ୍ମଦ (ଜେଇଏମ୍)ର ସଦସ୍ୟ। ଜଣେ ପୋଲିସ ମୁଖପାତ୍ରଙ୍କ କହିବା ଅନୁଯାୟୀ, କୋକେରନାଗ ଅଞ୍ଚଳର ଭୈଲୁଠାରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିବା ପରେ ସେଠାରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଗୁଳି ବିନିମୟ ବେଳେ ଉକ୍ତ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ତାଙ୍କଠାରୁ ବିପୁଳ ଅସ୍ତ୍ର ଜବତ ହୋଇଛି।

### ପେରୁରେ ଶକ୍ତିଶାଳୀ ଭୂକମ୍ପ

**ୱାଶିଂଟନ୍,୨୪।୮(ପି.ଟି.):** ବ୍ରାଜିଲ ସୀମାନ୍ତରେ ପୂର୍ବ ପେରୁରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତାର ୭.୧ ରହିଥିଲା। ଦେଶର ଆଇବେରିଆ ସହରଠାରୁ ୧୪୦ କିଲୋମିଟର ପଶ୍ଚିମରେ ଏହାର ଉତ୍ପତ୍ତିସ୍ଥଳ। ଏହା ୬୦୯ କି.ମି. ଗଭୀର ବୋଲି ଆମେରିକା ଜିଓଲୋଜିକାଲ୍ ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି।

### 'କିସିଂ ବାବା' ଗିରଫ

**ମୋରିଗାଓଁ,୨୪।୮:** ଯୌନ ନିର୍ଯାତନା ଅଭିଯୋଗରେ ବନ୍ଧାହେଲେ 'ଚୁମ୍ବନ ବାବା' (କିସିଂ ବାବା)। ଆସାମର ମୋରିଗାଓଁ ଅନ୍ତର୍ଗତ ଭୋରାଲ୍‌ଟୁପ୍ ଗ୍ରାମର ବାବା ରାମପ୍ରକାଶ ଚୌହାନ୍ ମାନସିକ ଏବଂ ଶାରୀରିକ କଷ୍ଟ ଦୂର କରିବା ଆଳରେ ମହିଳାଙ୍କୁ ଚୁମ୍ବନ ଏବଂ ଆଲିଙ୍ଗନ କରିଥାନ୍ତି। ବାବାଙ୍କ ଏଭଳି ବ୍ୟବହାର ଯୋଗୁ ଅନୁଗାମୀମାନେ ତାଙ୍କୁ 'କିସିଂ ବାବା' ବୋଲି କହୁଥିଲେ। ନିଜକୁ ଭଗବାନ ବୋଲାଉଥିବା ରାମପ୍ରକାଶ ନିଜକୁ ଅଲୌକିକ ଶକ୍ତିର ଅଧିକାରୀ ବୋଲି ଦାବି କରୁଥିଲେ। ଗ୍ରାମରେ ଏକ ମନ୍ଦିର ପ୍ରତିଷ୍ଠା କରିଥିଲେ। ମହିଳାମାନେ ଉକ୍ତ ମନ୍ଦିରକୁ ଯାଇ ବାବାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ। ତାଙ୍କର ଏଭଳି ବ୍ୟବହାର ସମ୍ପର୍କରେ ଖବର ପାଇବା ପରେ ପୋଲିସ ସତର୍କ ହୋଇଯାଇଥିଲା। ଅଗଷ୍ଟ ୨୨ରେ ଭୋରାଲ୍‌ଟୁପ୍ ଗ୍ରାମରୁ ତାଙ୍କୁ ଗିରଫ କରାଯାଇଥିଲା। ବାବା ଚୌହାନ୍‌ଙ୍କ ମା'ଙ୍କୁ ମଧ ଗିରଫ କରାଯାଇଛି।

[ଇତିହାସର ଆଇନାରେ]

### ଅଗଷ୍ଟ ୨୫ର ପ୍ରମୁଖ ଘଟଣା

୧୯୩୩ ଅଗଷ୍ଟ ୨୫ରେ ଚାଇନାର ସିଚୁଆନ୍ ପ୍ରଦେଶ ଅନ୍ତର୍ଗତ ମାଓ କାଉଣ୍ଟିର ଡିକ୍ସି ସହରରେ ଭୟାବହ ଭୂକମ୍ପ ଘଟିଥିଲା। ଏଥିରେ ପ୍ରାୟ ୯ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

୧୯୯୧ ଅଗଷ୍ଟ ୨୫ରେ ସୋଭିଏଟ୍ ୟୁନିୟନଠାରୁ ବେଲାରୁସ୍ ସ୍ୱାଧୀନତା ହାସଲ କରିଥିଲା। ସୋଭିଏଟ୍ ୟୁନିୟନ୍ ଭାଙ୍ଗିଯିବା ସମୟରେ ୧୯୯୦ ଜୁଲାଇ ୨୭ରେ ବେଲାରୁସ୍ ପାର୍ଲାମେଣ୍ଟ ସାର୍ବଭୌମତ୍ୱ ଘୋଷଣା କରିଥିଲା। ଏହାର ପ୍ରାୟ ୫ବର୍ଷ ପରେ ପୂର୍ବ ୟୁରୋପର ଏହି ଦେଶ ସ୍ୱାଧୀନ ହୋଇଥିଲା।

■ କେରଳ ବନ୍ୟାକୁ ନେଇ ରାଜନୈତିକ ଉଷ୍ମତା

# ସଙ୍କଟବେଳେ ନାଟ

**ନୂଆଦିଲ୍ଲୀ/କୋଚି, ୨୪।୮(ପି.ଟି.)**

ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବରେ ରଣଭୂମି ପାଲଟିଥିବା କେରଳରେ ଏବେ ଲୋକେ ଜୀବନଜୀବିକା ପାଇଁ ବାଟ ଖୋଜୁଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଏବଂ କ୍ଷୁଧା ମେଣ୍ଟାଇବାକୁ ଆହାର ପାଇଁ ଅନ୍ୟର ହାତକୁ ଚାହିଁରହିଛନ୍ତି। ଏଭଳି ସଙ୍କଟ ଦେଇ କେରଳୀମାନେ କାଳାତିପାତ କରୁଥିବାବେଳେ ବନ୍ୟାକୁ ନେଇ ଜୋର୍ ଧରିଛି ରାଜନୀତି ନାଟ। ବିଦେଶୀ ପାଣ୍ଠିକୁ ନେଇ ରାଜନୈତିକ ପାଣିପାଗ ଉଷ୍ମ ଥିବାବେଳେ ଶୁକ୍ରବାର ଏକ ଭିନ୍ନ ମୋଡ଼ ଆସିଛି। କେରଳକୁ କେତେ ପରିମାଣରେ ଆର୍ଥିକ ସହାୟତା ଯୋଗାଇଦିଆଯିବ ସେ ନେଇ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ବିଧିବଦ୍ଧ ନିଷ୍ପତ୍ତି ଗ୍ରହଣ କରିନାହିଁ। ତେଣୁ ପାଣ୍ଠି ଦାନ ସମ୍ପର୍କରେ ଘୋଷଣାର ପ୍ରଶ୍ନ ଉଠୁନାହିଁ ବୋଲି ୟୁଏଇ ଦୂତାବାସର ଜଣେ ଅଧିକାରୀ କହିଛନ୍ତି। ତାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କୁ ଘେରିଛି ବିରୋଧୀ ଭାଜପା। ୟୁଏଇ ୭୦୦ କୋଟି ଟଙ୍କା ସହାୟତା ଦେବାକୁ ଘୋଷଣା କରି ନ ଥିଲା ବେଳେ ବିଜୟନ୍ ଆପେ ଆପେ କହିବୁଲୁଛନ୍ତି। ତାଙ୍କୁ ଏ ସୂଚନା କିଏ ଦେଇଛନ୍ତି ବୋଲି ଭାଜପା ପ୍ରଶ୍ନ କରିଛି। ନିକଟରେ କେରଳ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ସୂଚନା ଦେଇଥିଲେ ଯେ, କେରଳ ବନ୍ୟା ବିପନ୍ନଙ୍କ ଉଦ୍ଦେଶ୍ୟରେ ୟୁଏଇ ୭୦୦ କୋଟି ଟଙ୍କା ଦେବ। କାତାର ଓ ମାଳଦ୍ୱୀପ ମଧ ସହାୟତାର ହାତ ବଢ଼ାଇଛନ୍ତି। କିନ୍ତୁ ବିଦେଶୀ ରାଷ୍ଟ୍ରଗୁଡ଼ିକର ଆର୍ଥିକ ସହାୟତାକୁ କେନ୍ଦ୍ର ସରକାର ପ୍ରତ୍ୟାଖ୍ୟାନ କରିଦେବା ପରେ କେରଳର ଶାସକ ଏଲ୍‌ଡିଏଫ୍, କଂଗ୍ରେସ ଓ ଅନ୍ୟଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଛନ୍ତି। କାଦୁଅଫିଙ୍ଗା ଚାଲିଥିଲାବେଳେ ଶୁକ୍ରବାର ୟୁଏଇ ଆମ୍ବାସାଡର ଅହମ୍ମଦ ଅଲ୍‌ବାନ୍ନମ୍ ଯେଉଁ ଖୁଲାସା କଲେ, ତାହା ବିଜୟନ୍‌ଙ୍କୁ ଲଜ୍ଜିତ କରିଛି। ଅଲ୍‌ବାନ୍ନମ୍ କହିଛନ୍ତି, କେରଳବାସୀଙ୍କୁ ରିଲିଫ୍ ସହାୟତା ଯୋଗାଇବା ପାଇଁ ୟୁଏଇ ସରକାର କେବଳ ଏକ ଜାତୀୟ ଜରୁରିକାଳୀନ କମିଟି ଗଠନ କରିଛନ୍ତି। କୌଣସି ଆର୍ଥିକ ସହାୟତା ବିଷୟରେ ସରକାରୀ ସ୍ତରରେ ଘୋଷଣା ହୋଇନାହିଁ। ୟୁଇଏ ସରକାର କେରଳ ବିପନ୍ନଙ୍କୁ କେଉଁ ପ୍ରକାର ସହଯୋଗ କରିବେ, ତାହା ଆଗାମୀ କିଛିଦିନ ମଧରେ ସ୍ପଷ୍ଟ ହୋଇଯିବ। ୟୁଏଇ ରାଷ୍ଟ୍ରଦୂତଙ୍କ ମନ୍ତବ୍ୟ ପରେ କେରଳର ଭାଜପା ମୁଖ୍ୟ ପି.ଏସ୍. ଶ୍ରୀଧରନ୍ ପିଲ୍ଲାଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ୟୁଏଇ କୌଣସି ପ୍ରକାର ଘୋଷଣା କରି ନ ଥିବାବେଳେ ବିଜୟନ୍ କେନ୍ଦ୍ର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ନାରାବାଜି ଚଳାଇଛନ୍ତି। ସେ କେଉଁ ସୂତ୍ରରୁ ଏଭଳି ମିଥ୍ୟା ସୂଚନା ପାଇଲେ, ତାହାର ଜବାବ ଦିଅନ୍ତୁ। ଚଳିତ ସପ୍ତାହରେ ଏକ ଖବରଦାତା ସମ୍ମିଳନୀରେ ବିଜୟନ୍ କହିଥିଲେ ଯେ, ମଧ୍ୟପ୍ରାଚ୍ୟର ପ୍ରମୁଖ ବ୍ୟବସାୟୀ ଏମ୍.ଏ. ୟୁସୁଫ୍ ତାଙ୍କୁ ୟୁଏଇର ସହାୟତା ବିଷୟରେ ସୂଚନା ପ୍ରଦାନ କରିଥିଲେ।

### ବିଦେଶୀ ପାଣ୍ଠିକୁ ନେଇ ବାକ୍‌ଯୁଦ୍ଧ



ଅହମ୍ମଦ ଅଲ୍‌ବାନ୍ନମ୍



ପିନାରାୟୀ ବିଜୟନ

- ■ ଆର୍ଥିକ ସହାୟତା ଘୋଷଣା କରିନି ୟୁଏଇ
- ■ ସ୍ପଷ୍ଟ କଲେ ଆରବ ରାଷ୍ଟ୍ରଦୂତ
- ■ କେରଳ ମୁଖ୍ୟମନ୍ତ୍ରୀ ଅପଦସ୍ଥ
- ■ ବିଜୟନ୍‌ଙ୍କୁ ଘେରିଲା ଭାଜପା
- ■ କେଉଁଠୁ ପାଇଲ ସୂଚନା, ଉତ୍ତର ଦିଅ

ମାମଲା ଶୁଣାଣିର ସିଧା ପ୍ରସାରଣ

# ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ

**ନୂଆଦିଲ୍ଲୀ,୨୪।୮(ପି.ଟି.)**

କୋର୍ଟରୁମ୍‌ରେ ମାମଲାର ବିଚାର ଚାଲିଥିବାବେଳେ ଟେଲିଭିଜନରେ ଏହାର ସିଧା ପ୍ରସାରଣ ନେଇ ଦାଏର ଏକାଧିକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ସୁପ୍ରିମକୋର୍ଟରେ ଶେଷ ହୋଇଛି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହା ସପକ୍ଷରେ ଟିପ୍ପଣୀ ଦେଇ ରାୟ ସଂରକ୍ଷିତ ରଖିଛନ୍ତି।

ଦେଶର ସାଧାରଣ ଜନତା ଘରେ ବସି ଟିଭି ଚ୍ୟାନେଲରେ ଖେଳ, ଲୋକ ସଭା/ ରାଜ୍ୟ ସଭାରେ ଗୃହକାର୍ଯ୍ୟ ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ଭଳି କୋର୍ଟରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଦେଖିପାରିବେ। ଖୁବ୍‌ଶୀଘ୍ର ଏହା ସତରେ ପରିଣତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। କୋର୍ଟରୁମ୍‌ଗୁଡ଼ିକରେ ଅଯଥା ଭିଡ଼ କମାଇବା ପାଇଁ 'ଖୋଲା କୋର୍ଟ'ର ଧାରଣାକୁ କାର୍ଯ୍ୟକାରୀ କରାଇ ଏହାକୁ ବାସ୍ତବ ରୂପ ଦେବାକୁ ଚାହୁଁଥିବା ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଛନ୍ତି। ଆର୍ଟର୍ନି ଜେନେରାଲ କେ.କେ. ବେଣୁଗୋପାଳ କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ନେଇ ଗାଇଡ୍‌ଲାଇନ୍ ସମ୍ପର୍କିତ ପ୍ରସ୍ତାବଗୁଡ଼ିକ ଶୁକ୍ରବାର ସୁପ୍ରିମକୋର୍ଟରେ ଉପସ୍ଥାପନ କରିଛନ୍ତି। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ପ୍ରସଙ୍ଗରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ଖଣ୍ଡପୀଠ କହିଛନ୍ତି, କୋର୍ଟରୁ ସିଧା ପ୍ରସାରଣ କରାଗଲେ କିଛି ଅସୁବିଧା ହେବ ନାହିଁ। ପ୍ରଥମେ ଏହାକୁ ଆରମ୍ଭ କରାଯାଉ ଓ ଆଗକୁ ଏହା କିପରି ଚାଲୁଛି ଦେଖାଯାଉ। ଆମେ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରିପାରିବା ବୋଲି ଖଣ୍ଡପୀଠ କହିଛନ୍ତି। ଆର୍ଟର୍ନି ଜେନେରାଲ ବେଣୁଗୋପାଳ କହିଥିଲେ, ସାମ୍ବିଧାନିକ ବିଶେଷତ୍ୱ ବହନ କରୁଥିବା ମାମଲାଗୁଡ଼ିକର ସିଧା ପ୍ରସାରଣ ଭାରତର ମୁଖ୍ୟ ବିଚାରପତି (ସିଜେଆଇ)ଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇପାରେ। ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନଙ୍କ ଅଦାଲତ ଏବଂ ସାରା ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ମାମଲାଗୁଡ଼ିକର ସିଧା ପ୍ରସାରଣ ଏହି ପ୍ରେଜେକ୍ଟର ସଫଳତା ଉପରେ ନିର୍ଭର କରେ। ବ୍ୟକ୍ତିଗତ ଗୋପନୀୟତା ବା ଜାତୀୟ ନିରାପତ୍ତା ଭଳି ସମ୍ବେଦନଶୀଳ ମାମଲାର ବିଚାର ବେଳେ କିମ୍ବା ଆଇନଜୀବୀ ଦୁର୍ବ୍ୟବହାର ଦେଖାଇଲେ ବିଚାରପତି ଶବ୍ଦକୁ ଶୁଣି ନ ହେବା ଭଳି ଶକ୍ତିହୀନ (ମ୍ୟୁଟ୍) କରିପାରିବେ। ଏଥିସକାଶେ ଲାଇଭ୍ ଷ୍ଟ୍ରିମିଂକୁ ୭୦ ସେକେଣ୍ଡ ବିଳମ୍ବ କରାଯିବା ଉଚିତ। ସମସ୍ତ ପକ୍ଷ, ଖବରଦାତା, ଆଇନଜୀବୀ ଓ ପରିଦର୍ଶକମାନେ ଯେପରି ସିଧା ପ୍ରସାରଣ ଦେଖିପାରିବେ ସେଥିପାଇଁ ଅଦାଲତ ପରିସରରେ ଏକ ମିଡିଆ ରୁମ୍ ପ୍ରତିଷ୍ଠା କରାଗଲେ ଭିଡ଼ ହ୍ରାସ ପାଇବ ବୋଲି ବେଣୁଗୋପାଳ ପ୍ରସ୍ତାବ ଦେଇଥିଲେ। ପ୍ରକାଶ ଯେ, ବରିଷ୍ଠ ଆଇନଜୀବୀ ଇନ୍ଦିରା ଜୟସିଂ, ରାଜସ୍ଥାନର ଯୋଧପୁରସ୍ଥିତ ନ୍ୟାଶନାଲ ଲ ୟୁନିଭର୍ସିଟି ଛାତ୍ର ସ୍ୱପ୍ନିଲ ତ୍ରିପାଠୀ ଏବଂ ଅନ୍ୟ କେତେଜଣ ଆବେଦନକାରୀ ସିଧା ପ୍ରସାରଣ ପାଇଁ ପିଟିଶନ ଦାଏର କରିଥିଲେ।

### କୋର୍ଟରୁମ୍‌ରେ ଭିଡ଼ କମିବ

- ■ ପ୍ରସ୍ତାବ ସପକ୍ଷରେ କେନ୍ଦ୍ର ସରକାର
- ■ ସିଜେଆଇଙ୍କ ଅଦାଲତରୁ ପାଇଲଟ ପ୍ରୋଜେକ୍ଟ
- ■ ସଫଳ ହେଲେ ଦେଶର ଅନ୍ୟ କୋର୍ଟଗୁଡ଼ିକରୁ ହୋଇପାରେ ସିଧା ପ୍ରସାରଣ



# ୩୩ ଦୋଷୀ: ୧୨ ଜଣଙ୍କୁ ଆଜୀବନ କାରାଦଣ୍ଡ

**ନୂଆଦିଲ୍ଲୀ, ୨୪।୮(ପି.ଟି.)**

### ମିର୍ଚପୁର ଦଳିତ ହତ୍ୟା ମାମଲା

ମିର୍ଚପୁର ଦଳିତ ହତ୍ୟା ମାମଲାରେ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ୩୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତନ୍ମଧ୍ୟରୁ ୧୨ ଦୋଷୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି। ତଳକୋର୍ଟ ଦ୍ୱାରା ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୨୧ ଜଣଙ୍କୁ ଦୋଷୀ ପ୍ରମାଣ କରାଯାଇଛି। ଏମାନଙ୍କ ଦଣ୍ଡ ଅବଧି ଭିନ୍ନ ଭିନ୍ନ ରହିଛି। ସ୍ୱାଧୀନତାର ୭୧ ବର୍ଷ ପରେ ବି ଅନୁସୂଚିତ ଜାତିର ଲୋକଙ୍କ ପ୍ରତି ଅତ୍ୟାଚାର ଥମୁ ନାହିଁ ବୋଲି ଜଷ୍ଟିସ୍ ମୁରଲୀଧର ଏବଂ ଜଷ୍ଟିସ୍ ଆଇ.ଏସ୍. ମେହଟାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ୨୦୧୦ ଏପ୍ରିଲରେ ହରିୟାଣାର ହିସାର ଜିଲା ଅନ୍ତର୍ଗତ ମିର୍ଚପୁର ଗ୍ରାମରେ ଜାଟ୍ ଓ ଦଳିତ ସମ୍ପ୍ରଦାୟ ମଧରେ ହିଂସା ଘଟିଥିଲା। ଏପ୍ରିଲ ୧୯, ୨୦ ଓ ୨୧ରେ ବାଲ୍ମୀକି ସମ୍ପ୍ରଦାୟର ଲୋକଙ୍କୁ ଜାଟ୍‌ମାନେ ଅନେକ ଅତ୍ୟାଚାର କରିଥିଲେ। ଜଣେ ୬୦ ବର୍ଷୀୟ ଦଳିତ ବ୍ୟକ୍ତିଙ୍କ ଘରେ ଜାଟ୍‌ମାନେ ନିଆଁ ଲଗାଇଦେବାରୁ ସେ ଓ ତାଙ୍କର ଦିବ୍ୟାଙ୍ଗ ଝିଅ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏହି ହତ୍ୟା ମାମଲାରେ ୨୦୧୧ ସେପ୍ଟେମ୍ବର ୨୪ରେ ତଳକୋର୍ଟ ୯୭ ଅଭିଯୁକ୍ତଙ୍କ ମଧ୍ୟରୁ ୧୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୮୨ ଜଣଙ୍କୁ ଦୋଷମୁକ୍ତ କରିଥିଲେ। ଦୁଇ ଦୋଷୀଙ୍କ ମୃତ୍ୟୁ ହୋଇସାରିଛି। ଅନ୍ୟ ୧୩ ଦୋଷୀ ତଳକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫୁର୍‌ସତ

# ସାଟେଲାଇଟ୍ କହିବ ବରଫ ତରଳିବାର କାରଣ

**ୱାଶିଂଟନ୍:** ନାସା ଆସନ୍ତା ମାସରେ ଲେଜର-ବାହୁଯୁକ୍ତ ସାଟେଲାଟ୍ ମହାକାଶକୁ ଛାଡ଼ିବ। ପୃଥିବୀର ମେରୁ ଅଞ୍ଚଳରେ ବରଫ ପର୍ବତ କିପରି ଏତେ ଦ୍ରୁତଗତିରେ ତରଳୁଛି ସେ ସମ୍ପର୍କରେ ଏହା ଅନୁଧ୍ୟାନ କରିବ।

ଏଇ କିଛିବର୍ଷ ହେଲା ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ଅପ୍ରତ୍ୟାଶିତ ଭାବରେ ବରଫ ଖଣ୍ଡ ତରଳିବା ଯୋଗୁ ବିଶ୍ୱ ସ୍ତରରେ ସମୁଦ୍ରପତ୍ତନ ବର୍ଷକୁ ୧ ମିଲିମିଟରରୁ ଊର୍ଦ୍ଧ୍ୱ ବୃଦ୍ଧି ପାଉଛି। ବରଫ ଖଣ୍ଡ ଏତେ ଦ୍ରୁତଗତିରେ ତରଳିବାର କାରଣ କ'ଣ ସେ ସମ୍ପର୍କିତ ତଥ୍ୟ ଏହି ସାଟେଲାଇଟ୍ ଦ୍ୱାରା ମିଳିପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି। ଏହାକୁ ଆଇସ୍, କ୍ଲାଉଡ ଆଣ୍ଡ ଲ୍ୟାଣ୍ଡ ଏଲିଭେଶନ୍ ସାଟେଲାଇଟ୍-୨ (ଆଇସ୍‌ସାଟ୍-୨) କୁହାଯାଉଛି। ଏହି ସାଟେଲାଇଟ୍‌କୁ ସେପ୍ଟେମ୍ବର ୧୫ରେ କାଲିଫର୍ନିଆର ଭାଣ୍ଡେନବର୍ଗ ଏୟାରଫୋର୍ସ ବେସ୍‌ରୁ ଲଞ୍ଚ କରାଯିବ। ଆଇସ୍‌ସାଟ୍-୨ ଗ୍ରୀନଲାଣ୍ଡ ଓ ଆଣ୍ଟାର୍କଟିକାରେ ସମୁଦ୍ରପତ୍ତନଠାରୁ ବରଫଖଣ୍ଡର ଉଚ୍ଚତା ବର୍ଷକୁ କେତେ ହ୍ରାସ ପାଉଛି ତାହା ମାପ କରିପାରିବ। ଏହି ସାଟେଲାଇଟ୍‌ର ନୂତନ ପର୍ଯ୍ୟବେକ୍ଷଣଭିତ୍ତିକ ଜ୍ଞାନକୌଶଳ ଦ୍ୱାରା ବରଫଖଣ୍ଡ ତରଳିବା ଏବଂ ଏହାଦ୍ୱାରା ସମୁଦ୍ରପତ୍ତନ କିପରି ବୃଦ୍ଧି ପାଉଛି ତାହା ବୈଜ୍ଞାନିକଙ୍କୁ ଜଣାଇ ଦେଇପାରିବ ବୋଲି ନାସାର ସାଇନ୍ସ ମିଶନ୍ ନିର୍ଦ୍ଦେଶାଳୟ ଅନ୍ତର୍ଗତ ଆର୍ଥ ସାଇନ୍ସ ଡିଭିଜନ୍ ନିର୍ଦ୍ଦେଶକ ମାଇକେଲ୍ ଫ୍ରେଲିଚ ପ୍ରକାଶ କରିଛନ୍ତି।



# ପିଲାଙ୍କ ପଢ଼ାସାଥୀ ରୋବୋ

**ୱାଶିଂଟନ:** ବୈଜ୍ଞାନିକମାନେ ଏକ ନୂଆ ରୋବୋ (ଯନ୍ତ୍ର ମାନବ) ବିକଶିତ କରିଛନ୍ତି। ଏହା ପିଲାଙ୍କ ପଢ଼ାସାଥୀ ହୋଇ ପାରିବ। ପିଲା ପଢୁଥିବା ବେଳେ ଏହା ଧ୍ୟାନର ସହିତ ଶୁଣି ମଣିଷ ଭଳି ପ୍ରତିକ୍ରିୟା କରିପାରିବ। ଏହି ରୋବୋର ନାମ 'ମିନି' ରଖାଯାଇଛି। ବୈଜ୍ଞାନିକମାନେ ଏଥିପାଇଁ ଏକ ପରୀକ୍ଷା କରିଥିଲେ। ଦୁଇ ସପ୍ତାହ ଧରି ରୋବୋ ସହିତ ପଢ଼ିବା ପରେ ପିଲାମାନେ ଖୁବ୍ ଉତ୍ସାହିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଏ ସମ୍ପର୍କରେ ଆମେରିକାର ୱିସ୍‌କନସିନ୍-ମାଡିସନ୍ ୟୁନିଭର୍ସିଟିର ଗ୍ରାଜୁଏଟ୍ ଛାତ୍ର ଯୋସେଫ୍ ମାଇକେଲ କହନ୍ତି, ରୋବୋ ସହିତ ପାଠପଢ଼ା ସମ୍ପର୍କରେ ପିଲାଙ୍କୁ ପ୍ରଶ୍ନ କରାଯାଇଥିଲା। ରୋବୋ ଖୁବ୍ ମଜାଳିଆ ଏବଂ ସାଦାସିଧା ବୋଲି ସେମାନେ ବର୍ଣ୍ଣନା କରିଥିଲେ। ସେମାନେ ପୁଣିଥରେ ରୋବୋ ସାଥିରେ ପଢ଼ିବାକୁ ଖୁବ୍ ଆଗ୍ରହୀ ଥିବା ପ୍ରକାଶ କରିଥିଲେ। ଉକ୍ତ ରୋବୋ ପିଲାଙ୍କ ବହିପଢ଼ା ଶୁଣିବା ସହିତ ପ୍ରତିକ୍ରିୟା ପ୍ରକାଶ କରେ।





ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଅଧିକାଂଶ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୧ | ୨୫.୮ |
| ଚାନ୍ଦବାଲି | ୩୫.୨ | ୨୬.୭ |
| କଟକ | ୩୩.୬ | ୨୫.୦ |
| ପାରାଦ୍ୱୀପ | ୩୩.୩ | ୨୭.୭ |
| ଭୁବନେଶ୍ୱର | ୩୩.୨ | ୨୫.୦ |
| ଗୋପାଳପୁର | ୩୩.୫ | ୨୮.୩ |
| ପୁରୀ | ୩୪.୦ | ୨୭.୪ |
| ଅନୁଗୋଳ | ୩୨.୧ | ୨୩.୪ |
| ବାରିପଦା | ୩୩.୬ | ୨୭.୫ |
| ଝାରସୁଗୁଡ଼ା | ୩୦.୮ | ୨୬.୦ |
| କେନ୍ଦୁଝର | ୩୧.୭ | ୨୪.୦ |
| ସମ୍ବଲପୁର | ୨୯.୮ | ୨୩.୧ |
| ସୁନ୍ଦରଗଡ଼ | ୩୪.୦ | ୨୦.୦ |
| ହୀରାକୁଦ | ୩୦.୧ | ୨୧.୯ |
| ତାଳଚେର | ୩୨.୫ | ୨୬.୦ |
| ଭବାନୀପାଟଣା | ୨୯.୪ | ୨୪.୨ |
| ବଲାଙ୍ଗୀର | ୩୦.୦ | ୨୪.୭ |
| କୋରାପୁଟ | ୨୩.୨ | ୨୦.୦ |
| ଫୁଲବାଣୀ | ୨୬.୦ | ୨୨.୬ |
| ଟିଟିଲାଗଡ଼ | ୩୦.୦ | ୨୨.୫ |
| ମାଲକାନଗିରି | ୨୮.୫ | ୨୩.୦ |
| ସୋନପୁର | ୨୯.୨ | ୨୪.୦ |
| ଦାରିଙ୍ଗିବାଡ଼ି | ୨୩.୦ | ୧୮.୦ |
| ଢେଙ୍କାନାଳ | ୩୨.୫ | ୨୭.୦ |

ଡିଗ୍ରୀ ସେଲ୍‌ସିୟସ୍

## ମିଡିଆ ଗୁଜବକୁ ଡ଼ର କରନ୍ତି ନାହିଁ

## ଆଲିଆ



**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଅଭିନୟ ପାଇଁ ଯେତିକି ଚର୍ଚ୍ଚାରେ, ତାହାଠୁ ଅଧିକ ଚର୍ଚ୍ଚାରେ ରହିଛନ୍ତି ଅଭିନେତା ରଣବୀର କପୁରଙ୍କ ସହିତ ଗୁଜବକୁ ନେଇ। ଏକ ଖାନ୍‌ଦାନ୍ ପରିବାରରୁ ଆସିଥିବା ଆଲିଆ କହନ୍ତି, ଖୁବ୍ ପିଲାଦିନରୁ ସେ ଗଣମାଧମର ସାମ୍ନା କରି ଆସିଛନ୍ତି। ତେବେ ରଣବୀରଙ୍କ ସହ ତାଙ୍କର ସମ୍ପର୍କକୁ ନେଇ ଯେଉଁଭଳି ଗୁଜବ ପ୍ରଚାର କରାଯାଉଛି ସେଥିପାଇଁ ସେ ଆଦୌ ବିଚଳିତ ନୁହନ୍ତି। ମୁଁ ଏକ ଖାନ୍‌ଦାନ୍ ପରିବାରରେ ବଢ଼ିଆସିଛି। ଯେଉଁ ପରିବାର ଅନେକ ସମୟରେ ଗଣମାଧମ ଚର୍ଚ୍ଚାରେ ରହିଆସିଛି। ପିଲାଦିନରୁ ଅଭିନୟ କ୍ଷେତ୍ରରେ ସ୍ୱୀକୃତି ପାଇଛି ଏବଂ ବିଭିନ୍ନ ଗଣମାଧମରେ ଏଥିପାଇଁ ଚର୍ଚ୍ଚା ହୋଇଛି। ମୁଁ ଗଣମାଧମ ସହ ନିବିଡ ଭାବରେ ଜଡିତ। ତେଣୁ ବର୍ତ୍ତମାନ ଏହାଦ୍ୱାରା ସେତେ ପ୍ରଭାବିତ ନୁହେଁ। ଯେଉଁ ଚରିତ୍ରରେ ଅଭିନୟ କରିବି ତାହା ଯେଭଳି ଦର୍ଶକମାନଙ୍କ ଉପରେ ଦୃଢ଼ ଏବଂ ସକାରାତ୍ମକ ପ୍ରଭାବ ପକାଏ ତାହା ଉପରେ ଗୁରୁତ୍ୱ ଦେଉଛି ବୋଲି ଆଲିଆ ପ୍ରକାଶ କରିଛନ୍ତି। ସେ ପ୍ରଥମକରି କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର'ରେ ଅଭିନୟ କରିବାର ସୁଯୋଗ ପାଇଥିଲେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱରରୁ ସୁରଟ ବିମାନ ସେବା**

**ଭୁବନେଶ୍ୱର, ୨୪।୮ (ବ୍ୟୁରୋ)**

ଭୁବନେଶ୍ୱରରୁ ସୁରଟ ସିଧାସଳଖ ବିମାନ ସେବା ପ୍ରଦାନ କରିବା ପାଇଁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭାକର ପ୍ରଭୁଙ୍କୁ ଚିଠି ଲେଖିଛନ୍ତି। ଲକ୍ଷାଧିକ ଓଡ଼ିଆ ପରିବାର ସୁରଟରେ ବସବାସ କରୁଛନ୍ତି। ସେମାନେ ବୟନ ଶିଳ୍ପ କ୍ଷେତ୍ରରେ କାମ କରୁଛନ୍ତି। ବର୍ତ୍ତମାନ ଭୁବନେଶ୍ୱରରୁ ସୁରଟକୁ ସିଧାସଳଖ ବିମାନସେବା ନାହିଁ। ଦୁଇଟି ସହର ମଧ୍ୟରେ ଯାତ୍ରା କରିବା ପାଇଁ ଅନେକ ସମୟ ଲାଗୁଛି। ଜରୁରିକାଳୀନ ପରିସ୍ଥିତି ସମୟରେ ସୁରଟରେ ରହୁଥିବା ଓଡ଼ିଆ ଲୋକମାନେ ଓଡ଼ିଶାରେ ଠିକ୍ ସମୟରେ ପହଞ୍ଚିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି। ଏହାଛଡ଼ା ପ୍ରତିବର୍ଷ ଦୁଇଟି ସହରର ଲୋକମାନେ ଏହାର ପର୍ଯ୍ୟଟନ ସ୍ଥଳୀକୁ ମଧ୍ୟ ଯାତ୍ରା କରିଥାନ୍ତି। ଭୁବନେଶ୍ୱର ଓ ସୁରଟ ମଧ୍ୟରେ ବିମାନ ସେବା ଆରମ୍ଭ ହେଲେ ଦୁଇଟି ସହରରେ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ତେଣୁ ଏହାକୁ ଗୁରୁତ୍ୱର ସହ ନେଇ ଏୟାର ଇଣ୍ଡିଆ ଓ ଅନ୍ୟାନ୍ୟ ଘରୋଇ ବିମାନ ସେବା ପ୍ରଦାନକାରୀ ସଂସ୍ଥା ସହିତ ଆଲୋଚନା କରି ଯଥାଶୀଘ୍ର ଏହି ଦୁଇଟି ସହର ମଧ୍ୟରେ ବିମାନ ସେବା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାସହ ଆଗାମୀ ୨୦୨୧ ସୁଦ୍ଧା ବିଦେଶର ୧୦ଟି ସ୍ଥାନକୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସୁବିଧା ଉପଲବ୍ଧ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ନିତିନ ଭାନୁଦାସ ଜାୱଲେ କହିଛନ୍ତି।




# ୨ ଯନ୍ତ୍ରୀ, ଠିକାଦାରଙ୍କୁ ଜେରା

**ଟିଟୋ ଗିରଫ ମାମଲା**

**କେନ୍ଦ୍ରାପଡ଼ା ଅଫିସ, ୨୪।୮**

ଗ୍ୟାଙ୍ଗଷ୍ଟର ଟିଟୋ ଓରଫ୍ ସୟଦ ଉସମାନ ଅଲ୍ଲୀ ଗିରଫ ମାମଲାରେ କେନ୍ଦ୍ରାପଡ଼ା ଜିଲାର ଉଠା ଜଳସେଚନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ୨ ନିର୍ବାହୀ ଯନ୍ତ୍ରୀ ଏବଂ ଜଣେ ଠିକାଦାରଙ୍କୁ ଶୁକ୍ରବାର ଜେରା କରିଛି କ୍ରାଇମ୍‌ବ୍ରାଞ୍ଚ। ଏଥିସହ ଏସ୍‌ଟିଏଫ କେସ ନଂ. ୧୦/୧୮ର ଅଭିଯୋଗକାରିଣୀ ଜଗତସିଂହପୁର ଜିଲା କୁଜଙ୍ଗ ଥାନା କୁଜଙ୍ଗର ସରୋଜିନୀ ମିଶ୍ରଙ୍କ ଅଭିଯୋଗ ଶୁଣାଣି କରିଛି। ଏ ନେଇ ତଦନ୍ତ ଆରମ୍ଭ ହୋଇଛି। ପୂର୍ବାହ୍ନରେ କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ବିଳାସିନୀ ରାଉତଙ୍କ ୨ ଜଣିଆ ଟିମ୍ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତି ଓ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଦ୍ୟାଭୂଷଣ ନାୟକଙ୍କୁ ପଚରାଉଚୁରା କରିଥିଲେ। ଗତ ୫ ବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପର ଟେଣ୍ଡର ଓ ଟେଣ୍ଡର ପେପର କିଣାରେ ଟିଟୋ ଓ ତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼ କରିଥିଲେ। ସେହିପରି ସଦର ଥାନା ଅଧୀନ ପୁରୁଷୋତ୍ତମପୁର ଗ୍ରାମର ଠିକାଦାର ରଞ୍ଜନ ସାମଲଙ୍କୁ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପଚାରି ଛାଡି ଦେଇଥିଲେ। ଏଥିସହ ଏହି ଟିମ ପୁରୁଷୋତ୍ତମପୁର ଗ୍ରାମରେ କୁଜଙ୍ଗର ସରୋଜିନୀଙ୍କ ଜମି ଜବରଦଖଲ ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝିଥିଲେ। ଏ ସମ୍ପର୍କରେ ସରୋଜିନୀ କହିଥିଲେ ଯେ, ୨୦୧୪ରେ ସେ ପୁରୁଷୋତ୍ତମପୁର ଗ୍ରାମରେ ୩୬ ଗୁଣ୍ଠ ଜମି କିଣିଥିଲେ। ତେବେ ଏହି ଗ୍ରାମର କମଳାକାନ୍ତ ଚଇନି(ଟିଟୋଙ୍କ ସହଯୋଗୀ) ସେହି ଜମି ଉପରେ ବାଲି, ଗୋଡ଼ି ଆଦି ଜମାଇ ରଖିଛନ୍ତି। ଏହି ଜବରଦଖଲ ଉଚ୍ଛେଦ ପାଇଁ ସେ ଜିଲା ପୋଲିସର ସହାୟତା ନେଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।











ଆଠବର୍ଷର ଶ୍ରେଷ୍ଠ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି।

# ଲୋକଙ୍କୁ ଭଲ ପାଇଲେ ନେତୃତ୍ୱ ନେଇପାରିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନ ପ୍ରତିନିଧିମାନେ ଲୋକଙ୍କ ସହ ଅଧିକ ସମୟ ବିତାଇବା ଦରକାର। ସେମାନଙ୍କ ବହୁବିଧ ସମସ୍ୟାର ସମାଧାନ ପାଇଁ ଆଶା ଓ ବିଶ୍ୱାସରେ ନାଗରିକମାନେ ଭୋଟ ଦେଇଛନ୍ତି। ଏହି ବିଶ୍ୱାସ ପ୍ରତି ନିର୍ବାଚିତ ଜନପ୍ରତିନିଧିମାନଙ୍କୁ ଉତ୍ତରଦାୟୀ ରହିବାକୁ ପଡ଼ିବ। ତୁମେ ଲୋକମାନଙ୍କୁ ଭଲ ନ ପାଇଲେ ନେତୃତ୍ୱ ନେଇପାରିବ ନାହିଁ। ଏଭଳି ଗୁରୁବାଣୀ ଶୁଣାଇଛନ୍ତି ବିଧାନସଭାର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## ସମ୍ମାନିତ ହେଲେ ୨୪ ବିଧାୟକ

ବିଧାନସଭା ପରିସରରେ ଶୁକ୍ରବାର ଅନୁଷ୍ଠିତ ଶ୍ରେଷ୍ଠ ବିଧାୟକ ସମ୍ମାନ ଉତ୍ସବରେ ମୁଖ୍ୟମନ୍ତ୍ରୀ ସମ୍ମାନିତ ହୋଇଥିବା ବିଧାୟକମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସଂସଦୀୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ଅବଦାନ ପାଇଁ ୨୪ଜଣ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ପଣ୍ଡିତ ନୀଳକଣ୍ଠ ସମ୍ମାନ, ଉତ୍କଳ ଗୌରବ ମଧୁସୂଦନ ସମ୍ମାନ ଓ ଉତ୍କଳମଣି ଗୋପବନ୍ଧୁ ସମ୍ମାନ ପ୍ରଦାନ କରିଛନ୍ତି।

୨୦୦୯ରୁ ୨୦୧୬ ପର୍ଯ୍ୟନ୍ତ ଦିଆଯାଇ ନ ଥିବା ୩ଟି ବର୍ଗର ଶ୍ରେଷ୍ଠ ବିଧାୟକମାନଙ୍କୁ ସମ୍ମାନିତ କରାଯାଇଛି। ବାଚସ୍ପତି ପ୍ରଦୀପ କୁମାର ଅମାତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡିଶା ବିଧାନସଭା ଚୟନ କମିଟି ଦ୍ୱାରା ଚୟନ ହୋଇଥିବା ୨୦୦୯ ପାଇଁ ଶ୍ରେଷ୍ଠ ବିଧାୟକ ବିଷ୍ଣୁ ଚରଣ ଦାସ, ୨୦୧୦ ଅରୁଣ କୁମାର ସାହୁ, ୨୦୧୧ ପ୍ରଭାତ କୁମାର ବିଶ୍ୱାଳ, ୨୦୧୨ ପ୍ରଫୁଲ୍ଲ ମାଝି, ୨୦୧୩ ଅମର ପ୍ରସାଦ ଶତପଥୀ, ୨୦୧୪ ପ୍ରମିଳା ମଲ୍ଲିକ, ୨୦୧୫ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ୨୦୧୬ ପାଇଁ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପଣ୍ଡିତ ନୀଳକଣ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ୨୦୦୯ ପାଇଁ ସୁରେନ୍ଦ୍ର ନାଥ ନାଏକ, ୨୦୧୦ ବିଦ୍ୟାଧର କୁଅଁର, ୨୦୧୧ ନିତ୍ୟାନନ୍ଦ ପ୍ରଧାନ, ୨୦୧୨ ଉମେଶ ଚନ୍ଦ୍ର ସ୍ୱାଇଁ, ୨୦୧୩ ବିକ୍ରମ କେଶରୀ ବର୍ମା ସମ୍ମାନିତ ହୋଇଛନ୍ତି।

# 'ସହନଶୀଳତାର ପ୍ରତୀକ ବାଜପେୟୀ'

ଭୁବନେଶ୍ୱର, ୨୪।୮ (ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ ଆୟୋଜିତ ସାର୍ବଜନୀନ ଓ ସର୍ବଦଳୀୟ ପ୍ରାର୍ଥନା ସଭାରେ ଶୁକ୍ରବାର ଦଳମତ ନିର୍ବିଶେଷରେ ବହୁ ନେତାଙ୍କୁ ଏକାଠି ଦେଖିବାକୁ ମିଳିଛି। ଗୋଟିଏ ସ୍ଥାନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଧର୍ମେନ୍ଦ୍ର ପ୍ରଧାନ ଏବଂ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଏକତ୍ର ଦେଖିବାକୁ ମିଳିଥିଲା। ଏମାନଙ୍କ ସମେତ ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଶାସକ ଦଳର ବହୁ ମନ୍ତ୍ରୀ ଓ ବିଧାୟକ, ବାମପନ୍ଥୀନେତାମାନେ ଉପସ୍ଥିତ ଥିଲେ। ସ୍ମୃତିଚାରଣ ଅବସରରେ ବାଜପେୟୀଙ୍କ ବିଷୟରେ ନେତାମାନଙ୍କଠାରୁ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବାଜପେୟୀଙ୍କ ବିୟୋଗ ଦେଶ ଏବଂ ବ୍ୟକ୍ତିଗତ ଭାବେ ମୋ ପାଇଁ ଏକ ବିରାଟ କ୍ଷତି। ରାଜନୀତିରେ ଆଦର୍ଶ ଓ ସହନଶୀଳତାର ସେ ଥିଲେ ଅନନ୍ୟ ପ୍ରତୀକ। ଓଡିଶା ପାଇଁ ତାଙ୍କର ବିଶାଳ ହୃଦୟ ରହିଥିଲା ବୋଲି କହିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଦେଶର ମାନ ମର୍ଯ୍ୟାଦା ବୃଦ୍ଧି କରିବାରେ ସେ ମୁଖ୍ୟ ଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ପ୍ରମୁଖ ସ୍ମୃତିଚାରଣ କରିଥିଲେ।



ଧରିତ୍ରୀ
DHARITRI
ଶନିବାର, ୨୫ ଅଗଷ୍ଟ, ୨୦୧୮

ପ୍ରତ୍ୟେକ ଲୋକର ନିଜବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା।



# ପାର୍ଶ୍ୱପ୍ରବେଶକୁ ବିରୋଧ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସରକାରଙ୍କ ଯୁଗ୍ମସଚିବ-ସ୍ତରୀୟ ପଦପଦବୀରେ ନିଯୁକ୍ତି କ୍ଷେତ୍ରରେ ପାର୍ଶ୍ୱପ୍ରବେଶକୁ ଅନୁମତି ଦେବା ଲାଗି କେନ୍ଦ୍ରର ନିଷ୍ପତ୍ତିକୁ ନେଇ ନିଶ୍ଚୟ ସମସ୍ତେ ଉତ୍ସାହିତ ନାହାନ୍ତି। ଏ ପ୍ରସ୍ତାବରେ ତ ବାବୁମାନେ ଆଦୌ ଆନନ୍ଦିତ ନୁହନ୍ତି। ଏବେ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଏ ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଏ ନିଷ୍ପତ୍ତିକୁ ମନମୁଖି ବୋଲି ଅଭିଯୋଗ କରି ଆବେଦନକାରୀ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ପୂର୍ବତନ ସଚିବ ଚନ୍ଦ୍ରପାଲ କହିଛନ୍ତି ଯେ, ଏହାଦ୍ୱାରା ଅମଲାତନ୍ତ୍ରରେ ବିଶୃଙ୍ଖଳା ସୃଷ୍ଟି ହେବ। କାରଣ ଅମଲାମାନେ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ମେଧା ଭିତ୍ତିରେ ମନୋନୀତ ହୋଇଥାନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଘରୋଇ କ୍ଷେତ୍ରରୁ ପ୍ରଶାସନ ପାଇଁ ବାବୁମାନଙ୍କୁ ମନୋନୟନ କରାଗଲେ, ତାହା ରାଜନୈତିକ ବିଚାର ଦ୍ୱାରା ପ୍ରଭାବିତ ହେବ ଏବଂ ଏଥିରେ 'ସ୍ୱାର୍ଥ-ଦ୍ୱନ୍ଦ୍ୱ' ସୃଷ୍ଟି ହେବ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ଘରୋଇ କ୍ଷେତ୍ରର ପ୍ରାର୍ଥୀମାନଙ୍କଠାରୁ ଯେଉଁ ଦରଖାସ୍ତ ଆହ୍ୱାନ କରାଯାଇଛି, ସେଥିରେ ଯୁଗ୍ମ ସଚିବ ପଦ ପାଇଁ କୌଣସି ମାନଦଣ୍ଡ ନିର୍ଦ୍ଦିଷ୍ଟ କରାଯାଇ ନାହିଁ ବୋଲି ଚନ୍ଦ୍ରପାଲ ଅଭିଯୋଗ କରିଛନ୍ତି। ତେବେ ଚନ୍ଦ୍ରପାଲଙ୍କ ଏହି ପଦକ୍ଷେପ କ'ଣ ସରକାରଙ୍କ ନୂଆ ନୀତିର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିବ ? ଏଭଳି ସମ୍ଭାବନାରେ କେନ୍ଦ୍ର ସରକାର କେବେ ବି ଖୁସି ହୋଇ ନ ପାରନ୍ତି।

### ଅସନ୍ତୁଷ୍ଟ ବିହାରୀ ବାବୁ

ବିହାରରେ ଏକ ନୂଆ ନୀତିକୁ ନେଇ ଆଇଏଏସ୍ ଓ ଆଇପିଏସ୍ ମହଲ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ଅସନ୍ତୋଷ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ବିହାର କ୍ୟାଡରର ଅଫିସରମାନଙ୍କୁ ନିଜର ବ୍ୟକ୍ତିଗତ ମାମଲାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟ ସହ ଯୋଗାଯୋଗ ନ କରିବାକୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯେଉଁ ଅଫିସର ସେପରି କରିବେ, ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଥିରେ ତାଗିଦ କରାଯାଇଛି। ଅତିରିକ୍ତ ସଚିବ ଦୟାନିଧାନ ପାଣ୍ଡେଙ୍କ ଦ୍ୱାରା ଇସ୍ୟୁ କରାଯାଇଥିବା ଉକ୍ତ ଚିଠିରେ କୁହାଯାଇଛି ଯେ, ବାବୁମାନଙ୍କର କୌଣସି ତ୍ରୁଟିପୂର୍ଣ୍ଣ ଆଚରଣ ସ୍ପୃହଣୀୟ ନୁହେଁ। ଏହି ଆଦେଶନାମା ରାଜ୍ୟ କ୍ୟାଡରର ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍‌ଏସ୍ ବାବୁ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଜରୁରୀ ବ୍ୟକ୍ତିଗତ ଓ ଚାକିରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସଚିବାଳୟର ଦ୍ୱାରସ୍ଥ ହେବାକୁ ବାରଣ କରାଯିବା ଦ୍ୱାରା ବିଭିନ୍ନ ସମୟରେ ବାବୁମାନଙ୍କ ଲାଗି ସମସ୍ୟା ସୃଷ୍ଟି ହେବ। ତେବେ ସଚିବାଳୟ ତରଫରୁ କୁହାଯାଇଛି ଯେ, ବ୍ୟକ୍ତିଗତ ମାମଲାର କୌଣସି ଫାଇଲ ସମ୍ବନ୍ଧରେ ସଚିବାଳୟରୁ କିଛି ସୂଚନା ଚାହିଁବା ବାସ୍ତବିକ ତ୍ରୁଟିପୂର୍ଣ୍ଣ ଆଚରଣ। ଏ ପରମ୍ପରା ବନ୍ଦ କରିବାକୁ ରାଜ୍ୟ ସରକାର ଚାହାନ୍ତି। କିନ୍ତୁ ଏଭଳି ସ୍ପଷ୍ଟୀକରଣ ବିହାରୀ ବାବୁମାନଙ୍କୁ ସନ୍ତୁଷ୍ଟ କରିପାରି ନାହିଁ।

### ଡିଜିପି ନିଯୁକ୍ତିର ନୂଆ ନିୟମ

ନିକଟରେ ସୁପ୍ରିମ୍‌କୋର୍ଟ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି, ତାହା ପୋଲିସ ସଂସ୍କାର ପାଇଁ ଦୀର୍ଘଦିନର ଆବଶ୍ୟକତା ଥିଲା। ସର୍ବୋଚ୍ଚ ନ୍ୟାୟାଳୟର ଏହି ଆଦେଶନାମା ଅନୁସାରେ, ରାଜ୍ୟ ସରକାର କୌଣସି ପୋଲିସ ଅଫିସରଙ୍କୁ କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତ କରିପାରିବେ ନାହିଁ। କାର୍ଯ୍ୟରତ ଡିଜିପି ଅବସର ନେବାର ତିନିମାସ ପୂର୍ବରୁ ୟୁପିଏସ୍‌ସି ସମସ୍ତ ଯୋଗ୍ୟତା ଥିବା ତିନିଜଣ ଅଫିସରଙ୍କର ଏକ ନାମତାଲିକା ପଠାଇବ। ରାଜ୍ୟ ସରକାର ସେମାନଙ୍କ ମଧ୍ୟରୁ ଜଣଙ୍କୁ ସର୍ବନିମ୍ନ ଦୁଇବର୍ଷ ପାଇଁ ନିଯୁକ୍ତି ଦେବେ। ପର୍ଯ୍ୟବେକ୍ଷକମାନଙ୍କ ମତରେ ଏହାଦ୍ୱାରା ଡିଜିପି ପଦର ଅମର୍ଯ୍ୟାଦା ହେବ ନାହିଁ ଏବଂ ପୋଲିସ ପ୍ରଶାସନ ଉପରେ ରାଜନୈତିକ ନିୟନ୍ତ୍ରଣକୁ ରୋକାଯାଇପାରିବ। ଅନେକ ଘଟଣାରେ ଦେଖାଯାଇଛି ଯେ, ଅବସରର ଶେଷ ଦିନରେ ରାଜ୍ୟ ସରକାର ଏପରି ନିଯୁକ୍ତିକୁ ନିୟମିତ କରିଦିଅନ୍ତି ଏବଂ ସେ ପୂରା ଦୁଇବର୍ଷ କାର୍ଯ୍ୟ କରନ୍ତି। ପୁଣି କେତେକ ରାଜ୍ୟରେ ଏକାଧିକ ଡିଜିପି ଓ ଅତିରିକ୍ତ ଡିଜିପି ଅଛନ୍ତି, ଯାହା ଅନେକ ବିଶୃଙ୍ଖଳାର କାରଣ ହୋଇଥାଏ। ଉଦାହରଣସ୍ୱରୂପ ପଞ୍ଜାବରେ ୧୧ ଜଣ ଡିଜିପି ଓ ୨୦ ଜଣ ଅତିରିକ୍ତ ଡିଜିପି ପାହ୍ୟାର ଅଫିସର ଅଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ଉକ୍ତ ଆଦେଶନାମା ପରେ କର୍ଣ୍ଣାଟକରେ ଡିଜିପିଙ୍କ ସମ୍ଭାବ୍ୟ ପରିବର୍ତ୍ତନ ନ ହୋଇପାରେ। ବର୍ତ୍ତମାନର ଡିଜି ଓ ଆଇଜିପି ନୀଳମଣି ଏନ୍. ରାଜୁ କେବଳ ବରିଷ୍ଠତମ ପୋଲିସ ଅଫିସର ନୁହନ୍ତି, ସେ ମଧ୍ୟ ଦୁଇବର୍ଷର କାର୍ଯ୍ୟକାଳ ଉପଭୋଗ କରିବେ। ଅନୁମାନ କରାଯାଉଥିଲା ଯେ, ମେଣ୍ଟ ସରକାରର ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରାଜୁଙ୍କୁ ହଟାଇ ତାଙ୍କ ସ୍ଥାନରେ ଦ୍ୱିତୀୟ ବରିଷ୍ଠତମ ଆଇପିଏସ୍ ଅଫିସର ତଥା କର୍ଣ୍ଣାଟକ ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ୍‌ର ଡିଜିପି ଏଚ୍.ସି. କିଶୋର ଚନ୍ଦ୍ରଙ୍କୁ ନିଯୁକ୍ତି ଦେଇପାରନ୍ତି, ଯିଏ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଭାବେ ଜଣାଶୁଣା। କିନ୍ତୁ ସୁପ୍ରିମ୍‌କୋର୍ଟଙ୍କ ଉପରୋକ୍ତ ଆଦେଶନାମା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିବ।

Email: dilipcherian@gmail.com

### ଚିରନ୍ତନୀ

ସେ କିବା ମୋହରି ଆଶେ  ବିରହ-ସାଗରେ ଭାସେ
ମୋର ଲାଗି ଏହି ରୂପେ  ପୀଡ଼ଇ କି ଛାତି ?
ଗୀତେ ତା'ର ପ୍ରାଣ ଉଠେ ମାତି।  (ବ୍ୟବଧାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | 2 | | | D | | | 6 | | | | | 5 | E |
| | B | | C | 9 | | 8 | | A | 4 | | | | 0 | 6 |
| | | | | | | | | | | | E | B | | 1 |
| 0 | | D | | 8 | B | | | | 3 | | 2 | | 9 | |
| | | | A | | | 7 | | 1 | | | | | | |
| | 0 | | | | E | | C | | | 2 | | | D | |
| | 6 | | | B | A | 3 | | 4 | 5 | | | | | |
| | | | | C | | | | | E | B | 1 | | A | |
| | 2 | | | | 7 | 5 | | E | | | 6 | 1 | | 4 |
| 1 | A | 4 | 3 | | 0 | | 9 | B | | C | | | | 5 |
| | | 6 | 5 | | | | 8 | | D | | | | | |
| 8 | 1 | | 0 | | | A | | | | | | D | | |
| | | 9 | | 2 | | | | | | | 0 | | | |
| | 5 | | | | | | D | 7 | | | | | | |
| | | A | | | | | E | 5 | 2 | 7 | 8 | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 1 | 5 | 3 | 9 | 0 | 2 | 4 | 6 | 7 | C | A | E | B | 8 |
| B | A | 4 | D | 5 | 6 | 3 | 8 | C | 0 | 9 | E | 7 | 2 | 1 |
| 8 | 6 | 2 | 4 | E | A | 0 | 1 | 7 | 3 | D | B | 5 | 9 | C |
| 3 | C | E | B | 7 | 1 | A | 5 | 9 | 2 | 6 | 8 | D | 4 | 0 |
| 7 | 0 | 9 | 2 | C | 8 | E | B | D | 4 | 5 | 1 | 3 | A | 6 |
| C | 7 | 1 | 8 | 3 | E | 4 | 2 | B | 5 | A | 0 | 9 | 6 | D |
| 5 | 9 | D | 0 | 2 | B | 6 | C | A | E | 8 | 3 | 1 | 7 | 4 |
| 0 | 3 | B | 6 | D | 9 | 8 | 7 | E | C | 1 | 4 | A | 5 | 2 |
| 2 | E | A | 5 | 4 | C | 1 | D | 3 | 6 | 7 | 9 | 0 | 8 | B |
| 6 | 4 | 8 | A | 1 | 7 | 5 | 9 | 0 | B | 2 | D | C | E | 3 |
| A | 8 | 3 | E | 6 | 5 | 9 | 0 | 1 | D | B | 2 | 4 | C | 7 |
| 9 | D | C | 1 | B | 4 | 7 | 6 | 2 | A | 3 | 5 | 8 | 0 | E |
| E | B | 0 | 7 | 8 | 2 | D | 3 | 5 | 9 | 4 | C | 6 | 1 | A |
| 4 | 2 | 7 | 9 | 0 | 3 | C | A | 8 | 1 | E | 6 | B | D | 5 |
| 1 | 5 | 6 | C | A | D | B | E | 4 | 8 | 0 | 7 | 2 | 3 | 9 |

ଗତକାଲିର ଉତ୍ତର

# ଗଧରୁ ମଣିଷ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

୧୯୯୪ ମସିହାର ଘଟଣା। ଭାରତର ତତ୍କାଳୀନ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଓମାନ୍ ଗସ୍ତରେ ଯାଇଥାନ୍ତି। ସେତେବେଳେ ଓମାନ୍‌ର ସୁଲତାନ ଥାନ୍ତି ଓ୍ୱାବସ୍ ବିନ୍ ସୟିଦ୍ ଅଲ ସୟିଦ୍। ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ସ୍ୱୟଂ ବିମାନବନ୍ଦରରେ ଉପସ୍ଥିତ ଥାନ୍ତି। ରାଷ୍ଟ୍ରପତି ଯଥାସମୟରେ ପହଞ୍ଚିଲେ ଓ ଓମାନ୍ ସୁଲତାନ୍ ତାଙ୍କୁ ଭାବପୂର୍ଣ୍ଣ ସ୍ୱାଗତ ଜଣାଇ ପାଛୋଟି ଆଣିଲେ। ରାଷ୍ଟ୍ରପତି ବସିଥିବା କାରକୁ ନିଜେ ଚଳାଇ ତାଙ୍କୁ ଅତିଥିଶାଳାକୁ ଘେନିଆସିଲେ। ସେତେବେଳେ ଏହି ଘଟଣା ଓମାନ୍‌ବାସୀଙ୍କୁ ଚକିତ କରିଥିଲା। କାରଣ କୌଣସି ବାହ୍ୟରାଷ୍ଟ୍ରର ମୁଖ୍ୟଙ୍କୁ ସ୍ୱାଗତ କରିବା ପାଇଁ ଓମାନ୍ ସୁଲତାନ ନିଜେ ବିମାନବନ୍ଦରକୁ ଯିବା ସେହି ଦେଶର ପରମ୍ପରାବିରୁଦ୍ଧ ଥିଲା। ଜଣେ ଖବରଦାତା ସୁଲତାନଙ୍କୁ ପଚାରିଲେ- ''ମହାରାଜ! ଆପଣ ନିଜେ ବିମାନବନ୍ଦରକୁ ଯାଇ ଭାରତର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରି ଆମ ଦେଶର ପରମ୍ପରାକୁ ଭାଙ୍ଗିଲେ କାହିଁକି ?'' ଉତ୍ତରରେ ସୁଲତାନ କହିଥିଲେ, ''ମୁଁ ଭାରତରେ ପାଠ ପଢିଥିଲି। ପୁଣେରେ ପଢୁଥିବା ବେଳେ ଶଙ୍କର ଦୟାଲ ଶର୍ମା ଥିଲେ ମୋର ଶିକ୍ଷକ। ଏଣୁ ମୁଁ ଭାରତର ରାଷ୍ଟ୍ରପତିଙ୍କୁ ନୁହେଁ ମୋର ଶିକ୍ଷକ ଶଙ୍କର ଦୟାଲ ଶର୍ମାଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରକୁ ଯାଇଥିଲି। ସୁଲତାନ ହୋଇ ବି ସେ ଜଣେ ଛାତ୍ରର କର୍ତ୍ତବ୍ୟ ଭୁଲି ନ ଥିଲେ। ସିଂହାସନରୁ ଓହ୍ଲାଇ ଆସିଥିଲେ ନିଜ ଶିକ୍ଷକଙ୍କୁ ସମ୍ମାନ ଜଣାଇବା ପାଇଁ।

ବିଡ଼ମ୍ବନାର ବିଷୟ ଯେ ଯେଉଁ ଭାରତଭୂମିରେ ଏହିଭଳି ପରମ୍ପରାର ଜନ୍ମ ହୋଇଥିଲା ଆଜି ସେଠି ଲୋକେ ତାକୁ ହତାଦର କରୁଥିବା ବେଳେ ବିଦେଶରେ ସେହି ପରମ୍ପରା ଅନୁସୃତ ହେଉଛି। ୨୦୦୮ ମସିହାରେ ଜିଗ୍‌ମେ କେଶର ନମ୍ୟାଲ୍ ଓ୍ୱାଙ୍ଗଚକ୍ ଭୁଟାନର ରାଜା ଭାବରେ ଅଭିଷିକ୍ତ ହେବା ପରେ ରାଷ୍ଟ୍ରର ଉନ୍ନତି ନିମିତ୍ତ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରିଥିଲେ। ଶିକ୍ଷକମାନଙ୍କ ସମ୍ମୁଖରେ ସେ ରାଜସିଂହାସନରେ ନ ବସି ଏକ ସାଧାରଣ ଚୌକିରେ ବସୁଥିଲେ। ପ୍ରାଚୀନ ଭାରତରେ ମଧ୍ୟ ରାଜଦରବାରରେ ଗୁରୁଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ଗୁରୁ ରାଜଦରବାରରେ ପ୍ରବେଶ କଲେ ରାଜା ସିଂହାସନରୁ ଉଠିପଡି ସମ୍ମାନ ଜଣାଉଥିଲେ। ଆଜି ସବୁକିଛି ବଦଳିଯାଇଛି। ମନ୍ତ୍ରୀ କିମ୍ବା ପ୍ରଶାସନିକ ଅଧିକାରୀମାନଙ୍କ କୋଠରିକୁ ସେମାନଙ୍କ ଶିକ୍ଷକ ପ୍ରବେଶ କଲେ ତାଙ୍କ ପାଇଁ ଏଭଳି ସମ୍ମାନ ଆଶା କରିବା ଆକାଶକୁସୁମ ସଦୃଶ।

ଆଜି ଆମମାନଙ୍କ ମଧ୍ୟରେ ଅଛନ୍ତି ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ବିଚାରକ, ଅଧ୍ୟାପକ ଇତ୍ୟାଦି। ଆମକୁ ଦିନେ ପାଠ ପଢାଇ ମଣିଷ କରିଥିଲେ ଶିକ୍ଷକମାନେ। ମାତ୍ର ଶିକ୍ଷିତ ହୋଇ ଉଚ୍ଚାସନରେ ଅଧିଷ୍ଠିତ ହୋଇଗଲେ ଆମକୁ ମଣିଷ କରିଥିବା ସେହି ଶିକ୍ଷକମାନଙ୍କ କଥା ଆମେ ଭୁଲିଯାଉ। ପଦ ଓ କ୍ଷମତାଜନିତ ଅହଂ-କବଳିତ ହୋଇ ଆମେ ଭୁଲିଯାଉ ସେହି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କୁ ଯିଏ ଆମକୁ 'ଅ, ଆ, କ, ଖ'ରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଭଳି ବି ହୁଏ ଆମେ ଭୋଗବିଳାସରେ ବୁଡି ରହିଥିବାବେଳେ ଆମକୁ ମଣିଷ କରିଥିବା ସେହି ଶିକ୍ଷକ ଦୁଃଖ ଓ ଦୈନ୍ୟ ମଧ୍ୟରେ ଜୀବନ ଅତିବାହିତ କରୁଥାନ୍ତି। ମାତ୍ର ଉଚ୍ଚଶିକ୍ଷିତ ପଦାଧିକାରୀ ମଣିଷ ସେହି ମଣିଷ-ନିର୍ମାତା ଶିକ୍ଷକଙ୍କୁ ବିସ୍ମୃତିର ଗର୍ଭକୁ ନିକ୍ଷେପ କରିଦିଅନ୍ତି। ଏହି ପ୍ରସଙ୍ଗରେ ମନେପଡେ କଥାକାର ଗଣେଶ ପ୍ରସାଦ ପରିଜାଙ୍କ ଏକ କ୍ଷୁଦ୍ରଗଳ୍ପ 'ଗଧ ମଣିଷ ହେଲା'।

ଗାଁ ମୁଣ୍ଡରେ ଛିଡା ହୋଇଥାନ୍ତି ଜଣେ ଉଚ୍ଚ ଶିକ୍ଷିତ ଯୁବକ। ଗାଁର ଅବଧାନେ ତାକୁ କହୁଥାନ୍ତି- ''ଆରେ, ତୁ ପାଠ ପଢି ଚାକିରି କଲା ପରେ ଅମଣିଷ ହୋଇଗଲୁ। ତୁ ଥିଲୁ ଏକ ଗଧ ଓ ମୁଁ ତୋତେ ମଣିଷ କରିଛି। କାଳେ ମୋତେ ଦଣ୍ଡବତ କରିବାକୁ ପଡିବ ବୋଲି ତୁ ଲୁଚି ପଳାଉଛୁ। ଗୁରୁଙ୍କୁ ସମ୍ମାନ ଦେଖାଇବା କ'ଣ ମଣିଷର ଧର୍ମ ନୁହେଁ?'' ଏସବୁ ଶୁଣୁଥାଏ ପାଖରେ ଛିଡା ହୋଇଥିବା ଗାଁର ଧୋବା। ତା'ର ଥିଲା ଗୋଟିଏ ଗଧ। କିନ୍ତୁ ତା'ର ପିଲାଛୁଆ କେହି ନ ଥିଲେ। ସେ ଭାବିଲା ଅବଧାନେ ଗୋଟିଏ ଗଧକୁ ଯଦି ମଣିଷ କରିଛନ୍ତି, ତା' ଗଧଟିକୁ ଯଦି ମଣିଷ କରିଦିଅନ୍ତେ ତା'ର ଦୁଃଖ ଦୂର ହୋଇଯାନ୍ତା। ସେ ପୁଅଟିଏ ପାଆନ୍ତା ଓ ସେହି ପୁଅ ପାଠପଢି ସେହି ଯୁବକ ଭଳି ବଡ଼ ମଣିଷ ହୁଅନ୍ତା। ସେ ତା' ପରଦିନ ତା' ଗଧଟିକୁ ଧରି ଅବଧାନଙ୍କ ଘରେ ପହଞ୍ଚିଲା ଓ କହିଲା, ଅବଧାନେ! ଆପଣ ମୋ ଗଧଟିକୁ ମଣିଷ କରିଦିଅନ୍ତୁ। ତାକୁ ମୁଁ ପାଠ ପଢାଇ ବଡ ଲୋକ କରିବି। ଅବଧାନେ କହିଲେ, ଆରେ ଗଧକୁ କ'ଣ କେବେ ମଣିଷ କରିହୁଏ ? ଧୋବା କହିଲା, ଗତକାଲି ଆପଣ ଗାଁ ମୁଣ୍ଡରେ ସେହି ଉଚ୍ଚଶିକ୍ଷିତ ଯୁବକଙ୍କୁ ଗଧରୁ ମଣିଷ କରିଛନ୍ତି ବୋଲି କହିବାର ମୁଁ ଶୁଣିଛି। ଆପଣ ଦୟାକରି ମୋତେ ନିରାଶ କରନ୍ତୁ ନାହିଁ। ଅବଧାନେ ମୂର୍ଖ ବା ନିରକ୍ଷର ଅର୍ଥରେ ଗଧ ଶବ୍ଦ ବ୍ୟବହାର କରିଥିଲେ ବୋଲି ଯେତେ ବୁଝାଇଲେ ମଧ୍ୟ ଧୋବା ବୁଝିଲା ନାହିଁ ଓ ତାଙ୍କ ଘରେ ଗଧଟିକୁ ବାନ୍ଧି ଦେଇ ଚାଲିଆସିଲା। ଅନନ୍ୟୋପାୟ ହୋଇ ଅବଧାନେ ଗଧଟିକୁ ରଖିଲେ। ମଝିରେ ମଝିରେ ଧୋବା ଆସି ପଚାରୁଥାଏ, ଆଜ୍ଞା ମୋ ଗଧ ମଣିଷ ହେଲାଣି ? ଅବଧାନେ କହୁଥାନ୍ତି, 'କାମ ଚାଲିଛି।' ଶେଷରେ ଦିନେ ଅବଧାନେ ଧୋବାକୁ କହିଲେ, ତୋ ଗଧ ମଣିଷ ହୋଇଛି। କିନ୍ତୁ ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ଏଣୁ ତୋ ଗଧ ମଣିଷ ହେଲାପରେ ତୋତେ କିମ୍ବା ମୋତେ ଚିହ୍ନିପାରିବ ବୋଲି ମୁଁ ଭାବୁନାହିଁ। ଧୋବା ଜୋର ଦେଇ କହିଲା, ନା ଅବଧାନେ ସେ ନିଶ୍ଚୟ ଆମକୁ ଚିହ୍ନିବ।

ଅବଧାନେ ଧୋବାକୁ ନେଇଗଲେ ଏକ ବିଚାରାଳୟକୁ। ବିଚାରକଙ୍କ ପ୍ରତି ଅଙ୍ଗୁଳି ଦେଖାଇ କହିଲେ, ତୋର ଗଧ ଆଜି ବିଚାରକ ହୋଇ ନ୍ୟାୟ ବିଚାର କରୁଛନ୍ତି। ଧୋବା ଖୁସି ହୋଇ ବିଚାରକଙ୍କୁ ଜୋର ପାଟିରେ ଡାକିଲା। ହେଲେ ବିଚାରକ ତା' କଥାକୁ କର୍ଣ୍ଣପାତ କଲେ ନାହିଁ। ଧୋବା ଭାବିଲା ବୋଧହୁଏ, ଅବଧାନେ ଠିକ୍ କହୁଥିଲେ- ଗଧ ମଣିଷ ହେଲେ ତା'ର ପୂର୍ବକଥା ଭୁଲିଯାଏ। ସେ ଚିନ୍ତାକଲା, ସେ ଯେଉଁ ଦଉଡିରେ ଗଧକୁ ବାନ୍ଧୁଥିଲା, ସେହି ଦଉଡି ତାକୁ ଦେଖାଇଲେ ହୁଏତ ସେ ତାକୁ ଚିହ୍ନିପାରିବ। ଘରୁ ଦଉଡିଟି ଆଣି ଦେଖାଇବା ପରେ ମଧ୍ୟ ବିଚାରକ ତାକୁ କିମ୍ବା ଅବଧାନଙ୍କୁ ଚିହ୍ନିପାରିଲେ ନାହିଁ। ଶେଷରେ ଧୋବା ରାଗିଯାଇ କହିଲା, ''ତୋତେ ପରା ମୁଁ ଏଇ ଦଉଡିରେ ବାନ୍ଧୁଥିଲି। ତୋତେ ଏହି ଅବଧାନେ ପାଠ ପଢାଇ ମଣିଷ କରିଛନ୍ତି। ଆଜି ମଣିଷ ହୋଇଗଲୁ ବୋଲି ମୋତେ ଭୁଲିଗଲୁ ଓ ତୋତେ ମଣିଷ କରିଥିବା ଅବଧାନଙ୍କୁ ବି ଭୁଲିଗଲୁ ?''ଏହି କଥାପଦକ ବିଚାରକଙ୍କ ଚେତନାକୁ ଦୋହଲାଇଦେଲା। ବିଚାରକ ଭାବଗମ୍ଭୀର ହୋଇଗଲେ ଓ ଚିନ୍ତା କଲେ, ''ସତେ ତ, ଦିନେ ମୁଁ ବି ଥିଲି ଗଧ ଅର୍ଥାତ୍ ମୂର୍ଖ ବା ନିରକ୍ଷର। ମାତ୍ର ପ୍ରାଥମିକ ବିଦ୍ୟାଳୟରେ ଯେଉଁ ଶିକ୍ଷକ ମୋତେ ଅ, ଆରୁ ପାଠପଢା ଆରମ୍ଭ କରି ମଣିଷ ଭାବରେ ଗଢ଼ି ତୋଳିବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ତାଙ୍କ କଥା ତ ଆଜି ମୋର ମନେ ନାହିଁ ? କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ସେ ଧୋବାକୁ କହିଲେ, ''ତୁ ଠିକ୍ କହିଛୁ। ଗଧ ମଣିଷ ହେଲେ ତା' ପୂର୍ବ କଥା ଭୁଲିଯାଏ। ତୋ ଗଧ ମଧ୍ୟ ମଣିଷ ହୋଇ ତା' ପୂର୍ବକଥା ଭୁଲିଯାଇଛି।'' ବିଚାରକ ତାଙ୍କ ପକେଟରୁ କିଛି ଟଙ୍କା କାଢି ଧୋବାକୁ ତାହା ଧରାଇ ଦେଇ କହିଲେ- ନେ, ତୋ ଗଧର ଦାମ୍। ଆଉ ଦିନେ ଏଠାକୁ ଆସିବୁନି। ଧୋବା ଡରିଯାଇ ଟଙ୍କାତକ ଗ୍ରହଣ କରି ଚାଲିଆସିଲା। ଗଲାବେଳେ ମନେ ମନେ ଭାବୁଥିଲା, ଅବଧାନେ ଠିକ୍ କଥା କହୁଥିଲେ। ଗଧ ମଣିଷ ହେଲେ ତା' ପୂର୍ବ କଥା ମନେ ପକାଇପାରେ ନାହିଁ। ଆଜି ମଧ୍ୟ ସମାଜରେ ଏହିଭଳି ଗଧମାନଙ୍କ ସଂଖ୍ୟା ଅନେକ।

ଟିଟିଲାଗଡ଼, ମୋ- ୯୪୩୭୩୨୯୨୬୩

# ସାର୍ଥକ ଜୀବନ

ମମତା ପଣ୍ଡା

କବିଙ୍କ ଭାଷାରେ- ''ମୁହୂର୍ତ୍ତେ ମାତର ଉଜ୍ଜ୍ୱଳି ପ୍ରଖର ଶିଖା ଟେକି ହୁତାଶନ,/ ଜଳି ଯେବେ କରେ ଆଲୋକ ଉତ୍ତାପ ଚଉଦିଗେ ବିତରଣ।/ ଲିଭୁ ସେ କ୍ଷଣକେ ତଥାପି ଏ ଲୋକେ ରହେ ତା' ଆଦର ଯଶ,/ କି ଲୋଡ଼ା ତହିଁରେ ରହେ ଯେ ମହୀରେ କୁହୁଳି ସହସ୍ର ବର୍ଷ ?''

(ଧର୍ମପଦ- ପଣ୍ଡିତ ଗୋପବନ୍ଧୁ)

ମଣିଷ ଜୀବନର ସାର୍ଥକତା ଏଇ ଅଗ୍ନିଶିଖା ପରି ଆଲୋକ ଓ ଉତ୍ତାପ ପ୍ରଦାନ କରିବାରେ। ତାହା ସ୍ୱଳ୍ପକାଳ ପାଇଁ ହେଉ ପଛେ। କିନ୍ତୁ ଶତାୟୁ ହୋଇ ମଧ୍ୟ ଯଦି ଜୀବନ ସମାଜସେବାରେ ଲାଗି ନ ପାରିଲା, ପରର ଉପକାରରେ ଜୀବନର କିଛି ଅଂଶ ବିନିଯୋଗ ହୋଇ ନ ପାରିଲା, ତେବେ ସେ କୁହୁଳୁଥିବା ନିଆଁ ପରି ଆଦର ଯଶ ପାଇପାରେନା। ଏହିପରି ଜଣେ ସାର୍ଥକ ଜୀବନ ଜିଇଁଥିବା ମଣିଷ ଥିଲେ ସ୍ୱାମୀ ବିବେକାନନ୍ଦ, ଯିଏ ମାତ୍ର ୩୯ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଅନେକ ମହତ୍ କାମ କରିଯାଇଛନ୍ତି। ସେ ମାତ୍ର ୩୦ ବର୍ଷ ବୟସରେ ୧୧।୦୯।୧୮୯୩ରେ ସୁଦୂର ଆମେରିକାର ଶିକାଗୋଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ ସମ୍ମିଳନୀରେ ଭାରତ ଓ ହିନ୍ଦୁଧର୍ମର ପ୍ରତିନିଧିତ୍ୱ କରି ହିନ୍ଦୁଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିଲେ। ଭାରତ ତଥା ବହିର୍ଭାରତରେ ଶ୍ରୀଶ୍ରୀରାମକୃଷ୍ଣ ପରମହଂସଙ୍କ ଭାବଧାରାର ପ୍ରଚାର ପ୍ରସାର କରିଥିଲେ। ସେହିପରି ଆଦି ଶଙ୍କରାଚାର୍ଯ୍ୟଙ୍କ ପରମାୟୁ ଥିଲା ମାତ୍ର ୩୨ ବର୍ଷ। ସେ କେରଳର କାଲାଡ଼ି ଗ୍ରାମରେ ୭୮୮ ମସିହାରେ ଏକ ନମ୍ବୁଦ୍ରି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରି ୮୨୦ ଖ୍ରୀଷ୍ଟାବ୍ଦରେ ମହାପ୍ରୟାଣ ଲାଭ କରିଥିଲେ। ଏହି ସ୍ୱଳ୍ପ ଜୀବନକାଳ ଭିତରେ ସେ ଜ୍ଞାନରେ ସାରା ଭାରତ ଜୟ କରି ବୈଦିକ ଧର୍ମର ପୁନଃପ୍ରତିଷ୍ଠା କରିଥିଲେ। ଚାରିଧାମରେ ମଠ ପ୍ରତିଷ୍ଠା କରିଥିଲେ। ଅନେକ ସ୍ତୋତ୍ର, ମୋହମୁଦ୍‌ଗର ଓ ମଣିମାଳା ଆଦି ରଚନା କରିବା ସହ ଅନେକ ଭାଷ୍ୟ ରଚନା କରିଥିଲେ। ତେବେ ଏଠାରେ ମୁଁ ଆଉ ଜଣେ ବିବେକାନନ୍ଦଙ୍କ ବିଷୟରେ ସୂଚନା ଦେବାକୁ ଚାହୁଁଛି, ଯିଏ ଉପରୋକ୍ତ ମହାପୁରୁଷଙ୍କ ସହ ତୁଳନୀୟ ନ ହେଲେ ମଧ୍ୟ ମାନବସେବାକୁ ମାଧବସେବା ଜ୍ଞାନରେ ନିଜ ଜୀବନର ବ୍ରତ କରି ଜୀବନର ସ୍ୱଳ୍ପ ଅବଧି ଭିତରେ ସ୍ମରଣୀୟ ହୋଇ ରହିଯାଇଛନ୍ତି। ସେ ଆରମ୍ଭ କରିଥିବା ସେବାକାର୍ଯ୍ୟ ତାଙ୍କ ପରେ ବି ଅବ୍ୟାହତ ରହିଛି।

ତାଙ୍କର ଜନ୍ମ ହୁଏ ୧୯୬୭ ମସିହା ମାଘ କୃଷ୍ଣ ସପ୍ତମୀ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମତିଥିରେ। ସେଥିପାଇଁ ପିତା ଲକ୍ଷ୍ମୀଧର ଓ ମାତା ହେମାଙ୍ଗିନୀ ତାଙ୍କ ନାଁ ରଖିଥିଲେ ବିବେକାନନ୍ଦ। ବାଲ୍ୟକାଳରୁ ହିଁ ସେ ଥିଲେ ପରଦୁଃଖକାତର। ଦିନେ ସେ ତାଙ୍କୁ କିଛିଦିନ ପାଠ ପଢ଼ାଇଥିବା ତାଙ୍କ ପିତାଙ୍କ ପ୍ରାଥମିକ ଶିକ୍ଷକଙ୍କଠାରୁ ଏକ ଚିଠି ପାଇଲେ। ଏହି ଚିଠି ମାଧ୍ୟମରେ ଗୁରୁଜୀ ତାଙ୍କର ଦେହ ଭଲ ରହୁ ନ ଥିବା ଓ ଅଭାବ ଅସୁବିଧାରେ ଚଳୁଥିବା ବିଷୟ ଦର୍ଶାଇବା ସହ ଏକ ଶୀତ ଚଦର କିଣିବା ପାଇଁ ତାଙ୍କ ପିତାଙ୍କୁ ମାତ୍ର ୧୦ ଟଙ୍କା ମାଗିଥିଲେ। ବିବେକାନନ୍ଦ ତାଙ୍କ ମାଆଙ୍କୁ କହିଲେ: ମାଆ, ଗୁରୁଜୀଙ୍କ ଦେହ ଭଲ ନାହିଁ। ମୁଁ ଏକ ଚଦର ଓ କିଛି ଫଳମୂଳ ନେଇ ତାଙ୍କୁ ଦେଖିବାକୁ ଯିବି। ମାଆ ଅନୁମତି ଦେବାରୁ ମାଉସୀପୁଅ ଭାଇ ବାଲୁଙ୍କେଶ୍ୱରଙ୍କୁ ସାଙ୍ଗରେ ନେଇ ସେ ଗଲେ ଭୁବନେଶ୍ୱରରୁ ଖୋର୍ଦ୍ଧା ଓ ସେଠାରୁ କିଛି କିଲୋମିଟର ଦୂର ଏକ ନିପଟ ମଫସଲ ଗାଁକୁ। ଗାଁରେ ପହଞ୍ଚି ଯାହା ଦେଖିଲେ ସେଥିରେ ତାଙ୍କର ପ୍ରାଣ କାନ୍ଦିଉଠିଲା। କାରଣ ଇତିମଧ୍ୟରେ ଗୁରୁଜୀଙ୍କର ପରଲୋକ ହୋଇଯାଇଥିଲା। ସେଦିନ ତାଙ୍କ ମୃତ୍ୟୁର ସପ୍ତମ ଦିନ। ପରିବାର ଓ ଜ୍ଞାତି ଲୋକମାନେ ତୁଠକୁ ଯାଇଥିଲେ।

ସେଦିନ ଶୋକାତୁର ଭଙ୍ଗା ମନ ନେଇ ଘରକୁ ଫେରିବା ପରେ ୮ ବର୍ଷର ବିବେକାନନ୍ଦ ତାଙ୍କ ମାଆଙ୍କ ଆଗରେ ପ୍ରତିଜ୍ଞା କରିଥିଲେ: ମାଆ ! ମୁଁ ବଡ଼ ହେଲେ ମାଆବାପା, ବୁଢ଼ୀବୁଢ଼ା, ଗରିବ ଓ ଅସହାୟ ଲୋକମାନଙ୍କର ସେବା କରିବି। ସେ ପ୍ରତିଜ୍ଞା ଥିଲା ତାଙ୍କର ଭୀଷ୍ମ ପ୍ରତିଜ୍ଞା। ସେଥିରୁ ସେ କେବେ ବି ଓହରିନାହାନ୍ତି।

ବଡ଼ ହେବା ପରେ ସେ ବାଛିନେଲେ ଆଇନ ବ୍ୟବସାୟକୁ ତାଙ୍କର ଜୀବିକା ରୂପେ। ଘର ଲୋକେ ସମସ୍ତେ ଜାଣନ୍ତି ଯେ ପୁଅ କଚେରିକୁ ଯାଇଛି। କିନ୍ତୁ ସେ କେତେବେଳେ ବସ୍ତି ଅଞ୍ଚଳକୁ ଯାଇ ରୋଗୀ ସେବା କରନ୍ତି, କେତେବେଳେ ସଫେଇ କାର୍ଯ୍ୟ କରନ୍ତି, କେତେବେଳେ ଗରିବ ପିଲାଙ୍କୁ ପାଠ ପଢ଼ାନ୍ତି ଓ କେତେବେଳେ ରକ୍ତଦାନ କରନ୍ତି, ତାହା ତାଙ୍କ ଛଡ଼ା ଓ ତାଙ୍କ ସେବାକାର୍ଯ୍ୟର ସହଯୋଗୀ ସାଥୀ ଓକିଲଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ। ଅନେକ ଗରିବ ମେଧାବୀ ପିଲାଙ୍କ ପାଇଁ ସେ ପଢ଼ାଖର୍ଚ୍ଚ ବହନ କରୁଥିଲେ। କିନ୍ତୁ ସମସ୍ତଙ୍କୁ ତାଙ୍କ ନାଁ ପ୍ରକାଶ ନ କରିବା ପାଇଁ ତାଗିଦ କରୁଥିଲେ। ଏପରି କି ସେ ଏତେ ସେବାକାର୍ଯ୍ୟ କରୁଥିବା ବିଷୟରେ ତାଙ୍କ ମାଆବାପା ବି ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଜାଣି ନ ଥିଲେ। ୧୩।୦୮।୨୦୦୦ ଗହ୍ମା ପୂର୍ଣ୍ଣମୀର ପୂର୍ବଦିନ ମାତ୍ର ୩୩ ବର୍ଷ ବୟସରେ ବିବେକାନନ୍ଦଙ୍କ ପରଲୋକ ଘଟିବା ପରେ ଜମା ହୋଇପଡ଼ିଥିଲେ ତାଙ୍କର ଶୁଭେଚ୍ଛୁ ଓ ତାଙ୍କ ଦ୍ୱାରା ଉପକୃତ ହୋଇଥିବା ମଣିଷମାନେ। ସେମାନେ ତାଙ୍କ ମୁହଁରେ ନିଜେ ପାଇଥିବା ଉପକାର ବିଷୟରେ ସ୍ୱୀକାର କରିବା ପରେ ହିଁ ବିବେକାନନ୍ଦଙ୍କ ସେବାକାର୍ଯ୍ୟ ବିଷୟରେ ତାଙ୍କ ପରିବାର ଲୋକେ ଜାଣିବାକୁ ପାଇଥିଲେ। ସେଥିପାଇଁ ତାଙ୍କର ପିତା ଲକ୍ଷ୍ମୀଧର ବାବୁ ଓ ଅନ୍ୟମାନେ ନିଷ୍ପତ୍ତି ନେଲେ ବିବେକାନନ୍ଦଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସେବାକାର୍ଯ୍ୟ ଯେପରି ତାଙ୍କ ମୃତ୍ୟୁ ପରେ ବି ଅନନ୍ତକାଳ ଧରି ଅବ୍ୟାହତ ରହେ ତା'ର ବ୍ୟବସ୍ଥା କରିବାକୁ। ତାଙ୍କ ମୃତ୍ୟୁ ପରେ ମିଳିଥିବା ପ୍ରାୟ ଏକ କୋଟି ଟଙ୍କାର ବୀମା ଅର୍ଥକୁ ତାଙ୍କ ସ୍ମୃତ୍ୟର୍ଥେ ଏକ ଟ୍ରଷ୍ଟ ଗଠନ କରି ଜମା କରିଦିଆଗଲା, ଯାହାର ସୁଧ ଅର୍ଥରେ ଗରିବ ମେଧାବୀ ପିଲାଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯିବା ସହ ଅନ୍ୟାନ୍ୟ ସେବାକାର୍ଯ୍ୟ ଜାରି ରହିଛି। ଧନ୍ୟ ସେହି ନର ଯିଏ ଜୀବନରେ ଓ ମରଣରେ ବି ପରୋପକାର କରିଚାଲିଛନ୍ତି। ଶାସ୍ତ୍ରରେ ଅଛି- ''ପରୋପକାରାୟ ଫଳନ୍ତି ବୃକ୍ଷାଃ ପରୋପକାରାୟ ବହନ୍ତି ନଦ୍ୟଃ। ପରୋପକାରାୟ ଦୁହନ୍ତି ଗାବଃ ପରୋପକାରାର୍ଥମିଦଂ ଶରୀରମ୍।।''

ହାସିମନଗର, ତିରଣ, ଜଗତ୍‌ସିଂହପୁର,
ମୋ-୭୯୭୮୭୩୧୧୪୭

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ର ପାଇଁ ବିପଦ

ମହାଶୟ,

ଯେଉଁ ଉଦ୍ଦେଶ୍ୟରେ ଗଣତନ୍ତ୍ର ପ୍ରତିଷ୍ଠା କରାଗଲା ତାହା ଏବେ ବିପଦରେ। ଧନୀ ଆହୁରି ଧନୀ ଏବଂ ଗରିବ ଆହୁରି ଗରିବ ହୋଇଯାଉଛନ୍ତି। ଧନୀଙ୍କ ହାତରେ ହିଁ କ୍ଷମତା ରହୁଛି। ଗରିବ ଲୋକେ ଅଳ୍ପକେ ସନ୍ତୁଷ୍ଟ। ତେଣୁ ନିର୍ବାଚନ ସମୟରେ ସେମାନଙ୍କ ପାଇଁ ରୋଚକ ଯୋଜନାମାନ ଘୋଷଣା କରି ସେମାନଙ୍କୁ ଆକୃଷ୍ଟ କରାଯାଏ। କିନ୍ତୁ ନିର୍ବାଚନ ପରେ ନେତାଏ ୫ ବର୍ଷ ମଧ୍ୟରେ ସେ ଅଞ୍ଚଳକୁ ଥରେ ବି ପାଦ ପକାନ୍ତି ନାହିଁ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ।

ଅକ୍ଷୟ ମହାନ୍ତି, ଜଗତ୍‌ସିଂହପୁର

### ଠକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ

ଯେଉଁ ସରକାରୀ ଏବଂ ବେସରକାରୀ କର୍ମଚାରୀମାନେ ବିନା ମଞ୍ଜୁରିପ୍ରାପ୍ତ ଛୁଟିରେ ନିୟମିତ ଭାବେ ଘରେ ରହୁଛନ୍ତି ବା ସେମାନଙ୍କ କାର୍ଯ୍ୟସ୍ଥଳୀରେ ଅନୁପସ୍ଥିତ ରହୁଛନ୍ତି ଏବଂ ଅଭ୍ୟାସଗତ ଭାବରେ ଅର୍ଥ ତୋଷରପାତ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯେଉଁ ଦେଶ ବା ରାଜ୍ୟରେ ଦୁର୍ନୀତି ଯେତେ କମ୍ ସେ ଦେଶ ବା ରାଜ୍ୟ ସେତେ ଆଗୁଆ। ତେଣୁ ପ୍ରଗତିର ଅନ୍ତରାୟ ଏହି ଦୁର୍ନୀତିକୁ କ୍ରମଶଃ ଦୂର କରିବା ଓ ସେ ଦିଗରେ ସହଯୋଗ କରିବା ପ୍ରତ୍ୟେକ ସଚ୍ଚୋଟ, ଦୂରଦୃଷ୍ଟିସମ୍ପନ୍ନ ଏବଂ ବିଜ୍ଞ ବ୍ୟକ୍ତିର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ।

ଅଜିତ କୁମାର ବେଉରା, ଶୈଳଶ୍ରୀ ବିହାର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏଇ ଭାରତରେ

'ପର ଦୁଃଖ ଦେଖି କାନ୍ଦେ ଯା' ପରାଣ ମହତ ମଣିଷ ସିଏ।' ଏହି ଆପ୍ତ ବାକ୍ୟର ଯଥାର୍ଥତା ଯୁଗେ ଯୁଗେ ରହିଛି। ନିକଟରେ କେରଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟାରେ ଲକ୍ଷ ଲକ୍ଷ ଲୋକ ନିରନ୍ନ ଓ ବାସହରା ହୋଇଯାଇଛନ୍ତି। ଏହି ଅଞ୍ଚଳର ଲୋକଙ୍କ ଦୁଃଖ ଦେଖି କୋଝିକୋଡର ଜଣେ ତରୁଣୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଅର୍ଥରେ ସ୍ୱର୍ଣ୍ଣାଳଙ୍କାର କିଣାଯାଇଥାଆନ୍ତା। କୋଝିକୋଡ ଜିଲା ଭଟକରା ଅଞ୍ଚଳର ବାସିନ୍ଦା ଅମ୍ରିତା ଏସ୍. ଭେନୁ ସେପ୍ଟେମ୍ବର ୧୫ରେ ବିବାହ କରିଥାଆନ୍ତେ। ସେ ଅଳଙ୍କାର କିଣାକୁ ପଛରେ ପକାଇ ଏ ବାବଦ ଅର୍ଥକୁ ବନ୍ୟାପ୍ଳାବିତ ଲୋକଙ୍କ କଲ୍ୟାଣ ପାଇଁ ଦାନକଲେ। ଟେଲିଭିଜନ୍‌ରେ କେରଳର କରାଳ ଦୃଶ୍ୟ ଏବଂ ବନ୍ୟା ପ୍ରଭାବିତଙ୍କୁ ଦେଖିବା ପରେ କିଛି ଦାନକରିବା ପାଇଁ ଅମ୍ରିତା ସ୍ଥିର କଲେ ଏବଂ ତାଙ୍କ ଭାବୀ ବରଙ୍କୁ ଜଣାଇଦେଲେ, ବାହାଘର ବେଳେ ସେ ସ୍ୱର୍ଣ୍ଣ ଅଳଙ୍କାର ପିନ୍ଧିବେ ନାହିଁ। ଏହି ଅର୍ଥକୁ ସେ ବନ୍ୟାପୀଡ଼ିତଙ୍କ ଉଦ୍ଦେଶ୍ୟରେ ଦାନ କରିଦେଉଛନ୍ତି। ତାଙ୍କର ଏହି ନିଷ୍ପତ୍ତିକୁ ଶାଶୁଘର ଲୋକେ ପୂର୍ଣ୍ଣ ସମର୍ଥନ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୫ ଅଗଷ୍ଟ ୧୯୯୩

- ସୋମାଲିଆର ଯୁଦ୍ଧଖୋର ଗୋଷ୍ଠୀର ନେତା ମହମ୍ମଦ ଫାରା ଆଦିନଙ୍କୁ ଜୀବନ୍ତ କିମ୍ବା ମୃତ ଅବସ୍ଥାରେ ଧରିବା ଲାଗି ଆମେରିକା ସୋମାଲିଆକୁ ଅଧିକ ୪୦୦ ସୈନ୍ୟ ପଠାଇଲା।
- ରୁଷିଆ ଲିଥୁଆନିଆରୁ ନିଜର ସୈନ୍ୟ ପ୍ରତ୍ୟାହାର ନ କଲେ ଆମେରିକା ରୁଷିଆକୁ ୭୦୦ ମିଲିୟନ ଡଲାର ମୂଲ୍ୟର ବୈଷୟିକ ସାହାଯ୍ୟ ଦେବନାହିଁ ବୋଲି ଘୋଷଣା କରିଛି।



ଜିଲା ଡାଏରୀ

## ବଲାଙ୍ଗୀର

### ବାଇପାସ୍ ରାସ୍ତା ରାଜନୀତି

ସହର ମଧ୍ୟ ଦେଇ ଦୁଇଟି ଜାତୀୟ ରାଜପଥ ଯାଇଛି। ଏ ରାସ୍ତା ଦେଇ ଦିନକୁ ଶହ ଶହ ଟ୍ରକ୍ ଯିବା ଆସିବା କରୁଥିବାରୁ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ତେଣୁ ଟ୍ରାଫିକ ନିୟନ୍ତ୍ରଣ ପାଇଁ ନିୟମ କରାଗଲା ଯେ, ଦିନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସହର ମଧ୍ୟଦେଇ ଭାରିଯାନ ଯାତାୟାତ କରିପାରିବ ନାହିଁ। ସହର ବାହାର ଦେଇ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯିବ ଓ ସେଇ ରାସ୍ତାରେ ଭାରିଯାନ ଯାତାୟାତ କରିପାରିବ। ୨୦୦୧ରେ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ୨୦୧୦ ବେଳକୁ ଆନୁଷଙ୍ଗିକ କାର୍ଯ୍ୟ ସମାପ୍ତ କରାଯାଇ କେନ୍ଦ୍ର ସରକାରଙ୍କ ପାଖକୁ ଅର୍ଥ ମଞ୍ଜୁରୀ ପାଇଁ ପଠାଯାଇଥିଲେ ମଧ୍ୟ କେବଳ ଜମି ଅଧିଗ୍ରହଣ ପାଇଁ ୨୦୧୨ରେ ୪୦ କୋଟି ଟଙ୍କା ଆସିଥିଲା। ଜମି ଅଧିଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କ ପାଖକୁ ପ୍ରାୟ ୨୭୦ କୋଟି ଟଙ୍କାର ଆବଶ୍ୟକତା ଦର୍ଶାଇ ଏକ ଚିଠା ପଠାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ଜମି ମୂଲ୍ୟରେ ଜାଲିଆତି ହୋଇଥିବା ଦର୍ଶାଇ ପୁନଃ ଠିକ୍ ଚିଠା ପଠାଇବାକୁ କହିଥିଲେ। ଇତିମଧ୍ୟରେ ତାକୁ ସଂଶୋଧନ କରାଯାଇ ୨୪୧ କୋଟି ଟଙ୍କାର ଏକ ବ୍ୟୟ ଅଟକଳ କେନ୍ଦ୍ରକୁ ପଠାଯାଇଛି। ଏ ରାସ୍ତାରେ କେତେକ ଜଙ୍ଗଲ ଜମି ଥିବାରୁ ତା'ର ଅନୁମତି ମଧ୍ୟ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ। ଏ ସବୁକୁ ଦୃଷ୍ଟି ଦେଲେ ବାଇପାସ୍ ରାସ୍ତା ନିର୍ମାଣ ହେବା ଏକପ୍ରକାର ଅନିଶ୍ଚିତତା ମଧ୍ୟରେ ରହିଛି। କିନ୍ତୁ ସହର ମଧ୍ୟରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇ ଅନେକ ଧନଜୀବନ କ୍ଷତି ହେଉଥିବାରୁ ବର୍ତ୍ତମାନ ଏହା ଉପରେ ରାଜନୀତି ଜୋର୍ ଧରିଛି। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ସହରବାସୀଙ୍କ ହିତ ପାଇଁ ସବୁ ନେତା ଏକ ହୋଇ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରିବାକୁ ସାଧାରଣରେ ଦାବି ହେଉଛି।

-ସୁବାସ ଚନ୍ଦ୍ର ପଣ୍ଡା

## ସଂକ୍ଷେପରେ

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ
## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

ମାଲକାନଗିରି,୨୪।୮(ଡି.ଏନ.ଏ)- ମାଲକାନଗିରି ଜିଲା ଅତିରିକ୍ତ ଜିଲା ଦୋରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଏକ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ ଦେଇଛନ୍ତି। ତାଙ୍କ ନାମ ବିଶ୍ୱଜିତ ନମ । ୨୦୧୫ ନଭେମ୍ବର ୨୮ରେ ଏମ୍.ଭି.- ୮୩ ଗ୍ରାମର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ନେଇ ପୀଡିତାଙ୍କ ଭାଇ ମାଲକାନଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି ସେତେବେଳେ କୋର୍ଟଚାଲାଣ କରିଥିଲା। ସେବେଠାରୁ ଉକ୍ତ ମାମଲା ବିଚାରାଧୀନ ଥିଲା। ଶୁକ୍ରବାର ଅତିରିକ୍ତ ଜିଲା ଦୋରା ଜଜ୍ ପ୍ରଜ୍ଞା ନଳିନୀ ମିଶ୍ର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ବିଚାରକୁ ନେଇ ଅଭିଯୁକ୍ତଙ୍କୁ ବିଶ୍ୱଜିତ୍‌ଙ୍କୁ ଉପରୋକ୍ତ ଦଣ୍ଡାଦେଶ କରିଛନ୍ତି। ଏଥିସହ ତାଙ୍କୁ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ହେଲେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ ଲମ୍ବୋଦର ଡୁରୁକ ସରକାରଙ୍କ ପକ୍ଷରୁ ମକଦ୍ଦମା ଲଢୁଥିଲେ ।

## ପଲିଥିନ ବର୍ଜନ ବାର୍ତ୍ତା ଦେବେ ଛାତ୍ରୀ

ମାଲକାନଗିରି,୨୪।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଗୋରାଖଣ୍ଟା, କୃସୁବାଡା, ଚଲାଣଗୁଡା ଓ ଶିଖପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନିଆରା ଢଙ୍ଗରେ ରାଖୀ ଉତ୍ସବ ପାଳନ କରିବା ପାଇଁ ସ୍ଥିର କରିଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ରାଖୀ ପୂର୍ଣ୍ଣିମାରେ ବଜାରରୁ ଜରି ନିର୍ମିତ ରାଖୀ ନ କିଣି ନିଜ ଅଞ୍ଚଳରେ ଥିବା ପ୍ରାକୃତିକ ବୃକ୍ଷଲତାରୁ ପତ୍ର ଏବଂ ଫୁଲ ସଂଗ୍ରହ କରି ନିଜ ହାତରେ ରାଖୀ ତିଆରି କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଖୀରେ ସେମାନେ ପ୍ଲାଷ୍ଟିକ ଡୋରି ନ ଲଗାଇ ଗଛ ଛାଲିରେ ଡୋରି ତିଆରି କରିବେ। ଏହାକୁ ନିଜ ବିଦ୍ୟାଳୟର ଛାତ୍ରମାନଙ୍କ ହାତରେ ବାନ୍ଧି ଭାଇଭଉଣୀର ସମ୍ପର୍କକୁ ସୁଦୃଢ କରିବେ। ସେମାନଙ୍କ ଏହି ଅଭିନବ ପ୍ରୟାସକୁ ସେମାନେ ବିଦ୍ୟାଳୟରେ ୨୬ ତାରିଖ ପରିବର୍ତ୍ତେ ୨୫ ତାରିଖରେ ସଫଳ ରୂପଦେବେ। ଏପରି ରକ୍ଷାବନ୍ଧନ ଉତ୍ସବ ପାଳନ କରି ଅନ୍ୟମାନଙ୍କୁ ପଲିଥିନ୍ ଓ ଜରି ବର୍ଜନ କରିବା ସନ୍ଦେଶ ଦେବା ଛାତ୍ରୀମାନଙ୍କ ଉଦ୍ଦେଶ୍ୟ। ଏପରି ମାଧ୍ୟମରେ ଅନ୍ୟମାନେ ପାଳନ କରିବାକୁ ସେମାନେ ନିବେଦନ କରିଛନ୍ତି। ଶୁକ୍ରବାର ଗୋରାଖଣ୍ଟା ବିଦ୍ୟାଳୟର ୪ଜଣ ଛାତ୍ରୀ ନିଜ ହାତରେ ଖଜୁରିପତ୍ର ଏବଂ ପ୍ରାକୃତିକ ଫୁଲରେ ରାଖୀ ତିଆରି କରିଥିବା ଦେଖିବାକୁ ମିଳିଛି।


ରାଖୀ ପାଇଁ ଫୁଲ ଓ ପତ୍ର ସଂଗ୍ରହ କରିଥିବା ଛାତ୍ରୀମାନେ ।

- ୪ ବିଦ୍ୟାଳୟ ଛାତ୍ରୀ ସାମିଲ ହେବେ
- ନିଆରା ଢଙ୍ଗରେ ପାଳିବେ ରାଖୀ ଉତ୍ସବ
- ବୃକ୍ଷଲତାରୁ ପତ୍ର, ଫୁଲ ସଂଗ୍ରହ କରି ତିଆରି କରିବେ ରାଖୀ

## ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର

ଚିତ୍ରକୋଣ୍ଡା, ୨୪।୮

ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ରକୋଣ୍ଡାର ୧୬ ପଞ୍ଚାୟତର ୫୩ ଜଣ ମହିଳାଙ୍କ ପରିବାର କଲ୍ୟାଣ ଯୋଜନାରେ ଅସ୍ତ୍ରୋପଚାର କରାଯାଇଥିଲା। ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତ ଏବଂ ଡା. ସପନ କୁମାର ଦିଣ୍ଡା ଏହାକୁ ପରିଚାଳନା କରିଥିଲେ। ସମସ୍ତ ଆଶାକର୍ମୀ ଓ ଷ୍ଟାଫ୍ ନର୍ସ ଏଥିରେ ସହଯୋଗ କରିଥିଲେ।

## ଯୋଗାଭ୍ୟାସ କରୁଛନ୍ତି ଛାତ୍ରୀଛାତ୍ର

ମାଲକାନଗିରି,୨୪।୮ (ଡି.ଏନ.ଏ.)–

ମାଲକାନଗିରି ଜିଲା ସଦର ମହକୁମା ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨ଶହରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ର ହଷ୍ଟେଲରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନେ ସନ୍ଧ୍ୟାରେ ଆଧ୍ୟାତ୍ମିକ ଏବଂ ଯୋଗାଭ୍ୟାସ ଶିକ୍ଷା କରୁଥିବା ଦେଖିବାକୁ ମିଳିଛି । ଅପରାହ୍ନରେ ବିଦ୍ୟାଳୟ ଛୁଟି ପରେ ଛାତ୍ରୀଛାତ୍ରମାନେ ଯୋଗାଭ୍ୟାସ କରିବା ସହ ସନ୍ଧ୍ୟାରେ ମଣ୍ଡପରେ ଏକତ୍ରିତ ହୋଇ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳୁଛି। ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି ଯେ, ବିଦ୍ୟାଳୟରେ ପ୍ରତ୍ୟହ ସନ୍ଧ୍ୟାରେ ଏପରି କାର୍ଯ୍ୟକ୍ରମ ହୁଏ। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଜ୍ଞାନ ବୃଦ୍ଧି ସହ ଶରୀର ସୁସ୍ଥ ରୁହେ।


ଛାତ୍ରମାନେ ଯୋଗ ଶିକ୍ଷା କରୁଛନ୍ତି ।

### ପିସିସି ସମ୍ପାଦିକା ସମ୍ବର୍ଦ୍ଧିତ

ବାଲିମେଳା,୨୪।୮(ଡି.ଏନ୍.ଏ.)- ମାଲକାନଗିରି ଜିଲା ବାଲିମେଳା କଂଗ୍ରେସ ଭବନଠାରେ ନଗର କଂଗ୍ରେସ ପକ୍ଷରୁ ପିସିସି ସମ୍ପାଦିକା କୁମୁଦିନୀ କିର୍ସାନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କିର୍ସାନୀ ବାଲିମେଳାରେ ପହଞ୍ଚିବା ପରେ ତାଙ୍କୁ କର୍ମୀମାନେ କଂଗ୍ରେସ ଭବନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ନଗର କଂଗ୍ରେସ ସଭାପତି ସୁରେଶ ଖୋସଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, କାର୍ଯ୍ୟକାରୀ ସଭାପତି ରାମପ୍ରସାଦ ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରଭାକର ପାଳ, କେସୁ ରାଓ, ପୂର୍ବତନ ନଗର ସଭାପତି ବିଷ୍ଣୁ ନାଲ୍ଲା, ପୋଟ୍ରେଲ ସରପଞ୍ଚ ଭୀମା ବାର୍ସେ, ଜିଲା ଆଦିବାସୀ ହରିଜନ ସେଲ୍ ସଭାପତି ପର୍ଶୁରାମ ଭକ୍ତ, ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଚିତ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରସ୍ପର ମଧ୍ୟରେ ଥିବା ମତଭେଦକୁ ଭୁଲି ଆଗାମୀ ୨୦୧୯ ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାଉନ୍‌ସିଲର ଲକ୍ଷ୍ମୀ ପଟ୍ଟନାୟକ ଓ ଇଶାକ ଖୋସଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବିଜେଡି ପକ୍ଷରୁ ରିଲିଫ ବଣ୍ଟନ

ମାଥିଲି,୨୪।୮ (ଡି.ଏନ.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ବନ୍ୟାଞ୍ଚଳ ପରିଦର୍ଶନ କରି ବିଜେଡି ପକ୍ଷରୁ ଗୁରୁବାର ରିଲିଫ ବଣ୍ଟନ କରାଯାଇଛି । ଏଥିରେ ବିଧାୟକ ଡମ୍ବରୁ ଶିଶା ଯୋଗଦେଇ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରିଥିଲେ । ଏହି ଅବସରରେ ବ୍ରହ୍ମପୁର ବିଜେଡି ପକ୍ଷରୁ ମଧ ରିଲିଫ ବଣ୍ଟନ କରାଯାଇଥିଲା । ବିଜୁ ଯୁବ ଜନତା ଦଳର ସଭାପତି ମୁକୁନ୍ଦ ଗୌଡ, ଉପସଭାପତି ଆର. ମୁରଲୀ ମୋହନ, ରାଜେଶ୍ୱର ବେହେରା, ଚିତନ କୁମାର ଚୌଧୁରୀ, ଏମ. ରବି କୁମାର, ପ୍ରଶନ୍ନ ଗନ୍ତାୟତ, ପ୍ରକାଶ ନାଇଡୁ, ଜେନେରାଲ ସେକ୍ରେଟାରି ଟୁନା ମହାରଣା, କେ. ରବି, ଆର୍. କ୍ରିଷ୍ଣା ରେଡ୍ଡୀ, ସୂର୍ଯ୍ୟକାନ୍ତ ସୁବୁଦ୍ଧି, ଅଭିନସୁନ୍ଦ୍ର ବେହେରା, ପ୍ରଦୀପ ନାୟକ, ସେକ୍ରେଟାରୀ ଏଲ. ରବି, ମିର୍ଜାବାଦ ବେଗ, ଅରୁଣ କୁମାର ଗରୁଡ, ଶିବ ରାଓ, ହରିଶ୍ଚନ୍ଦ୍ର ସେଠୀ, ଅନିଲ ଚୌଧୁରୀ, ଦିଲୀପ ପାତ୍ର, କେ. ମୁନା ରେଡ୍ଡୀ ଉପସ୍ଥିତ ରହି ରିଲିଫ ବଣ୍ଟନ କରିଥିଲେ । ବ୍ଲକର ଧୁର୍ଗିଆପୁଟ, ଅଟାଳଗୁଡା, କୁଟୁଣିପାଲି, କାଦପଦର ଆଦି ଅଞ୍ଚଳରେ ରିଲିଫ ପ୍ରଦାନ କରାଯାଇଥିଲା ।

■ ସମ୍ବିଧାନ ବଞ୍ଚାଅ ଅଭିଯାନ

## ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ସାମିଲ


ଅଭିଯାନରେ ସାମିଲ ହୋଇଥିବା ମହିଳା ଓ ପୁରୁଷ ।

ମାଲକାନଗିରି,୨୪।୮ (ଡି.ଏନ.ଏ.)

ମାଲକାନଗିରି ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ତରଫରୁ ଶୁକ୍ରବାର ସମ୍ବିଧାନ ବଞ୍ଚାଅ ଅଭିଯାନ ସଦର ବ୍ଲକ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ମଞ୍ଚର ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ। ପ୍ରଥମେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ବ୍ଲକ ପଡିଆଠାରେ ପହଞ୍ଚିଥିଲା। ଭାରତ ସ୍ୱାଧୀନତା ପରେ ଭାରତବର୍ଷକୁ ପରିଚାଳନା କରିବା ଲାଗି ପ୍ରସ୍ତୁତ ସମ୍ବିଧାନ ଦେଶର ସମସ୍ତ ନାଗରିକମାନଙ୍କ ରକ୍ଷା କବଚ । ଏହାକୁ ବିଶ୍ୱର ଶ୍ରେଷ୍ଠ ସମ୍ବିଧାନ ବୋଲି ମାନ୍ୟତା ମିଳିଛି। ତେବେ ଗତ ୯।୮।୨୦୧୮ରେ ସମଗ୍ର ବିଶ୍ୱ ସ୍ୱଦେଶୀ ଦିବସ ପାଳନ କରୁଥିବା ସମୟରେ ଭାରତର ରାଜଧାନୀ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଏହି ଦିବସକୁ କଳା ଦିବସ ରୂପେ କେତେକେ ପାଳନ କରୁଥିଲେ। ଅନୁସୂଚିତ ଜାତି ଓ ଜନଜାତିଙ୍କ ଆଟ୍ରୋସିଟି ନିୟମକୁ ଉଚ୍ଛେଦ କରିବାକୁ କେତେକ ସଙ୍ଗଠନ ସ୍ଲୋଗାନ ଦେଉଥିଲେ। ଏହା ସାରା ଦେଶର ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଗଭୀର ଆଘାତ ଦେଇଛି। ବର୍ତ୍ତମାନ ଭାରତୀୟ ମୂଳ ଅଧିବାସୀମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ମାଲକାନଗିରି ଜିଲାର ସମସ୍ତ ମୂଳ ଅଧିବାସୀ ଅନୁସୂଚିତ ଜାତି ଓ ଜନଜାତି, ପଛୁଆବର୍ଗ, ସଂଖ୍ୟାଲଘୁ ସମ୍ପ୍ରଦାୟ ଏହାକୁ ବିରୋଧ କରିବା ସହ ସମ୍ବିଧାନ ସୁରକ୍ଷା ମଞ୍ଚକୁ ମଜବୁତ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ ।

### ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର

ଖଇରପୁଟ, ୨୪।୮(ଡି.ଏନ.ଏ.)

ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁବରଣ କରିଥିବା ମାଲକାନଗିରି ଜିଲା ଖଇରପୁଟ ଗ୍ରାମର ରାଜଗୋପାଳ ରେଡ୍ଡୀ (୪୧)ଙ୍କ ପାଇଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶୁକ୍ରବାର ଡାକ୍ତରଖାନାରେ ତାଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବାଲିମେଳା ବିଦ୍ୟୁତ ବିଭାଗ ଅଧୀନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ରାଜଗୋପାଳ ବିଦ୍ୟୁତ ମରାମତି ପାଇଁ ମାଝିଗୁଡା ଗ୍ରାମକୁ ଯାଇଥିଲେ। କାର୍ଯ୍ୟ କରୁଥିବା ବେଳେ ସେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ । ସୂଚନାଯୋଗ୍ୟ ଯେ, କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପରେ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା ଏବଂ ବିଦ୍ୟୁତ ବିଭାଗର ଅଧିକାରୀମାନେ ଆସି ଲୋକଙ୍କୁ ବୁଝାସୁଝା କରିଥିଲେ। ବିଧାୟକ ଶିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ରାସ୍ତା ଅବରୋଧ ହଟିଥିଲା ।

## ନାବାର୍ଡ ପକ୍ଷରୁ ବୃକ୍ଷରୋପଣ


ନାବାର୍ଡ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଗ୍ରାମବାସୀ ।

ମାଲକାନଗିରି,୨୪।୮ (ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତରେ ନାବାର୍ଡ ପକ୍ଷରୁ ଏକ ବୃକ୍ଷରୋପଣ ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ନାବାର୍ଡର ଜିଲା ଉନ୍ନୟନ ଅଧିକାରୀ ସୁଭାଷ ମଙ୍ଗରାଜଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଅଂଶଗ୍ରହଣ କରିଥିଲେ। ବୃକ୍ଷ ହିଁ ଜୀବନ, ବୃକ୍ଷ ରୋପଣ କରି କିପରି ପରିବେଶକୁ ସୁରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଜିଲା ଉନ୍ନୟନ ଅଧିକାରୀ ମଙ୍ଗରାଜ ସମସ୍ତଙ୍କୁ ବୁଝାଇଥିଲେ। ନାବାର୍ଡ ସହାୟତାରେ ବୃକ୍ଷ ରୋପଣ, ରାସ୍ତାଘାଟ, ପୋଲ ନିର୍ମାଣ, କୃଷି, ମତ୍ସ୍ୟ ଚାଷ, କୃଷକ କ୍ଲବ, କୃଷିଜାତ ଦ୍ରବ୍ୟ ରଖିବା ପାଇଁ ଗୋଦାମ ଗୃହ, ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ସହାୟତା ପ୍ରଦାନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ଚୈତନ୍ୟ ଓଝା ଧନ୍ୟବାଦ ଦେଇଥିଲେ।

### ପରିବେଶକୁ ସୁସ୍ଥ ରଖେ ବୃକ୍ଷ

ଚିତ୍ରକୋଣ୍ଡା, ୨୪।୮–

ଚିତ୍ରକୋଣ୍ଡା ବ୍ଲକ ଦୋରାଗୁଡା ପଞ୍ଚାୟତ ଆର୍‌ଏସ୍‌ସି–୫ ଗ୍ରାମରେ ନାବାର୍ଡ ପକ୍ଷରୁ ଚାରା ରୋପଣ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନାବାର୍ଡ ଜିଲା ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ମଙ୍ଗରାଜ, ଶିଶୁ ଓ ମହିଳା କଲ୍ୟାଣ ସମିତି କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା ଏବଂ ପରିବେଶବିତ ଦୁର୍ଯ୍ୟୋଧନ ପାତ୍ର ଅତିଥିଭାବେ ଯୋଗଦେଇ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ। ପରିବେଶକୁ ସୁସ୍ଥ ରଖିବା ସହ ଅମ୍ଳଜାନ ସୃଷ୍ଟି କରିବାରେ ବୃକ୍ଷ ସାହାଯ୍ୟ କରେ ବୋଲି ସେମାନେ କହିଥିଲେ। ଗ୍ରାମବାସୀ ବିଭିନ୍ନ ପ୍ରକାରର ଚାରା ହାତରେ ଧରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

DSPL-135

ଜାତୀୟ ଚକ୍ଷୁଦାନ ପକ୍ଷ

୨୫ ଅଗଷ୍ଟ - ୮ ସେପ୍ଟେମ୍ବର, ୨୦୧୮

ଚକ୍ଷୁଦାନ ସମ୍ପର୍କରେ ଜାଣିବା କଥା

- କୌଣସି ବ୍ୟକ୍ତିଙ୍କ ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଚକ୍ଷୁଦାନ କରାଯାଇପାରିବ ।
- ଚକ୍ଷୁଦାନ ସମ୍ମତିପତ୍ର ସ୍ୱାକ୍ଷରିତ ହୋଇନଥିଲେ ମଧ୍ୟ ନିକଟ ସମ୍ପର୍କୀୟଙ୍କ ଲିଖିତ ସମ୍ମତି କ୍ରମେ ଚକ୍ଷୁଦାନ କରାଯାଇପାରିବ ।
- ମୃତ୍ୟୁ ପରେ ଯଥାଶୀଘ୍ର ନିକଟସ୍ଥ ଚକ୍ଷୁଭଣ୍ଡାର (EYE BANK) ସହ ଯୋଗାଯୋଗ କରି ଚକ୍ଷୁଦାନ କରାଇପାରିବେ ।

ଆମ ରାଜ୍ୟରେ ଥିବା ଚକ୍ଷୁବ୍ୟାଙ୍କ:

- ଏସ୍.ସି.ବି. ମେଡିକାଲ୍ କଲେଜ, କଟକ
- ଏମ୍.କେ.ସି.ଜି. ମେଡିକାଲ୍ କଲେଜ, ବ୍ରହ୍ମପୁର
- ଭି.ଏସ୍.ଏସ୍. ମେଡିକାଲ୍ କଲେଜ, ବୁର୍ଲା
- ଦୃଷ୍ଟିଦାନ, ଆଇ.ଜି.ଏଚ୍. ରାଉରକେଲା
- ଦୃଷ୍ଟିଦାନ, ଏଲ୍.ଭି. ପ୍ରସାଦ୍ ଆଇ ହସ୍‌ପିଟାଲ, ଭୁବନେଶ୍ୱର
- ସମ୍ ହସ୍‌ପିଟାଲ, ଭୁବନେଶ୍ୱର

ଅଧିକ ଜାଣିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ଉପଖଣ୍ଡ ଚିକିତ୍ସାଳୟ (ଚକ୍ଷୁ ବିଭାଗ) ସହ ଯୋଗାଯୋଗ କରନ୍ତୁ ।

10003/13/0075/1819

ଆସନ୍ତୁ, ଚକ୍ଷୁଦାନ ପରି ଏକ ମହତ କାର୍ଯ୍ୟରେ ସାମିଲ୍ ହୋଇ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ସୁନ୍ଦର ଦୁନିଆ ଉପଭୋଗ କରାଇବାରେ ସହାୟକ ହେବା ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର




## ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ

ମାଥିଲି, ୨୪।୮ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକର ବିଭିନ୍ନ ଗ୍ରାମ ବୁଲି ଗୁରୁବାର ବିଧାୟକ ଡମ୍ବରୁ ଶିଶା ଲୋକଙ୍କ ସମସ୍ୟା ପଚାରି ବୁଝିଛନ୍ତି। ଆମ୍ବଗୁଡା, ଶିରାଗୁଡା, ବରଜାଗୁଡା, ଖଡିମାଟି, କୁତାପାଲି, ଚାଉଳମେନ୍ଦି ଗ୍ରାମରେ ପହଞ୍ଚି ସେ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମବାସୀଙ୍କ ସୁଖ ସମୃଦ୍ଧି କାମନା କରି ଆଦିବାସୀମାନେ ଗ୍ରାମ ଠାକୁରାଣୀ ମନ୍ଦିର (ହୁଣ୍ଡି)ରେ ପୂଜାପାଠ କରିଥାନ୍ତି। ତେବେ ଗ୍ରାମରେ ସ୍ଥାୟୀ ଭାବେ କୌଣସି ଗ୍ରାମଦେବୀ ମନ୍ଦିର ନାହିଁ। ଏହି ଅବସରରେ ସବୁ ଗ୍ରାମରେ ହୁଣ୍ଡି ନିର୍ମାଣ କରିବାକୁ ସେ ଅନୁଦାନ ପ୍ରଦାନ କରିଥିଲେ। ପରେ ବିଧାୟକ ମହିଳାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ମାଡକାମିଗୁଡା–ଚାଉଳମେନ୍ଦି ମୁଖ୍ୟ ରାସ୍ତାରେ ଏକ କଲଭର୍ଟ ବନ୍ୟାରେ ଧୋଇଯାଇଛି। ଉଭୟ ପାର୍ଶ୍ୱରେ ବ୍ରିଜର ମାଟି ଭାସିଯାଇ ଖାଲ ସୃଷ୍ଟି ହୋଇଛି । ଏହା ଦେଖି ବିଧାୟକ ତୁରନ୍ତ ନିର୍ମାଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ମୁଖିଆ ବନମାଳୀ ବରଜା, ପଦଲାମ ଦୋରା, ଚନ୍ଦ୍ର ନାୟକ, ଲକ୍ଷ୍ମଣ ଦୋରା, ବୁଦୁ ପାଙ୍ଗି, ଜଳନ୍ଧର ପାଙ୍ଗି, ସମିତିସଭ୍ୟା ମଙ୍ଗଳି କଂସାରି, ନରସିଂହ କଂସାରି, ଏସ. ମୁରଲୀ, ରାମକୃଷ୍ଣ ଅନୁଗୁଳିଆ, ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।


ଗ୍ରାମବାସୀଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି ।

# ସଂଗ୍ରାମୀ ପୂର୍ବ ପୁରୁଷ ଆମ ପାଇଁ ଏକତାର ଉଦାହରଣ

ପାପଡାହାଣ୍ଡି,୨୪।୮,(ଡି.ଏନ୍.ଏ.)

୧୯୪୨ ଅଗଷ୍ଟ ୨୪ରେ ଦେଶ ପାଇଁ ଶହୀଦ ହୋଇଥିବା ସଂଗ୍ରାମୀଙ୍କ ବଳିଦାନ ଚିର ସ୍ମରଣୀୟ। ଆଜିର ଏହି ସ୍ମୃତି ଚାରଣ ଦିବସ ଆଗାମୀ ପିଢିଙ୍କୁ ଦେଶ ପ୍ରଗତିରେ ସହାୟକ ହେବ। ସଂଗ୍ରାମୀ ପୂର୍ବ ପୁରୁଷ ଆମପାଇଁ ଏକତାର ଉଦାହରଣ ବୋଲି ପାପଡାହାଣ୍ଡିରେ ଶୁକ୍ରବାର ଶହୀଦ ସ୍ମୃତି ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ରମେଶ ମାଝି ଯୋଗଦେଇ ଏହା କହିଛନ୍ତି। ୧୦୨ ବର୍ଷୀୟ ସଂଗ୍ରାମୀ ମହମ୍ମଦ ବାଜିଙ୍କ ଉପସ୍ଥିତି ଆମ ପାଇଁ ବହୁତ ବଡ ଦିଗଦର୍ଶନ ବୋଲି ସେ କହିଛନ୍ତି । ଅନ୍ୟ ଅତିଥିଙ୍କ ମଧ୍ୟରେ ସଂଗ୍ରାମୀ ମହମ୍ମଦ ବାଜି, ବିଧାୟକ ଭୂଜବଳ ମାଝି, ବିଧାୟକ ମନୋହର ରନ୍ଧାରି, ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ଉପସ୍ଥିତ ଥିଲେ ।

ନବରଙ୍ଗପୁରରୁ ଆସିଥିବା ମଶାଲକୁ ସକାଳେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରେ ସ୍ୱାଗତ କରାଯାଇଥିଲା। ପରେ ସେଠାରୁ ଏକ ବିଶାଳ ଶୋଭାଯାତ୍ରାରେ ସମସ୍ତେ ଶହୀଦ୍ ମିନାର ନିକଟକୁ ବାହାରିଥିଲେ। ଶହୀଦ ମିନାର ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦିଆଯାଇ ଥିଲା। ଟୁରୀ ନଦୀରେ ତିଳ ତର୍ପଣ ପରେ ସର୍ବଧର୍ମ ପ୍ରାର୍ଥନା କରାଯାଇଥିଲା। ବୈଠକ ପ୍ରାରମ୍ଭରେ ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଗରୁଡଗୁଡା ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସଙ୍ଗୀତ ପରିବେଷଣ କରିଥିଲେ। ବୈଠକରେ ଅତିଥିମାନେ ଶହୀଦଙ୍କ ଗାଥା ଓ ସେମାନଙ୍କର ଆଦର୍ଶ ସମ୍ପର୍କରେ ଅବଗତ କରାଇଥିଲେ। ଦେଶ ପ୍ରୀତି ଓ ଭାତୃଭାବ ଦେଶ ସ୍ୱାଧୀନତାରେ ସହାୟକ ହୋଇଥିଲା ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମ୍ ପରିକ୍ଷିତ ସେଠି, ଏସ୍‌ପି ବିବେକାନନ୍ଦ ଶର୍ମା, ପୂବତନ ବିଧାୟକ ସଦନ ନାୟକ, ରାଜ୍ୟ ଶହୀଦ ସ୍ମୃତି କମିଟି ସଭାପତି ମନୋରଞ୍ଜନ ତ୍ରିପାଠୀ, ବ୍ଲକ ଶହୀଦ୍ ସ୍ମୃତି କମିଟି ସଭାପତି ସୋମନାଥ ବିଶୋୟୀ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ଏମପି ପ୍ରତିନିଧି ସ୍ୱାଧୀନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ଭଗବାନ ମାଝି, ମା ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ, ଡିଆଇପିଆରଓ ହଳଧର ନିଆଲ, ବିଡିଓ ମାତେରାମ ଲିଆଙ୍ଗି, ବିଏସ୍‌ଏସ୍‌ଓ ନଗେନ୍ଦ୍ର ପଟ୍ଟନାୟକଙ୍କ ସହ ଶହୀଦଙ୍କ ଦାୟାଦମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ବାଜି, ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ଏବଂ ଅନ୍ୟମାନେ ।



ଗାର୍ଡ ଅଫ ଅନର ଦିଆଯାଉଛି ।



ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ସଂକ୍ଷେପରେ

ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ

### ପାପଡ଼ାହାଣ୍ଡି ସଂଗ୍ରାମ ଉପରେ ପ୍ରକାଶ ପାଇବ ସ୍ୱତନ୍ତ୍ର ପୁସ୍ତକ

ଭୁବନେଶ୍ୱର,୨୪।୮(ବ୍ୟୁରୋ)- ୧୯୪୨ ଅଗଷ୍ଟ ବିପ୍ଳବ ସମୟରେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିଠାରେ ସଙ୍ଗଠିତ ସଂଗ୍ରାମ ଓ ତା'ର ପରିଣତି ଉପରେ ଖୁବ୍‌ଶୀଘ୍ର ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶ ପାଇବ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ପୁସ୍ତକ ପ୍ରକାଶ କରାଯିବ। ଏହାଦ୍ୱାରା ପାପଡ଼ାହାଣ୍ଡି ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଆମ ଉତ୍ତରପିଢ଼ିମାନେ ଅବଗତ ହୋଇପାରିବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସୂଚନା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ପୂର୍ବତନ ରାଜ୍ୟସଭା ସଦସ୍ୟ ଏ.ଭି. ସ୍ୱାମୀ ପାପଡ଼ାହାଣ୍ଡି ସଂଗ୍ରାମର ପ୍ରତ୍ୟକ୍ଷଦର୍ଶୀ ବିବରଣୀ ଉପସ୍ଥାପନ କରିଥିଲେ।ଏମ୍‌ପି ବଳଭଦ୍ର ମାଝୀ, ଝିନ୍ନ ହିକକା, ବିଧାୟକ ତାରାପ୍ରସାଦ ବାହିନୀପତି ଓ ମାନସ ମାଡକାମୀ ପ୍ରମୁଖ ଉପସ୍ଥିତ ଥିଲେ।

### ମନ୍ଦିର ଜାଗା ଜବରଦଖଲ

ଚନ୍ଦାହାଣ୍ଡି, ୨୪।୮(ଡି.ଏନ.ଏ.) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧଛକରେ ଥିବା ମା' ଛୁଟିବୁଡି ମନ୍ଦିର ଜାଗାକୁ ଶୁକ୍ରୁ ନାୟକ ଜବରଦଖଲ କରି ଦୋକାନ ଷ୍ଟଲ ନିର୍ମାଣ କରିଥିବା ଗ୍ରାମର ହରଲାଲ ଝାଙ୍କର, ସୁଶାନ୍ତ ମାଝି, ଲୋଚନ କଟା, ସିନ୍ଧୁ ଝାଙ୍କର, ସନ୍ତରାମ ମାଝି, ସମୀର କୁମାର ପଟ୍ଟନାୟକ, ହରବ ନେତାମ ପ୍ରମୁଖ ଅଭିଯୋଗ କରିଥିଲେ। ଏଥିସହ ଚନ୍ଦାହାଣ୍ଡି ତହସିଲଦାରଙ୍କୁ ଉକ୍ତ ଜାଗାର ଚିହ୍ନଟ ପାଇଁ ଲିଖିତ ଜଣାଇଥିଲେ। କନ୍ଧିଓଡା ରାଜସ୍ୱ ନିରୀକ୍ଷକ ଉକ୍ତ ଜାଗା ମାପ କରିଥିଲେ। ୩୮୪ ପ୍ଲଟ ନମ୍ବରରେ ତିନି ସେଣ୍ଟ ଜାଗା (ଧର୍ମପିଠ) ଛୋଟଗୁଡି ମନ୍ଦିର ନାମରେ ଥିବାବେଳେ ଉକ୍ତ ଜାଗାରେ ଶୁକ୍ରୁ ନାୟକ ଦୋକାନ ଷ୍ଟଲ କରିଥିବା ରାଜସ୍ୱ ନିରୀକ୍ଷକ ଶିବାନନ୍ଦ ରାଉତ ଚନ୍ଦାହାଣ୍ଡି ତହସିଲଦାରଙ୍କୁ ଜାଗା ଚିହ୍ନଟ କରି ଲିଖିତ ଭାବେ ଜଣାଇଛନ୍ତି । ଗ୍ରାମବାସୀ ଷ୍ଟଲ ନିର୍ମାଣ ସମୟରେ ମନା କରିଥିଲେ ମଧ୍ୟ ସେ ଜୋର ଜବରଦସ୍ତ ଷ୍ଟଲ ନିର୍ମାଣ କରିଥିବା ଗ୍ରାମବାସୀ କହିଛନ୍ତି । ଉକ୍ତ ଜାଗାକୁ ଗ୍ରାମର ପୂଜାରୀଙ୍କଠାରୁ କିଣିଥିବା ଶୁକ୍ରୁ କହୁଥିବାବେଳେ ୧୯୯୫ ମସିହାରେ କିଣିଥିବା କହିଛନ୍ତି । ରାଜ୍ୟ ସରକାର ଜନଜାତିଙ୍କ ମନ୍ଦିର, ଗୁଡି, ଧର୍ମପୀଠ ପାଇଁ ସ୍ୱତନ୍ତ୍ର ଅନୁଦାନ ଦେଇ ଏହାର ବିକାଶ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଏହି ଛୋଟିଗୁଡିର ପାଚେରୀ ପାଇଁ ମଧ୍ୟ ଅନୁଦାନ ଆସିଥିବା ଜଣାପଡିଛି । କିନ୍ତୁ ଉକ୍ତ ମନ୍ଦିର ନାମରେ ପଟ୍ଟା ଥିଲେ ମଧ୍ୟ ଜଣେ ଉକ୍ତ ଜାଗାକୁ ଜବରଦଖଲ କରିଥିବାରୁ ତୁରନ୍ତ ଜବରଦଖଲ ହଟାଇ ଷ୍ଟଲଗୁଡିକୁ ଭାଙ୍ଗିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ନିଖୋଜ ମହିଳା ଉଦ୍ଧାର

ନବରଙ୍ଗପୁର,୨୪।୮(ବି.ପ୍ର.)- ଗତ ତିନିଦିନରୁ ନିଖୋଜ ଥିବା ଡଙ୍ଗରୀଗୁଡା ଗାଁର ପ୍ରେମମଣି ହରିଜନଙ୍କ ଶୁକ୍ରବାର ପତ୍ତା ମିଳିଛି। ନବରଙ୍ଗପୁର ବ୍ଲକ ଜାମ୍ବଗୁଡା ଅଞ୍ଚଳରୁ ଡଙ୍ଗରୀଗୁଡାର କିଛି ଲୋକ ତାଙ୍କୁ ଆଣି ଘରେ ଛାଡିଛନ୍ତି। ପ୍ରକାଶ ଯେ, ପ୍ରେମମଣିଙ୍କ ସ୍ୱାମୀ ଡମ୍ବରୁ ତାଙ୍କୁ ଛାଡି କିଛି ଦିନ ତଳେ ଅନ୍ୟତ୍ର ବାହା ହୋଇଯାଇଥିଲେ। ସ୍ୱାମୀ ଛାଡିଦେବା ପରେ ସେ ବାପଘର ଡଙ୍ଗରିଗୁଡାରେ ରହୁଥିଲେ। ମାନସିକ ଚିନ୍ତାରେ ରହୁଥିବା ପ୍ରେମମଣି ତିନିଦିନ ତଳେ ନିଜର ଶିଶୁ ପୁତ୍ର ବବୁଲୁ(୫) ଓ ରାଜ (୩)ଙ୍କୁ ଛାଡି କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କ ପତ୍ତା ନ ମିଳିବାରୁ ମା' ଓ ଭାଇ ଗୁରୁବାର ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଶୁକ୍ରବାର ଡଙ୍ଗରିଗୁଡାର କିଛି ଲୋକ କୁଲି କାମ କରିବାକୁ ନବରଙ୍ଗପୁର ବ୍ଲକ ଜାମ୍ବଗୁଡା ଯାଇଥିଲେ। ସେଠାରେ ସେମାନେ ପ୍ରେମମଣିଙ୍କୁ ଦେଖି ସାଥିରେ ଆଣି ଗାଁରେ ଛାଡିଥିଲେ। ପରେ ପୋଲିସକୁ ଖବର ଦିଆଯିବା ପରେ ସେ ଡଙ୍ଗରିଗୁଡାରେ ପହଞ୍ଚି ଅଧିକ ତଦନ୍ତ କରିଥିଲା।

### ଚାଷୀଙ୍କ ଭୁବନେଶ୍ୱର ଗସ୍ତ

ପାପଡାହାଣ୍ଡି,୨୪।୮(ଡି.ଏନ୍.ଏ.)- କୃଷି ସମ୍ବନ୍ଧୀୟ ତାଲିମ ନେବା ପାଇଁ ପାପଡାହଣ୍ଡିର ୫୦ ଜଣ ଚାଷି ଶୁକ୍ରବାର ଭୁବନେଶ୍ୱର ଯାଇଛନ୍ତି। ସେମାନେ ଭୁବନେଶ୍ୱର ଆଞ୍ଚଳିକ ବୈଷୟିକ କେନ୍ଦ୍ରରେ ତାଲିମ ନେବା ସହ ବିଭିନ୍ନ ଗବେଷଣାଗାର ବୁଲି ଦେଖିବେ। ସହକାରି କୃଷି ଅଧିକାରି ସୁରଥ ଚନ୍ଦ୍ର ମହାପାତ୍ର, ବିଟିଏମ୍ ଏସ୍.ଏସ୍ ବୁଦେଲା, ଜିତେନ୍ଦ୍ର ଟାଡ୍ରି ପ୍ରମୁଖ ଚାଷୀମାନଙ୍କ ସହ ଭୁବନେଶ୍ୱର ଯାଇଛନ୍ତି। ଏମ୍‌ପି ପ୍ରତିନିଧି ସ୍ୱାଧୀନ ପଟ୍ଟନାୟକ ଓ ଆତ୍ମା ଅଧ୍ୟକ୍ଷ ଫାରୁକ ଅହମ୍ମଦ ପତକା ଦେଖାଇ ଚାଷୀମାନଙ୍କୁ ପଠାଇଥିଲେ।

■ ରାସ୍ତା ଖରାପ: ଗାଁ କୁ ଗଲାନି ଆମ୍ବୁଲାନ୍ସ

## ବାଇକରେ ବୁହା ହେଲେ ଗର୍ଭବତୀ

ଝରିଗାଁ, ୨୪।୮(ସ୍ୱ.ପ୍ର.)–

ଗାଁ କୁ ନାହିଁ ପକ୍କା ରାସ୍ତା। ଫଳରେ ଆସି ପାରିଲାନି ଆମ୍ବୁଲାନ୍ସ। ଶଷରେ ବାଧ ହୋଇ ପରିବାର ଲୋକେ ବାଇକରେ ଗର୍ଭବତୀଙ୍କୁ ପ୍ରାୟ ଏକ କିମି ନେଇ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି। ଏଭଳି ଘଟଣା ଘଟିଛି ଝରିଗାଁ ବ୍ଲକ କୁଲୁଭର୍ଟା ଗ୍ରାମରେ।

ପ୍ରକାଶ ଯେ, ଗ୍ରାମର କଳିଆମଣି ସାନ୍ତାଙ୍କ ସ୍ତ୍ରୀ ସାନିଆଙ୍କୁ ଶୁକ୍ରବାର ସକାଳ ପ୍ରାୟ ୮ରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ତେବେ ପରିବାର ଲୋକେ ତୁରନ୍ତ ସ୍ଥାନୀୟ ଆଶା କର୍ମୀଙ୍କୁ ଜଣାଇଥିଲେ। ଏହାପରେ ଆଶାକର୍ମୀ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସଟି କୁଲୁଭର୍ଟା ଗ୍ରାମକୁ ଯାଇ ନ ପାରି ଧୁମାମ୍ ଗ୍ରାମ ନିକଟରେ ଅଟକି ଯାଇଥିଲା। ଡ୍ରାଇଭର ପରିବାର ଲୋକଙ୍କୁ ଆମ୍ବୁଲାନ୍ସ ଧୁମାମ ଗ୍ରାମରେ ଅଟକି ରହିଥିବା ସୂଚନା ଦେଇଥିଲେ। ଏହାପରେ ଆଶା ଏବଂ ପରିବାର ଲୋକେ ଗର୍ଭବତୀଙ୍କ ବାଇକ୍‌ରେ ବସାଇ ଗାଡିଟିକୁ ଗଡାଇ ଗଡାଇ ଆମ୍ବୁଲାନ୍ସ ନିକଟକୁ ଆଣିଥିଲେ। ମହିଳାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ମା' ଏବଂ ଶିଶୁ ଉଭୟ ସୁସ୍ଥ ଥିବା ଡାକ୍ତର କହିଛନ୍ତି।


ଗଭବର୍ତ୍ତୀଙ୍କୁ ପରିବାର ଓ ଗ୍ରାମବାସୀ ବାଇକରେ ନେଉଛନ୍ତି।

### ଶହୀଦ ଦିବସ ପାଳିତ

ଡାବୁଗାଁ, ୨୪।୮ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଶହୀଦ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଶହୀଦଙ୍କ ନାମ ଫଳକରେ ପୁଷ୍ପମାଲ୍ୟ ଓ ଧୂପଦୀପ ଅର୍ପଣ ପରେ ୧ମିନିଟ ନୀରବ ପ୍ରାଥନା କରାଯାଇଥିଲା। ପରେ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା। ଶିକ୍ଷୟତ୍ରୀ ଆରତୀ ବିଶୋଇ ନବରଙ୍ଗପୁର ଜିଲାର ଇତିହାସ ଓ ଜିଲାର ସଂଗ୍ରାମୀମାନେ କିଭଳି ଦେଶପାଇଁ ଆତ୍ମବଳୀ ଦେଇଥିଲେସେ ବିଷୟରେ କହିଥିଲେ। କ୍ରୀଡା ଶିକ୍ଷୟତ୍ରୀ ରଶ୍ମୀରାଣି ପଣ୍ଡା ସଭା ପରିଚାଳନା କରିଥିଲେ।

### ପେଟ୍ରୋଲ ଢାଳି ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ଘଟଣା ଡିବି ନିଆଁରେ ପୋଡି ଯାଇଥିବା ପୀଡ଼ିତାଙ୍କ ବୟାନ

ଚନ୍ଦାହାଣ୍ଡି, ୨୪।୮(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ଧୋଡିପାଣି ପଞ୍ଚାୟତ ଠେଲାପଡା ଗ୍ରାମର ତରୁଣୀ ମାଝି ଗତ ୨୧ ତାରିଖରେ ନିଆଁରେ ଜଳିଯାଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନବରଙ୍ଗପୁର ଓ ପରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସ୍ୱାମୀ ପେଟ୍ରୋଲ ଢାଳି ଝିଅକୁ ହତ୍ୟା ଉଦ୍ୟମ କରିଥିଲେ ବୋଲି ତରୁଣୀଙ୍କ ମା'ଥାନାରେ ଏତଲା ଦେଇଥିଲେ। କିନ୍ତୁ ଶୁକ୍ରବାର ତରୁଣୀ ଏ ମାମଲାରେ ମୁହଁ ଖୋଲିଛନ୍ତି। ସ୍ୱାମୀ ସୁଶାନ୍ତ ତାଙ୍କୁ ହତ୍ୟା ଉଦ୍ୟମ କରି ନ ଥିଲେ ବରଂ ଡିବିରୁ ନିଆଁ ଲାଗି ସେ ଜଳି ଯାଇଥିଲେ ବୋଲି କୋରାପୁଟ ମାଜିଷ୍ଟ୍ରେଟଙ୍କ ଆଗରେ କହିଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ଜଗନ୍ନାଥ ତ୍ରିପାଠୀଙ୍କ ମହାପ୍ରୟାଣ ଦିବସ

ନବରଙ୍ଗପୁର,୨୪।୮(ବି.ପ୍ର.)–

ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଜଗନ୍ନାଥ ତ୍ରିପାଠୀଙ୍କ ଦଶମ ମହାପ୍ରୟାଣ ଦିବସ ଓ ନବରଙ୍ଗପୁର ମାଆ ଘର ୮ମ ସ୍ୱନକ୍ଷେତ୍ର ଦିବସ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପ ଠାରେ ପାଳିତ ହୋଇ ଯାଇଛି । ସ୍ୱର୍ଗତ ତ୍ରିପାଠୀଙ୍କ ସ୍ୱାଧୀନତା ସଂଗ୍ରାମ ଓ ରାଜନିତୀରେ ରହିଥିବା ଭୂମିକା ଉପରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନେ ଆଲୋକପାତ କରିଥିଲେ । ନବରଙ୍ଗପୁର, କୋଡିଙ୍ଗା ଓ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ବିଧାୟକ ରହିଥିଲେ । ଏହି କାର୍ଯ୍ୟକ୍ରମରେ ସାହିତ୍ୟିକା ଜେମାମଣି ବିଷୋୟୀଙ୍କ ପ୍ରଚଳିତ ଢଗ ପୁସ୍ତକ ଉନ୍ମୋଚିତ ହୋଇଥିଲା । ମାଆ ଘର ପକ୍ଷରୁ ପ୍ରଭାତୀ ବିଷୋୟୀଙ୍କୁ ମା' ସମ୍ମାନରେ ସମ୍ମାନିତ କରାଯାଇଛି । ସେହିଭଳି ମା' ଘର ପକ୍ଷରୁ ନବରଙ୍ଗପୁର ଆଇନଜୀବୀ ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା । ଡାବୁଗାଁ ବିଧାୟକ ଭୂଜବଳ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଜିଲାପରଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ଅନୁସୂଚିତ ଜନଜାତି ବିକାଶ ପରିଷଦର ଅଧ୍ୟକ୍ଷ ମୋତିରାମ ନାୟକ, ଉପାଧ୍ୟକ୍ଷ ମଞ୍ଜୁଳା ମାଝୀ, ପୂର୍ବତନ ବିଧାୟକ ସଦନ ନାୟକ, ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ସର୍ବେଶ୍ୱର ଦାଶ, ସଂଗ୍ରାମ ବେହେରା, ଏସପି ବିବେକାନନ୍ଦ ଶର୍ମା, କାଦମ୍ବିନୀ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ପାପଡାହାଣ୍ଡି ଶହୀଦ ସ୍ମୃତି କମିଟି ସଭାପତି ସୋମନାଥ ବିଷୋୟୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ସଭାପତି ମନୋରଞ୍ଜନ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ମା'ଘର ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ ।


କାର୍ଯ୍ୟକ୍ରମରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

## ଝୁମ୍ପୁଡ଼ିରେ ବିତୁଛି ଜୀବନ:ମିଳୁନି ଦିବ୍ୟାଙ୍ଗ ପ୍ରମାଣପତ୍ର

ନବରଙ୍ଗପୁର,୨୪।୮(ବି.ପ୍ର.)

ଆରପିଏଫ୍ କର୍ମଚାରୀ ମାଡରେ ଶ୍ୟାମ ସୁନ୍ଦର ମାଝିଙ୍କର ଦୁଇ ଗୋଡ ଏବେ ଅଚଳ। ତାଙ୍କୁ ଏଯାବତ୍ ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳି ନ ଥିବାରୁ ଏହା ସେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ନବରଙ୍ଗପୁର ବ୍ଲକ ସାନମସିଗାଁର ଶ୍ୟାମ ସୁନ୍ଦର ମାଝିଙ୍କୁ ୨୦୧୭ ଅକ୍ଟୋବରରେ ରାୟଗଡା ଜିଲା ଟିକିରି ଆରପିଏଫ୍ ପୋଲିସ ମାଡ ମାରିଥିଲା। ଏଥିରେ ତାଙ୍କର ଦୁଇ ଗୋଡ ଅକାମି ହୋଇଯାଇ ଥିଲା। ଏନେଇ ଟିକିରି ଥାନାରେ ଏକ ଅଭିଯୋଗ ମଧ୍ୟ ହୋଇଥିଲା। ଶ୍ୟାମ ଚାଲି ନ ପାରିବାରୁ ସ୍ତ୍ରୀ ରାଣି ତାଙ୍କୁ କାନ୍ଧରେ ବୋହି ବିଭିନ୍ନ ସ୍ଥାନ ବୁଲି ସହାୟତା ମାଗିଥିଲେ। ବ୍ରହ୍ମପୁର, କଟକ ବଡ ମେଡିକାଲରେ ଚିକିତ୍ସା ମଧ୍ୟ କରାଇ ଥିଲେ। କିନ୍ତୁ ଶ୍ୟାମଙ୍କ ଗୋଡ ଠିକ୍ ହୋଇ ନ ଥିଲା। ଏନେଇ ଶ୍ୟାମ ମାନବାଧିକାର କମିଶନକୁ ଜଣାଇଲେ। ଶ୍ୟାମଙ୍କୁ ସହଯୋଗ କରିବାକୁ ସେ ଜିଲାପ୍ରାାସନକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ପକ୍ଷରୁ ଟ୍ରାଇ ସାଇକଲ ଓ ମାସିକ ୧୦ କିଲୋ ଚାଉଳ ଯୋଗାଇ ଦିଆଯାଉଛି। ସେ ଝିଅଙ୍କୁ ଅନ୍ୟ ବର୍ଗରେ ବାହା ଦେଇ ଥିବାରୁ ତାଙ୍କ ପରିବାର ଲୋକେ ଏବେ ତାଙ୍କୁ ଏକ ଘରିକିଆ କରି ଆଉ ପଚାରୁ ନାହାନ୍ତି। ମୁଣ୍ଡ ଗୁଞ୍ଜିବା ପାଇଁ ଘର ପାଖରେ ଏକ ଝୁମ୍ପୁଡି ଘର ତିଆରି କରି ସ୍ୱାମୀ ସ୍ତ୍ରୀ ରହୁଛନ୍ତି । ଦିବ୍ୟାଙ୍ଗ ପ୍ରମାଣ ପତ୍ର ନ ଥିବାରୁ ତାଙ୍କୁ ଭତ୍ତା ମିଳି ପାରୁନି। ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ଆବାସ ଘର ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।

## ବିଧବା ବୋହୂଙ୍କୁ ବଳାତ୍କାର ଉଦ୍ୟମ,ଶ୍ୱଶୁର ଗିରଫ

ଚନ୍ଦାହାଣ୍ଡି, ୨୪।୮(ଡି.ଏନ୍.ଏ.)–

ଚନ୍ଦାହାଣ୍ଡି ବ୍ଲକ ଅନକାବେଡା ପଞ୍ଚାୟତର ସନ୍ଧିମୁଣ୍ଡା ଗ୍ରାମର ସଦାଶିବ କଟା (୬୦) ନିଜ ବିଧବା ବୋହୂଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଜୋର ଜବରଦସ୍ତି କରିବା ଅଭିଯୋଗରେ ପୋଲିସ ଗିରଫ କରିଛି। ସଦଶିବଙ୍କର ତିନି ପୁଅ ଓ ଗୋଟିଏ ଝିଅ।ଏଥିରୁ ବଡ ପୁଅଙ୍କ ମୃତ୍ୟୁ ହୋଇଯାଇଛି। ବଡ ପୁଅଙ୍କ ବୋହୂ ମଧ୍ୟ ସେମାନଙ୍କ ସହ ରୁହନ୍ତି। ଗତ ୨୨ତାରିଖରେ ସେ ବୋହୂଙ୍କୁ ଏକୁଟିଆ ଘରେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ସେ କୌଣସି ମତେ ସଦାଶିବଙ୍କ କବଳରୁ ଖସି ଆସି ଗ୍ରାମବାସୀଙ୍କୁ ଏ ନେଇ ଜଣାଇଥିଲେ। ଗ୍ରାମବାସୀ ଏହାର ସମାଧାନ ପାଇଁ ଉଦ୍ୟମ କରି ବିଫଳ ହେବା ପରେ ବୋହୂ ଚନ୍ଦାହାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ୮୮/୧୮ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସେମିଳିଗୁଡା, ୨୪।୮(ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକ ଏବଂ ସୁନାବେଡା ମ୍ୟୁନିସିପାଲିଟିରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରେ ସେମିଳିଗୁଡା ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ହୋଇଛି । ସେମିଳିଗୁଡା ବ୍ଲକର ୧୭ଟି ଗ୍ରାମ ଏବଂ ମ୍ୟୁନିସିପାଲିଟିରେ ୨୪ଟି ୱାର୍ଡକୁ ନେଇ ଏହା ଅନୁଷ୍ଠିତ ହୋଇଛି। ବର୍ଷାରେ ଆସିବା ପାଇଁ ଦିବ୍ୟାଙ୍ଗମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେମିଳିଗୁଡା ବ୍ଲକ୍ ଚେୟାରମ୍ୟାନ ଦିନେଶ ଖରା, ଭାଇସ ଚେୟାରମ୍ୟାନ ବାସନ୍ତୀବେଜ ନାୟକ , ଦଳେଇଗୁଡା ଗ୍ରା.ପ.ର ବରିଷ୍ଠ ସାମାଜିକ କର୍ମକର୍ତ୍ତା , ସମିତିସଭ୍ୟ ଅନନ୍ତରାମ ମାଟାମ, ସାଡାମ ଗ୍ରା.ପ.ର କମୁଲୁ ଧଉକା, ଚାରାଙ୍ଗୁଲ ଗ୍ରା.ପ.ର ମିନତୀ ବାଘ, ଖୁଡି ଗ୍ରାପର ଧନଦାମି ଅଭିଯୋଗ ଥିଲେ। ଏଭଳି ଶିବିର ପ୍ରତି ଗ୍ରାମପଞ୍ଚାୟତରେ କରାଗଲେ ଦିବ୍ୟାଙ୍ଗମାନଙ୍କ ସମସ୍ୟାର ସାମାଧାନ ହୋଇପାରନ୍ତା ବୋଲି ଉପସ୍ଥିତ ଜନପ୍ରତିନିଧିମାନେ କହିଛନ୍ତି। ଶିବିରରେ ଯୋଗଦେବା ପାଇଁ ସେମାନଙ୍କୁ ଆଉ ଦୂରରୁ ଆସିବାକୁ ପଡ଼ନ୍ତା ନାହିଁ କି ବର୍ଷାରେ ହଇରାଣ ହେବାକୁ ପଡ଼ନ୍ତା ନାହିଁ ବୋଲି ଲୋକପ୍ରତିନିଧି ଦଳ କହିଛନ୍ତି। ଏଥିରେ ଦିବ୍ୟାଙ୍ଗଙ୍କ ନିମନ୍ତେ ଉଚ୍ଚଶିକ୍ଷା, ଗ୍ରାମୀଣ ଆବାସ ଯୋଜନା, ଦିବ୍ୟାଙ୍ଗ ଭତ୍ତା(୩୦୦ରୁ ୫୦୦) ଏବଂ ଉଚ୍ଚଶିକ୍ଷା ପାଇଁ ୨୦୦୦ରୁ ୩୦୦୦ଟଙ୍କାର ସହାୟତା ରାଶି , ମିଶନ କ୍ଷମତା, ସ୍ୱୟଂ ସହାୟକ ଗୋଷ୍ଠୀରୁ ୧୫ହଜାର ଲେଖାଏଁ ସହାୟତା ରାଶି , ଆୟ ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର, ରେଲୱେ ପାସ ପ୍ରଦାନ ପ୍ରଭୃତି ଅଭିଯୋଗର ଶୁଣାଣି ହୋଇଛି। ଦିବ୍ୟାଙ୍ଗଙ୍କ ସହତ ବ୍ଲକ ୩୦୦୦ରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। କୁନ୍ଦୁଲି ପିଏଚସି ଡାକ୍ତର ଦଳ ଏବଂ କୋରାପୁଟ ଡାକ୍ତରୀ ଦଳ ମିଳିତ ଭାବରେ ଏହି ଶିବିରରେ ସମସ୍ତଙ୍କୁ ସାର୍ଟିଫିକେଟ ଦେଇଛନ୍ତି । ସେମିଳିଗୁଡା ବ୍ଲକ ତରଫରୁ ବିଡିଓ ତ୍ରିନାଥ ମାଝିଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଏସିଓ, ଜିପିଓ ଏବଂ ଜେଇମାନେ ସହଯୋଗ କରିଥିଲେ।

## ବିଭିନ୍ନ ସମସ୍ୟା ନେଇ ତହସିଲଦାରଙ୍କୁ ଦାବିପତ୍ର

ଝରିଗାଁ, ୨୪।୮(ସ୍ୱ.ପ୍ର.)–

ଆଦିବାସୀ ଅଧିକାର ମଞ୍ଚ ଓ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ଅଞ୍ଚଳରେ ଥିବା ଅନେକ ସମସ୍ୟା ସମାଧାନ ଦାବିରେ ଆଦିବାସୀ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର କ୍ଷମାନିଧି ଭୋଇଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଇଚ୍ଛାପୁର ପଞ୍ଚାୟତ ଅଧୀନ ୬ଟି ୱାଡର ଶତାଧିକ ମହିଳା ପୁରୁଷ ଚଚା ହାଟପଦାରେ ଏକତ୍ରିତ ହୋଇ ଏକ ଶୋଭାଯାତ୍ରାରେ ବାହାରି ଆର୍‌ଆଇ ଅଫିସରେ ଦାବିପତ୍ର ଦେଇଥିଲେ।

ଦୀର୍ଘ ୪୦ ବର୍ଷ ହେବ ଆଦାବାସୀଙ୍କ ଦଖଲ ଚାଷ ଜମିରେ ଜବରଦସ୍ତ ପଞ୍ଚାୟତ ଗୃହ ନିର୍ମାଣ କରାଯାଉଅଛି। ଏହାକୁ ବନ୍ଦ କରିବା ସହ ଇଚ୍ଛାପୁର ନୂତନ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଗ୍ରାମ ସଭା କରାଯାଇ ଜମି ଚିହ୍ନଟ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଇଚ୍ଛାପୁରସ୍ଥିତ ଅସ୍ଥାୟୀ ପଞ୍ଚାୟତ କାର୍ଯ୍ୟାଳୟରେ ମାସିକ ପିଡିଏସ୍ ଚାଉଳ ଏବଂ ଭତ୍ତା ପ୍ରଦାନ, ୧୯୯୬ ପେସା ଆଇନ ଓ ଜଙ୍ଗଲ ଅଧିକାର ଆଇନ ବଦଳରେ ସଂଶୋଧିତ ଆଇନ ୨୦୧୨ ନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯାଉ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାଛଡା ବ୍ଲକ ଅଧୀନ ଇଚ୍ଛାପୁର, ଭାଲୁକୁନାଡି, ପାଲିଆ, ଚକଲାପଦର, ବଡଟେମରା ଓ ଚଚା ପଞ୍ଚାୟତ ଚାଷୀ ତଥା ସାଧାରଣ ଲୋକଙ୍କୁ ଜମିପଟ୍ଟା ପ୍ରଦାନ କରାଯିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏ ନେଇ ପୂର୍ବରୁ ବାରମ୍ବାର ବ୍ଲକ ତଥା ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ୍ୟ ସେଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ୨୭ ତାରିଖ ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ଇଚ୍ଛାପୁର ପଞ୍ଚାୟତ ଅଧୀନ ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରକୁ ବନ୍ଦ କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ନୁଆଖାଉ ଭତ୍ରା, ରାଜେଶ ଜାନୀ, ସୁଦର ମାଝି, ମହେଶ୍ୱର ତିୱାରୀ, ରାନୁ ଜାନୀ, ନାରାୟଣ ଛତ୍ରିଆ, ମଧୁ ଦଳପତି, ଅର୍ଜୁନ ଛତ୍ରିଆ,ଜଗଦୀଶ ମାଝି, ପରମେଶ୍ୱର ଶବର, ସାଲିମଧର ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।


ଆଦିବାସୀ ମଞ୍ଚ ଓ ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ rgdselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ବାପି



@ ଅରିଫ



@ ଅଜିତ୍



@ ନାଗ୍

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | rgdselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

■ ଝିଅକୁ ଭେଟିବାକୁ ଯାଉଥିଲେ

# ବାଟରେ ମୃତ୍ୟୁ ଭେଟି ଦେଲା ଭାଗ୍ୟ

ବୈପାରୀଗୁଡ଼ା,୨୪।୮(ଡି.ଏନ୍.ଏ.)

ମୃତ୍ୟୁ କେତେବେଳେ କେମିତି ଆସେ, ତାହା କଳ୍ପନା ବାହାରେ। ଜଣେ ବ୍ୟକ୍ତି ନିଜ ଝିଅକୁ ଭେଟିବା ପାଇଁ ଯିବାବେଳେ ଏହା ପୂର୍ବରୁ ବାଟରେ ତାଙ୍କୁ ମୃତ୍ୟୁ ଭେଟି ମିଳିଛି। ମୃତକ ହେଲେ ଭଗବାନ ଶୁକ୍ରି।

ସୂଚନା ଅନୁଯାୟୀ, କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ଖିଲପୁଟ ଗ୍ରାମର ଭଗବାନ ଶୁକ୍ରି (୫୦) ନିଜ ଝିଅଙ୍କୁ ଭେଟିବାକୁ ଶୁକ୍ରବାର ବାହାରିଥିଲେ। ଝିଅ ଘର ବୈପାରୀଗୁଡ଼ା ବ୍ଲକ ଖିଲପୁଟ ଗ୍ରାମରେ। ଭଗବାନ ଖିଲପୁଟ ଅଭିମୁଖେ ଯାଉଥିବା ବେଳେ ବୈପାରୀଗୁଡ଼ା-କେନ୍ଦୁପଡ଼ା ରାସ୍ତାରେ ଏକ ଖାଲୁଆ ଓ ପାଣି ଜମିଥିବା ସ୍ଥାନରେ ପଡ଼ିଯାଇଥିଲେ। ଶ୍ୱାସରୁଦ୍ଧ ହୋଇ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବୈପାରୀଗୁଡ଼ା ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଭଗବାନ ଅସୁସ୍ଥ ଥିବା ତାଙ୍କ ପରିବାର ଲୋକେ ପ୍ରକାଶ କରିଛନ୍ତି।

■ଛୁରାମାଡ଼ରେ ବଡ଼ବାପାର ମୃତ୍ୟୁ ମାମଲା

# ପୁତୁରାଙ୍କୁ ୧୦ ବର୍ଷ ଜେଲ

ଜୟପୁର,୨୪।୮(ନି.ପ୍ର.)

ପୁତୁରାର ଛୁରାମାଡ଼ରେ ବଡ଼ବାପାଙ୍କ ମୃତ୍ୟୁ ଘଟଣାର ରାୟ ଜୟପୁର ଅତିରିକ୍ତ ଜିଲାକୋର୍ଟରେ ଶୁକ୍ରବାର ପ୍ରକାଶ ହୋଇଛି। ଅତିରିକ୍ତ ଜିଲା ଦୌରାଜଜ୍ ରାଜକିଶୋର ଲେଙ୍କା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଦୀନବନ୍ଧୁ ମୁଦୁଲିଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୩୦ ହଜାର ଟଙ୍କା ଜରିମନାରେ ଦଣ୍ଡିତ କରାଯାଇଛି। ଅର୍ଥ ଅନାଦେୟ ହେଲେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ନିର୍ଦ୍ଦେଶ ରହିଛି। ସୂଚନା ଅନୁଯାୟୀ, କୋଟପାଡ଼ ଥାନା ପରଜାଗୁଡ଼ାର ଦୀନବନ୍ଧୁ ମୁଦୁଲି ୨୦୧୪ ଅକ୍ଟୋବର ୩ରେ ବଡ଼ବାପା ସୁଧୁ ମୁଦୁଲିଙ୍କୁ ଛୁରି ମାରି ହତ୍ୟା କରିଥିଲେ। କୋଟପାଡ଼ ଥାନାରେ ଏତଲା ହେବା ପରେ ପୋଲିସ ଦୀନବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୁଧୁ ନିଜ ସ୍ତ୍ରୀଙ୍କ ସୁନାର କାନଫୁଲ ହଜିଥିବାରୁ ଦୀନବନ୍ଧୁଙ୍କ ଉପରେ ସନ୍ଦେହ କରିଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ସେ ଏପରି କାଣ୍ଡ ଘଟାଇଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏହି ମାମଲାରେ ୧୧ ଜଣ ସାକ୍ଷ୍ୟ ଦେଇଥିଲେ । ସ୍ୱତନ୍ତ୍ର ସରକାରୀ ଓକିଲ ପ୍ରଭାକର ପଟ୍ଟନାୟକ ମାମଲାକୁ ପରିଚାଳନା କରିଥିଲେ।

# ନାଳରେ ଭାସିଗଲେ ଦେଶିଆ ନାଟଗୁରୁ

ବୈପାରୀଗୁଡ଼ା,୨୪।୮(ଡି.ଏନ୍.ଏ.):

ବୈପାରୀଗୁଡା ଥାନା ଅନ୍ତର୍ଗତ ଚନ୍ଦ୍ରପଡ଼ା ପଞ୍ଚାୟତ ବାଣୁଆଗୁଡ଼ା ଗ୍ରାମର କମଳ ଲୋଚନ ଦଳେଇ (୨୭) ଗତ ଗୁରୁବାରଠାରୁ ନଦୀରେ ଭାସିଯାଇ ନିଖୋଜ ଥିବା ଜଣାପଡ଼ିଛି । ପ୍ରକାଶ ଯେ କମଳ ଲୋଚନ ଗତ ଗୁରୁବାର ଦିନ ଗୋରୁ ଚରାଇବାକୁ ଯାଇଥିବା ବେଳେ ଏକ ନାଳରେ ପାରି ହେବା ସମୟରେ ପାଣିରେ ଭାସିଯାଇଥିଲେ। ୨ ଦିନ ହେବ ବୈପାରୀଗୁଡା ଅଗ୍ନିଶମ ବିଭାଗ ଖୋଜାଖୋଜି ଚଳାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କମଳଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନାହିଁ। ଏ ସଂପର୍କରେ ଖବର ପାଇ ସ୍ଥାନୀୟ ତହସିଲ ଜ୍ୟୋତିର୍ମୟୀ ସେଠୀ ଓ ଅତିରିକ୍ତ ତହସିଲଦାର ସଞ୍ଜୀବ କୁମାର ସାହୁ ଘଟଣାସ୍ଥଳକୁ ଯାଇ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଏ ସଂକ୍ରାନ୍ତରେ ଥାନାରେ ଏକ ନିଖୋଜ ମାମଲା ରୁଜୁ ହୋଇଛି । କମଳ ଲୋଚନ ଦେଶିଆ ନାଟଗୁରୁ ଭାବେ ଜଣାଶୁଣା ଥିବାବେଳେ ତାଙ୍କର ସ୍ତ୍ରୀ ନାଇମତି ଦଳେଇ ବର୍ତ୍ତମାନ ଚନ୍ଦ୍ରପଡା ପଞ୍ଚାୟତର ନାଏବ ସରପଞ୍ଚ ଅଛନ୍ତି।

# ଗାଡ଼ି ସହ ଗଞ୍ଜେଇ ଜବତ, ୨ ଗିରଫ

ବୈପାରୀଗୁଡ଼ା,୨୪।୮(ଡି.ଏନ୍.ଏ.):

ଶୁକ୍ରବାର ବୈପାରୀଗୁଫା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଏକ କାର୍ ସହ ୫୭ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏଥିରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଏ ସଂପର୍କରେ ଥାନା ଅଧିକାରୀ ଅମିତାଭ ଦାସ ସୂଚନା ଦେଇ କହିଛନ୍ତି ଯେ, ପୂର୍ବ ସୂଚନା ମୁତାବକ ଶୁକ୍ରବାର ସକାଳେ ପୋଲିସ ପକ୍ଷରୁ ମାଲକାନଗିରି ପଟୁ ବୈପାରୀଗୁଡା ଅଭିମୁଖେ ଆସୁଥିବା ଗାଡ଼ିଗୁଡ଼ିକ ତଲାସି କରାଯାଇଥିଲା । ସେହି ସମୟରେ ଏହି କାର୍‌ରୁ ୫୭ କିଲୋ ୫ ଶହ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସଂପୃକ୍ତ ୨ ଅଭିଯୁକ୍ତଙ୍କ ଗିରଫ କରାଯାଇଥିଲା । ସେମାନେ ହେଲେ ଗାଡି ଚାଳକ ଅନିଲ କୁମାର ଓ ପ୍ରମୋଦ ଯାଦବ । ଉଭୟଙ୍କ ଘର ହରିୟାଣା ରାଜ୍ୟର ହୋଇଥିବା ବେଳେ ଏସବୁ ମାଲ ସେଠାକୁ ଚାଲାଣ ହେଉଥିଲା।

# କନ୍ତ୍ରାକୁଣ୍ଡରେ ପହଞ୍ଚିଲେ ପ୍ରାଣୀ ଚିକିତ୍ସକ ଦଳ

ବୈପାରୀଗୁଡ଼ା,୨୪।୮(ଡି.ଏନ୍.ଏ.):

କିଛିଦିନ ହେବ ବୈପାରୀଗୁଡ଼ା ବ୍ଲକ କନ୍ତ୍ରାକୁଣ୍ଡରେ ପଶୁ ମଡ଼କ ଦେଖାଦେଇଥିଲା। ସପ୍ତାହକ ମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁ ଅଜଣା ରୋଗରେ ପ୍ରାଣ ହରାଉଥିଲେ। ଏହା ସତ୍ତ୍ୱେ ଗାଁକୁ କୌଣସି ଡାକ୍ତରୀ ଦଳ ଆସୁନଥିବା ଗାଁ ଲୋକେ ଅଭିଯୋଗ କରିଆସୁଥିଲେ । ଏ ସଂକ୍ରାନ୍ତରେ ଗତ ୨୨ ଓ ୨୩ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଶୁକ୍ରବାର ଏକ ପ୍ରାଣୀ ଚିକିତ୍ସକ ଦଳ ଉକ୍ତ ଗ୍ରାମକୁ ଯାଇ ପଶୁମାନଙ୍କ ଚିକିତ୍ସା କରିଛନ୍ତି। ଏହି ଡାକ୍ତରୀ ଦଳରେ ଥିଲେ ଜୟପୁର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଶୁଭ୍ରକାନ୍ତ ମହାନ୍ତି, ବୈପାରୀଗୁଡ଼ା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମଧୁସ୍ମିତା ଦଳେଇ, କୁନ୍ଦୁରା ବ୍ଲକ ଦିଗାପୁର ପ୍ରାଣୀ ଚିକିତ୍ସା ଅଧିକାରୀ ମୋନାଲିସା ନାୟକ ତଥା ରାମଗିରି ଓ ତେନ୍ତୁଳିଗୁମ୍ମା ପଶୁଧନ ନିରୀକ୍ଷକ । ସେମାନେ କହିଛନ୍ତି ଯେ ଲଗାଣ ବର୍ଷା ହେଉଥିବା ବେଳେ ଯତ୍ନ ଓ ଖାଦ୍ୟ ଅଭାବରୁ ଗୃହପାଳିତ ପଶୁ ମରୁଛନ୍ତି। ସ୍ଥାନୀୟ ପଶୁଧନ ନିରୀକ୍ଷକ ନିୟମିତ ସେଠାକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ।

# କିରାଣିଙ୍କ ସନ୍ଦେହଜନକ ମୃତ୍ୟୁ

କୋରାପୁଟ,୨୪।୮(ସ୍ୱ.ପ୍ର.)

କୋରାପୁଟ କଲେକ୍ଟରେଟରେ କିରାଣି ଭାବେ କାର୍ଯ୍ୟ କରୁଥିବା ରଞ୍ଜିତ ମିଶ୍ର (୫୦)ଙ୍କ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ କୋରାପୁଟ ଟାଉନ ପୋଲିସ ପୁଟିଲାସାହିସ୍ଥିତ ତାଙ୍କ ଘରୁ ଉଦ୍ଧାର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି। ଦୀର୍ଘ ଦିନ ହେଲା ସ୍ତ୍ରୀ ତାଙ୍କ ପାଖରେ ରହୁ ନଥିବାବେଳେ ଘରେ ସେ ଏକା ରହିଆସୁଥିଲେ।


# OFFICE OF THE MUNICIPAL COUNCIL, PHULBANI

## SHORT TENDER CALL NOTICE

**No. 4002/Mpty.Plb.** **Dated 23.08.2018**

Sealed tenders are ivited from Register Contractors of State PWD, PH and Municipal Contractor for execution of the following works. The tender paper can be had from the office of Phulbani Municipality in working day from **24.08.2018** to **10.09.2018** on payment of cost as mentioned against each work.

| Sl. No. | Name of the work | Estimated cost in Rs. | Place sale of tender paper | Tender paper cost in Rs. | EMD to be deposited in Rs. | Class of contractor | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of CC road at Bapujipalli from Rina Sethi house towards Rabin Nayak house, Ward No.1 | 1,70,000.00 | Cashier, Phulbani Municipality | 600.00 | 1,700.00 | D & C & Municipality | 30 days |
| 2 | Construction of CC road in front of Shaktidayani Mandir, Ward No.1 | 1,49,000.00 | Ditto | 600.00 | 1,490.00 | Ditto | 30 days |
| 3 | Improvement of road in front of Siba Mandir, Ward No.1 | 1,82,000.00 | Ditto | 600.00 | 1,820.00 | Ditto | 30 days |
| 4 | Construction of CC road at Damigaon Harijan Sahi, Ward No.2 | 1,23,000.00 | Ditto | 600.00 | 1.230.00 | Ditto | 30 days |
| 5 | Construction of CC road at Damigaon from Parbati Kanhar house towards river, Ward No.2 | 1,08,000.00 | Ditto | 600.00 | 1,080.00 | Ditto | 30 days |
| 6 | Construction of CC road at Mallick Sahi, Ward No.2 | 1,36,000.00 | Ditto | 600.00 | 1,360.00 | Ditto | 30 days |
| 7 | Construction of plat form and CC road at Dakapala School sahi near Burial Ground, Ward No.2 | 1,33,000.00 | Ditto | 600.00 | 1,330.00 | Ditto | 30 days |
| 8 | Construction of pump house chamber and road at back side of AJO High School, Phulbani, Ward No.3 | 1,25,000.00 | Ditto | 600.00 | 1,250.00 | Ditto | 30 days |
| 9 | Improvement of road from Urmila Behera house towards Suresan Nayak house at Mundia Sahi, Ward No.3 | 1,27,000.00 | Ditto | 600.00 | 1,270.00 | Ditto | 30 days |
| 10 | Improvement of road at Mundia Sahi from Rama Digal house towards Trinath Mandir, Ward No.3 | 1,65,000.00 | Ditto | 600.00 | 1,650.00 | Ditto | 30 days |
| 11 | Construction of road at Munida Sahi from Park road towards Antaryami Digal house, Ward No.3 | 1,05,000.00 | Ditto | 600.00 | 1,050.00 | Ditto | 30 days |
| 12 | Improvement of road at Nadikhandi Sahi in front of Gelu Panda house and in front of Hari Behera house, Ward No.3 | 1,03,000.00 | Ditto | 600.00 | 1,030.00 | Ditto | 30 days |
| 13 | Improvement of road at Pragati Marga, Phulbani sahi, Ward No.4 | 1,50,000.00 | Ditto | 600.00 | 1,500.00 | Ditto | 30 days |
| 14 | Construction of road from Prasanta Kara house towards Santanu Pattnaik house, Ward No.4 | 1,92,000.00 | Ditto | 600.00 | 1,920.00 | Ditto | 30 days |
| 15 | Improvement of road at Dhipa Sahi 2nd Lane, Ward No.4 | 1,59,000.00 | Ditto | 600.00 | 1,590.00 | Ditto | 30 days |
| 16 | Construction of Drain at Masterpada from Tiki Satpathy house towards Ganesh Behera house, Ward No.5 | 1,47,000.00 | Ditto | 600.00 | 1,470.00 | Ditto | 30 days |
| 17 | Construction of Drain at Masterpada from Balaram Pradhan house towards Tiki Satpathy house, Ward No.5 | 1,55,000.00 | Ditto | 600.00 | 1,550.00 | Ditto | 30 days |
| 18 | Construction of Drain and improvement of road near Rabi Dash house and Dasarathi Behera house at Masterpada, Ward No.5 | 1,98,000.00 | Ditto | 600.00 | 1.980.00 | Ditto | 30 days |
| 19 | Construction of CC road near Akura Prdhan house at Suna Mishra Gali, Ward No.6 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 20 | Construction of CC road from Biswarathi Pradhan house towards Babuli Pattajoshi house at Suna Mishra Gali, Ward No.6 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 21 | Construction of CC road from Saroj Kumar Mishara house towards Babuli Pattajoshi house at Suna Mishra Gali, Ward No.6 | 1,71,000.00 | Ditto | 600/.00 | 1,710.00 | Ditto | 30 days |
| 22 | Improvement of road near Ujjala Pattnaik house at Amalapada, Ward No.7 | 1,45,000.00 | Ditto | 600.00 | 1,450.00 | Ditto | 30 days |
| 23 | Construction of road from Brahman Devi Mandir towards Circular road at Amalapada, Ward No.7 | 1,86,000.00 | Ditto | 600.00 | 1,860.00 | Ditto | 30 days |
| 24 | Improvement of road from Prakash Tea house towards Debendra Nayak house at Amalapada, Ward No.7 | 1,74,000.00 | Ditto | 600.00 | 1,740.00 | Ditto | 30 days |
| 25 | Construction of road near Gass Godown at Narayani Sahi, Ward No.8 | 1,69,000.00 | Ditto | 600.00 | 1,690.00 | Ditto | 30 days |
| 26 | Construction of road from Samanta Babu house towards Rao Babu house at Prakruti Bihar, Ward No.8 | 1,42,000.00 | Ditto | 600.00 | 1,420.00 | Ditto | 30 days |
| 27 | Improvement of road from Prakruti Bihar towards main road, Ward No.8 | 1,90,000.00 | Ditto | 600.00 | 1,900.00 | Ditto | 30 days |
| 28 | Construction of road from Behera Service Centre towards Dharmendra house, Ward No.9 | 1,95,000.00 | Ditto | 600.00 | 1,950.00 | Ditto | 30 days |
| 29 | Improvement of road from Dash Babu house towards Bikram Behera house at Jiringipada, Ward No.9 | 1,58,000.00 | Ditto | 600.00 | 1,580.00 | Ditto | 30 days |
| 30 | Improvement of road at Penjisahi, Ward No.9 | 1,48,000.00 | Ditto | 600.00 | 1,480.00 | Ditto | 30 days |
| 31 | Construction of Drain at Baikumpa, Ward No.10 | 1,69,000.00 | Ditto | 600.00 | 1.690.00 | Ditto | 30 days |
| 32 | Construction of road at Kumbharpada near Anganwadi Centre, Ward No.10 | 1,78,000.00 | Ditto | 600.00 | 1,780.00 | Ditto | 30 days |
| 33 | Improvement of road at Baikhole, Ward No.10 | 1,54,000.00 | Ditto | 600.00 | 1,540.00 | Ditto | 30 days |
| 34 | Construction of road from Arjuna Sethi house towards Pramila Maharana house at Jiringipada, Ward No.11 | 1,60,000.00 | Ditto | 600.00 | 1,600.00 | Ditto | 30 days |
| 35 | Improvement of road at Chandan Nagar, Ward No.11 | 1,72,000.00 | Ditto | 600.00 | 1,720.00 | Ditto | 30 days |
| 36 | Construction of road from Udayanath Sahu house towards Laxman Das house at Dhadhibaman Sahi, Ward No.11 | 1,68,000.00 | Ditto | 600.00 | 1,680.00 | Ditto | 30 days |
| 37 | Improvement of road at Brahman sahi in front of Chidananda Play School, Ward No.12 | 1,99,000.00 | Ditto | 600.00 | 1,990.00 | Ditto | 30 days |
| 38 | Improvement of road from Circular road towars main road in front of DFO Office, Phulbani, Ward No.12 | 1,58,000.00 | Ditto | 600.00 | 1,580.00 | Ditto | 30 days |
| 39 | Improvement of road in front of ADM Res. Ward No.12 | 1,44,000.00 | Ditto | 600.00 | 1,440.00 | Ditto | 30 days |
| 40 | Improvement of road from Circular road towards Sameer Beher house at Kendupadar, Ward No.13 | 1,96,000.00 | Ditto | 600.00 | 1,960.00 | Ditto | 30 days |
| 41 | Construction of CC road at Kendupadar from Suman Behera house towards Ugresan Behera house, Ward No.13 | 1,62,000.00 | Ditto | 600.00 | 1,620.00 | Ditto | 30 days |
| 42 | Construction of CC road at Kendupadar from Malaya Behera house towards Jogendra Behera house, Ward No.13 | 1,46,000.00 | Ditto | 600.00 | 1,460.00 | Ditto | 30 days |
| 43 | Construction of road at Salunki Sahi from Manahar Kanhar house towards Chakradhar Kanhar house | 1,50,000.00 | Ditto | 600.00 | 1,500.00 | Ditto | 30 days |
| 44 | Construction of road at Salunki Sahi near Pabitra Kanhar house | 1,50,000.00 | Ditto | 600.00 | 1,500.00 | Ditto | 30 days |
| 45 | Construction of drain and road from Salunki sahi towards river | 1,97,000.00 | Ditto | 600.00 | 1,970.00 | Ditto | 30 days |
| 46 | Construction of Guard Wall at Right side of Jagannath Mandir, Phulbani | 1,38,000.00 | Ditto | 600.00 | 1,380.00 | Ditto | 30 days |
| 47 | Construction of Gurad Wall at Left side of Jagannath Mandir, Phulbani | 1,38,000.00 | Ditto | 600.00 | 1,380.00 | Ditto | 30 days |

1. Last date of sale of tender paper which can be hard from Cashier in Phulbani Municipality up to **5.00 PM** on **10.09.2018** on payment of cost.
2. Time and date of receipt of Tender Paper in Phulbani Municipality up to **1.00 PM on 11.09.2018**.
3. Time and date of opening of tenders in Phulbani Municipality in presence of all Tenderers or their representative at **3.00 PM** on **11.09.2018.**
4. EMD an amount equal to 1% of total quoted value M.R./in shape of DD of any nationalized Bank in favour of Executive Officer, Phulbani Municipality payable at Phulbani/ Money Receipt will be deposited along with tender.
5. Xerox copy to valid and up-to-date ITCC/Pan Card and VAT Clearance Certificate in (VAT-612) to be furnished along with tender.
6. Tender received without EMD will be liable for rejection.
7. Tender received after due date and time will be rejected.
8. If any dates (i.e. last date of sale of tender paper, last date of submission and opening of tender etc.) will declared as Government holiday then the next working date shall considered for sale of tender paper and submission of tenders respectively at the same time and venue.
9. Authority reserves right to reject any or all tenders without assigning any reason thereof.

**Sd./- Executive Officer,**
**Phulbani Municipality**



# ODISHA HYDRO POWER CORPORATION LIMITED

**BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051**
Phones: 06861-232581 (O)/232641 (R), Fax: 06861-232541
Email: unit.head_balimela@yahoo.com

No. BHEP/T-148 (Vol-II) / 4486 Dtd.21.08.18

## 2nd Corrigendum Notice to Tender Call Notice No.BHEP: T-148 (Vol-II) / 3764 Group-B) Dated.12.07.2018

Sub.: Repairing of Line concentrators (08 Nos.) of Unit-7 & 8 of BHEP, Balimela

No.CAD-754: The last date of this office Tender Call Notice No._BHEP: T-148 (Vol-II) / 3764 dtd.12.07.2018 for repairing of Line concentrators (08 Nos.) of Unit-7 & 8 of BHEP, Balimela is extended as follows.

Last date of sale of tender paper : **13.00 hrs. of 06.09.2018**
Last date of receipt of tender : **16.00 hrs. of 06.09.2018**
Date of opening of tender paper : **16.30 hrs. of 06.09.2018**

All other terms and conditions of the above TCN remains unaltered.
• For details of tender documents, terms and conditions, eligibility criteria and downloading please visit our website at **www.ohpcltd.com**.

04019/11/0065/1819 **Sd./- SR. GENERAL MANAGER (EL)**

# ଡିଜିଟାଲ୍ ମାର୍କେଟିଂରେ କ୍ୟାରିୟର

ଦିନ ଥିଲା ନିଜ ଉତ୍ପାଦିତ ସାମଗ୍ରୀକୁ ବିକ୍ରି କରିବା ପାଇଁ ବ୍ୟବସାୟୀମାନେ ଘର ଘର ବୁଲୁଥିଲେ। କୌଣସି ନିର୍ଦ୍ଦିଷ୍ଟ ଆଉଟ୍‌ଲେଟ୍ ବା ଶୋ'ରୁମ୍‌ରେ ନିଜ ସାମଗ୍ରୀକୁ ପ୍ରଦର୍ଶନ କରୁଥିଲେ। ଏବେ ଏହି ଧାରାରେ ଯଥେଷ୍ଟ ଉନ୍ନତି ଘଟିଲାଣି। ପ୍ରତିଯୋଗିତାର ଦୌଡରେ ବ୍ୟବସାୟୀମାନେ ନିଜ ଉତ୍ପାଦକୁ ଗ୍ରାହକଙ୍କ ଆଖି ସାମ୍ନାରେ ପ୍ରଦର୍ଶନ କରୁଛନ୍ତି। ଏଭଳି ଏକାଧିକ ନୂତନ କୌଶଳ ଏବଂ ପଦ୍ଧତି ମଧ୍ୟରୁ ଅନ୍‌ଲାଇନ୍ ମାର୍କେଟିଂ ବା ଡିଜିଟାଲ୍ ମାର୍କେଟିଂ ଏକ ପ୍ରମୁଖ କୌଶଳ। ଏହା ବର୍ତ୍ତମାନ ଏତେ ବ୍ୟାପକ ହୋଇଛି ଯେ, ଏହି କ୍ଷେତ୍ରରେ ଥିବା ସଫଳ ବ୍ୟବସାୟୀମାନେ ହିଁ ବିଶ୍ୱର ସର୍ବଶ୍ରେଷ୍ଠ ଧନୀ ବ୍ୟକ୍ତିର ପରିଚୟ ହାସଲ କରିଛନ୍ତି।

ଏ କ୍ଷେତ୍ରରେ ବର୍ତ୍ତମାନ ସମୟରେ କ୍ୟାରିୟର ଗଢିବା ପାଇଁ ବ୍ୟାପକ ସୁଯୋଗ ରହିଛି ବୋଲି କୁହାଯାଉଛି। ସବୁ ଶିଳ୍ପରେ ଅନ୍‌ଲାଇନ୍ ମାର୍କେଟିଂର ଗୁରୁତ୍ୱ ବୃଦ୍ଧି ପାଇଥିବାରୁ ନିଯୁକ୍ତି ସୁଯୋଗ ମଧ୍ୟ ବୃଦ୍ଧି ପାଉଛି। ଏହି ଦୃଷ୍ଟିରୁ ଯେଉଁ ଯୁବପିଢି ଏହାକୁ ଏକ କ୍ୟାରିୟର ପ୍ଲାଟ୍‌ଫର୍ମ ଭାବେ ଭାବୁଛନ୍ତି ସେମାନଙ୍କ ପାଇଁ ଏଠାରେ କେତୋଟି ଟିପ୍ସ।



> ଆଜି ଗୋଟେ ନୂତନ ବ୍ୟବସାୟ ଆରମ୍ଭ ହେଲେ କାଲି ତାହାର ପ୍ରତିଯୋଗୀ ସଂସ୍ଥା ମୁଣ୍ଡ ଟେକୁଛି। ଏଥିରେ ତିଷ୍ଠି ରହିବା ପାଇଁ ନୂତନ କୌଶଳମାନ ସୃଷ୍ଟି ହେଉଛି। ଡିଜିଟାଲ୍ ମାର୍କେଟିଂ ବା ଅନ୍‌ଲାଇନ୍ ମାର୍କେଟିଂ ଏହି କୌଶଳର ଏକ ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ...



ଏବେ ଦେଶ ବାହାରର ଅନ୍‌ଲାଇନ୍ ପ୍ଲେୟରମାନେ ଭାରତ ମୁହାଁ ହେଉଛନ୍ତି। ପ୍ରତିଯୋଗିତା ଏତେ ମାତ୍ରାରେ ବଢ଼ିଛି ଯେ, ଲୋକାଲ୍ ପ୍ଲେୟର ଭାବେ ଆମକୁ ରିସର୍ଚ୍ଚ ଏବଂ ଇନୋଭେଶନ ଉପରେ ଧ୍ୟାନଦେବାକୁ ହେବ। ନୂତନ ଉତ୍ପାଦ, ନୂତନ କୌଶଳ ଏବଂ ନୂତନ ଧାରା ପ୍ରବର୍ତ୍ତନ କଲେ ଯାଇଁ ଏ କ୍ଷେତ୍ରରେ ଆଗକୁ ବଢ଼ି ହେବ।

*–ଆଶୁତୋଷ ପାତ୍ର, ପ୍ରତିଷ୍ଠାତା, ଫ୍ଲାଇଂମାର୍ଟ*

୧– ଡିଜିଟାଲ୍ ମାର୍କେଟିଂ ଇଣ୍ଡଷ୍ଟ୍ରି ବର୍ତ୍ତମାନ ଉଭୟ ଅଭିବୃଦ୍ଧିଶୀଳ ଓ ପ୍ରତିଯୋଗିତାପୂର୍ଣ୍ଣ। ଏ କ୍ଷେତ୍ରରେ ନିଜକୁ ସକ୍ରିୟ ରଖିବାକୁ ହେଲେ ନୂତନ ଗବେଷଣା ଓ ଜ୍ଞାନ ଆହରଣ କରିବାକୁ ପଡିବ।

୨– ଏଥିରେ ଯେଉଁ ପରିବର୍ତ୍ତନ ହେଉଛି ବା ନୂଆ ଖବର ଆସୁଛି ସେ ସମ୍ପର୍କରେ ଅପ୍‌ଡେଟ୍ ହେବା ଉଚିତ।

୩–ନିଜର ଯୋଗାଯୋଗ ବୃଦ୍ଧି କରିବା ତଥା ଶିଳ୍ପ ସମ୍ପର୍କରେ ଅଧିକ ଜାଣିବା ପାଇଁ ଜାତୀୟ/ଅନ୍ତର୍ଜାତୀୟସ୍ତରର ସମ୍ମିଳନୀରେ ଭାଗ ନିଅନ୍ତୁ।

୪– ବର୍ତ୍ତମାନ ସମୟରେ ବ୍ରାଣ୍ଡ୍ ହେଉଛି ସବୁକିଛି। ତେଣୁ ନିଜର ସ୍ୱତନ୍ତ୍ରତା ଓ ଭିନ୍ନତାକୁ ନେଇ ନିଜସ୍ୱ ବ୍ରାଣ୍ଡ୍ ପ୍ରସ୍ତୁତ କରନ୍ତୁ।

୫– ଅନ୍ୟମାନଙ୍କ ଠାରୁ ସର୍ବଦା ଆଗରେ ରହିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରନ୍ତୁ।

ଏହି ପରିବର୍ତ୍ତନଶୀଳ କ୍ଷେତ୍ରରେ ନିଜକୁ ସର୍ବଦା ମାର୍କେଟ୍ ଲିଡର ଭାବେ ଛିଡ଼ା କରିବା ପାଇଁ ହେଲେ ସମସ୍ତ ଆହ୍ୱାନକୁ ସାମ୍ନା କରିବାକୁ ପ୍ରସ୍ତୁତ ହେବା ଉଚିତ।


**୪୫ ଜଣ କର୍ମଚାରୀ ଆବଶ୍ୟକ**
**FOR A BOOK SALES COMPANY**
Posting at Bhubaneswar Office (No Donation) ଯୋଗ୍ୟତା : 10th ରୁ Graduation Age (18-30) Years ମାସିକ ରୋଜଗାର 9600 ରୁ 15000 ସହ ରହିବା Free. Contact Within 4 Days With Bio-data
THE MANAGER (MICRO EXPANSION) N/6-315, JAYDEV VIHAR, BBSR
PH : 9238100178

**WANTED**
ଏକ Tourism ସଂସ୍ଥା ପାଇଁ 10th କିମ୍ବା +2 ପାସ୍ କରିଥିବା Female Staff ଆବଶ୍ୟକ। ଦରମା: 8000/- ରୁ 10,000/-.
RISHIKA HOLIDAYS, Bhubaneswar.
Mob: 9437456365

**ପିଲା ଆବଶ୍ୟକ**
Mob: 9937010437 8917312908
Plot No: 273/274, Jagannath Complex, Kharvelnagar, BBSR

**ଆବଶ୍ୟକ**
ଭୁବନେଶ୍ୱରରେ ଘର କାମ ପାଇଁ ୨୨ ବର୍ଷ ମଧ୍ୟରେ ପୁଅ କିମ୍ବା ଝିଅ ଆବଶ୍ୟକ। ଭଲ ଦରମା ସହ ଖାଇବା ଏବଂ ରହିବା ମାଗଣା ଦିଆଯିବ।
ଯୋଗାଯୋଗ: 9438674500

**REQUIREMENT**
We Want Experienced both Male & Female persons in Travel, Tourism & Hospitality Industry, who can make Tour Packages Accordingly to the needs of the customers/ clients for our Bhubaneswar Office.
Contact: BANADURGA TRAVELS, Plot No: 362/3850, Opposite BMC Office, Goutam Nagar, Near Kalpana Sqr.
Mobile: 8338092200, 8338072200

**ENGINEERING & TRADING CO REQUIRED**
Architects, Manager, Sales Officer (10 Nos.), Engineer Civil, Electrical, Mechanical, Supervisor, Accountant, Car Driver, Security, Welder.
Contact: 0674 2973254, 9238482524, 9090732020

**19 VACANCY IN MNC**
Qual.- 10th To Graduation
Age- (18 To 30) Yrs
Monthly Rs.8000/- To Rs.20000/- + Hostel free.
9937042198, 9937172198

**URGENTLY REQUIRED**
ଏକ I.S.O. Certified ନବନିର୍ମିତ କମ୍ପାନୀର ଅଫିସ୍ ପାଇଁ ସାରା ଓଡ଼ିଶାରୁ ଷ୍ଟାଫ୍ ଆବଶ୍ୟକ। ଯୋଗ୍ୟତା: ୮ମରୁ M.B.A., ବୟସ: (୧୮–୩୫) yrs.
Salary: upto 25,000/-.
CUTTACK- 9938954286, 9439740690
BALASORE- 9178671812, 9439410183

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ସିକ୍ୟୁରିଟି ଗାର୍ଡ / ଅଫିସ୍ ଆସିଷ୍ଟାଣ୍ଟ / କାର ଡ୍ରାଇଭର / ବ୍ୟକ୍ତିଗତ ସେବକ / ରୋଷେୟା / ଘର ସଫେଇବାଲା/ ବେତନ: ୧୪୦୦୦-୨୦୦୦୦।
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି଼,
9884761210

**ଆବଶ୍ୟକ**
ଭୁବନେଶ୍ୱରରେ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ
PRINTING PRESS ରେ କାମ କରିବା ପାଇଁ ପିଲା ଆବଶ୍ୟକ
ରହିବା ଖାଇବା ସୁବିଧା ଅଛି
PRINTONIX, Room No 02/58, 1st Floor PD Market, CRP Square, BBSR.
Contact : 9937281776

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
Part Time / Full Time
Contact: 9938676412

**KISAN MARKETING**
Near Sai Temple, Bhubaneswar
Urgently Required 2 Nos. SALES PERSONS for Bhubaneswar Market. Should have knowledge of Sanitary Items.
Salary: Negotiable.
Mob: 9937062616

**WANTED SALES EXECUTIVE: 02 Nos.**
Required for LIGHTING COMPANY at Bhubaneswar
12th Pass with One or Two years Experience in Retail Network is preferred. Interested candidates apply with detail Resume at
hrelectronics18@gmail.com
Ph: 9040218060, 9777100869

**S.T.A.R COLLEGE & MANAGEMENT**
Forest Park, Bhubaneswar
Required Principal (PHD) & Faculties for PMIR Course · +2, +3 Arts and Commerce Faculty
Telecaller (20Nos) · Marketing Manager (4Nos)
Office Assistant (2Nos) · Peon (2Nos)
Come along with your Voter ID / Aadhaar Card, All Certificate (Xerox) & 2 Passport size photos.
*Salary : Rs 4,000/- to Rs 20,000/- P.M.*
9937337659, 8660468279, 7008938112, 9040090530
Welcome for District wise Educational Consultant

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**---DIRECT JOINING---**
BACK OFFICE / DATA ENTRY / CUSTOMER CARE / BANK TECHNICAL / SURVEY
Qual : Under Matric, 10th, +2, Graduate, ITI, Diploma, B.Tech, MBA, MCA, MSW.
Salary : 5000/- To 30,000/- per month
9114627157, 9078148138

**URGENTLY REQUIRED**
ଆୟୁର୍ବେଦିକ SPA ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ। ଖାଇବା ସୁବିଧା ଅଛି। ଦରମା : ୬୦୦୦/-
FRONT RECEPTIONIST
Salary : 9000/-
Mob : 9114402303
DAMANA SQUARE, BHUBANESWAR


ଧରିତ୍ରୀ DHARITRI
is looking for
**LAYOUT DESIGNERS**

- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 10 days to:
**recruitment@dharitri.com**
Pay & perks will be the best in the industry for deserving candidates.

**PARADIP PORT TRUST** SAGARMALA

No: CMO/OE/A/GL-290/2018/1614 Dt. 21 Aug, 2018

**ADVERTISEMENT**

Applications are invited from employees working in Major Ports/Central/State Govt./PSUs etc. for filling up of **1 (one) post each of Staff Nurse and Laboratory Technician** in the scale of Rs.17,700/- 44,600/- in Paradip Port Trust. For further details, refer to our website **www.paradipport.gov.in**.

PPT/PR/295/18-19, Dt.24.08.2018 **Chief Medical Officer**

See CAREER APPOINTMENT on every Wednesday & Saturday


ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09205194798

**SWAN KHADI**
A MNC Company deals with HOME CARE, PERSONAL CARE, COSMETICS Required SALES OFFICERS (for all Odisha)
Salary: 15k to 20k + TA + DA + Incentives
FMCG Background Candidates preferred.
BBSR: 8249682173


**PARADIP PORT TRUST** SAGARMALA
PARADIP-754142, ODISHA (INDIA)
(An autonomous body under Ministry of Shipping, Govt. of India)

No. AD/RSC-I-21-67/2014/2975 Dt. 10th Aug, 2018

**ADVERTISEMENT**

Applications are invited from Indian Nationals for filling up following **Class-I / Class-II** posts on **direct recruitment** basis in Paradip Port Trust.
**(1). Dy. Chief Law Officer (Class-I), (2). Sr. Accounts Officer (Class-I), (3). Assistant Executive Engineer (Town Planning) (Class-I), (4). Deputy Marine Engineer, (Class-I), (5). Engineer In-Charge(Tug) (Class-II).** For further details, refer to our website : **www.paradipport.gov.in**

PPT/PR/283/2018-19, Dt.18.08.2018 Sr. Dy. Secretary


**WANTED**
For a Photo Lamination & Framing Business House at Bhubaneswar.
1. **DRIVER:** Candidates should have valid License (LMV & HMV License).
2. **SALES EXECUTIVE:** Candidates should be +2 Pass or above.
CONTACT NO: 9337170743, 9337170744

**DIRECT JOINING**
~ CALL CENTER
~ DATA ENTRY
~ TELE CALLER
~ AUTOCAD
~ BACK OFFICE
~ DELIVERY EXE.
Qual. : +2, +3, ITI, Diploma
Salary : Rs.(6500 To 16000) Age Below 32 years
9853844830, 9937529015

**REQUIRED**
Applications are invited for Field Verification Work of areas at BBSR, CTC, Jharsuguda, Sambalpur, Bargarh, Bolangir, Boudh, Keonjhar & Rayagada.
Forest Park, BBSR
7537000302, 7978752682


**ମାଳୀ, ହାଉସ୍ କିପିଙ୍ଗ କର୍ମଚାରୀ, ୱେଟର ଏବଂ କୁକ୍ ଆବଶ୍ୟକ**

ଦିଲ୍ଲୀର ଏକ ଶିଳ୍ପପତିଙ୍କ ଆବାସିକ କାର୍ଯ୍ୟାଳୟ ତଥା ବଙ୍ଗଳାରେ କାର୍ଯ୍ୟ କରିବା ନିମନ୍ତେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ ।
**ମାଳୀ (ଜୈବ କୃଷିରେ ଅଭିଜ୍ଞ)- ୧, ହାଉସ୍ କିପିଙ୍ଗ (କ୍ଲିନିଙ୍ଗ) କର୍ମଚାରୀ -୨, ୱେଟର (ସର୍ଭିସ୍ ବୟ) - ୧, କୁକ - ୧**
ଯୋଗ୍ୟତା / ଅଭିଜ୍ଞତା - କୌଣସି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ପ୍ରଶିକ୍ଷିତ ହୋଇଥିବେ କିମ୍ବା / ଏବଂ କୌଣସି ପ୍ରତିଷ୍ଠିତ ଅନୁଷ୍ଠାନରେ **ଦୁଇ ବର୍ଷ**ରୁ ଅଧିକ କାର୍ଯ୍ୟ କରିଥିବେ । କୁକ୍ ପଦବୀ ନିମନ୍ତେ **ଓଡିଆ, ଚାଇନିଜ୍ ଓ ନର୍ଥ ଇଣ୍ଡିଆନ୍** ଖାଦ୍ୟ ରାନ୍ଧିବାରେ ଦକ୍ଷତା ଓ ଅଭିଜ୍ଞତା ଆବଶ୍ୟକ ।
**ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ସର୍ବୋତମ ବେତନ ବ୍ୟବସ୍ଥା ରହିବା ଏବଂ ଖାଇବା ମାଗଣା**
ଯୋଗାଯୋଗ – **୯୩୩୭୦୨୪୬୬୯ / ୮୦୯୩୬୬୦୧୯୯,**
ଇମେଲ୍ – **housekeepingdelhi47@gmail.com**

**The Institute of Chartered Financial Analysts of India University, Odisha**

ICFAI® UNIVERSITY

**Inviting Applications for the Position of VICE CHANCELLOR at Bhubaneswar**

The Institute of Chartered Financial Analysts of India University, Odisha, has been established under The Institute of Chartered Financial Analysts of India University, Odisha Act 5 of 2010.

The University is inviting applications from accomplished academicians for the position of **Vice Chancellor.** The candidate should be a strategic thinker with substantial experience in academic administration to be based at **Bhubaneswar.**

Candidates should have Ph.D in any discipline with a minimum of ten years of experience as Professor in a University system or ten years of experience in an equivalent position in a reputed research and / or academic administrative organisation. Selected candidate is expected to provide leadership to faculty and staff and contribute towards strategic and intellectual growth and development of the University.

Candidates may send their applications with detailed resume with complete details of experience, qualifications, and accomplishments with a brief not exceeding 500 words on *"Why the applicant considers himself / herself suitable for the position of Vice Chancellor"*. Applications can be sent through e-mail to, ***spl.officer@icfaiuniversity.in*** within 10 days from the date of the advertisement.

**Campus:** The ICFAI University, Odisha, Taraboi, Near IIT Bhubaneswar, Bhubaneswar - 752050, Odisha.

*www.icfaiuniversity.in*

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ନିଯୁକ୍ତି ସୂଚନା**

**ପୂର୍ବ ତଟ ରେଳପଥରେ ବର୍ଷ 2018-19 ନିମନ୍ତେ ସାଂସ୍କୃତିକ କୋଟାରେ ଭର୍ତ୍ତି**

ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ.ECoR/Pers/Cultural/2018-19

ଜାରି ହେବା ତାରିଖ : ତା.25.08.2018ରିଖ, ଅନ୍ତିମ ତାରିଖ : ତା.24.09.2018ରିଖ, ଅନ୍ତିମ ସମୟ : 1800 ଘଣ୍ଟିକାରେ

(1) ପୂର୍ବ ତଟ ରେଳପଥରେ ବର୍ଷ 2018-19 ନିମନ୍ତେ ସାଂସ୍କୃତିକ କୋଟା (Cultural Quota) ରେ ଭର୍ତ୍ତି ପାଇଁ ନିମ୍ନଲିଖିତ ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଥିବା ଭାରତୀୟ ନାଗରିକମାନଙ୍କ ଠାରୁ ପେ ବ୍ୟାଣ୍ଡ୍-1 (ଟ.5,200-20,200/-)(6th CPC) ସହିତ ଗ୍ରେଡ୍ ପେ-ଟ.1,900/-(6th CPC) [Pay matrix 7th CPC ର ଲେଭେଲ-2] ରେ 02(ଦୁଇ) ଗୋଟି ଖାଲି ପଦବୀ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଛି

(କ) କି ବୋର୍ଡ଼(Key Board)/ହାର୍ମୋନିୟମ୍ ବାଦକ(Harmonium Player)-ଗୋଟିଏ ପଦବୀ
(ଖ) ଭାୟୋଲିନ୍/ଗୀତାର ବାଦକ-ଗୋଟିଏ ପଦବୀ

(2) ବୃତ୍ତିଗତ ସାଂସ୍କୃତିକ ଯୋଗ୍ୟତା : (କ) ଅତ୍ୟାବଶ୍ୟକ : ଯେକୌଣସି ମାନ୍ୟତା ପ୍ରାପ୍ତ ସଂସ୍ଥାରୁ କି ବୋର୍ଡ଼(Key Board) / ହାର୍ମୋନିୟମ୍ ବାଦକ ପଦବୀ ନିମନ୍ତେ କି ବୋର୍ଡ଼ / ହାରମୋନିୟମ୍‌ରେ ଡିଗ୍ରୀ / ଡିପ୍ଲୋମା / ପ୍ରମାଣପତ୍ର ଏବଂ ଭାୟୋଲିନ୍ / ଗୀତାର ବାଦକ ପଦବୀ ନିମନ୍ତେ ଭାୟୋଲିନ୍ / ଗୀତାରରେ ଡିଗ୍ରୀ / ଡିପ୍ଲୋମା / ପ୍ରମାଣପତ୍ର ଥିବା ଆବଶ୍ୟକ। (ଖ) ବାଞ୍ଛନୀୟ : (i) ପ୍ରାସଙ୍ଗିକ କ୍ଷେତ୍ରରେ ଅଭିଜ୍ଞତା ଏବଂ ସର୍ବଭାରତୀୟ ରେଡ଼ିଓ / ଦୂରଦର୍ଶନ ଇତ୍ୟାଦିରେ ଉତ୍ତମ ପ୍ରଦର୍ଶନ କରିଥିବା ଆବଶ୍ୟକ (ii) ରାଷ୍ଟ୍ରୀୟ ସ୍ତରରେ ପୁରସ୍କାର ଜିତିଥିବା ଆବଶ୍ୟକ।

(3) ଶିକ୍ଷାଗତ ଯୋଗ୍ୟତା : 12th ପରୀକ୍ଷାରେ ଉତ୍ତୀର୍ଣ୍ଣ(+2 ସ୍ତର) କିମ୍ବା କିମ୍ବା ଏହାର ଅନୁରୂପ ପରୀକ୍ଷାରେ ସର୍ବମୋଟ୍ 50% ଅଙ୍କରୁ କମ୍ ରଖିନଥିବେ (NTPC ବର୍ଗ ନିମନ୍ତେ ସର୍ବମୋଟ୍ 50% ଅଙ୍କ ଆବଶ୍ୟକ ଥିବା ସ୍ଥଳେ ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି/ପୂର୍ବ ସୈନିକ ଏବଂ ସ୍ନାତକ/ସ୍ନାତକୋତ୍ତର ଭଳି ଉଚ୍ଚ ଯୋଗ୍ୟତାଧାରୀ ପ୍ରାର୍ଥୀମାନଙ୍କ ନିମନ୍ତେ 50% ଅଙ୍କ ପ୍ରାପ୍ତ କରିବାର କୌଣସି ଆବଶ୍ୟକତା ନାହିଁ)। ମାନ୍ୟତା ପ୍ରାପ୍ତ ବୋର୍ଡ଼ରୁ ମାଟ୍ରିକ୍ ପାସ୍ କିମ୍ବା ଅନୁରୂପ ତଥା ଏଥିସହିତ ITI ପ୍ରମାଣପତ୍ରଧାରୀ ପ୍ରାର୍ଥୀମାନେ ମଧ୍ୟ ଟେକ୍‌ନିସିଆନ୍-III ରେ ନିଯୁକ୍ତି ନିମନ୍ତେ ଦରଖାସ୍ତ କରିପାରିବେ।

(4) ବୟସସୀମା : ତା.01.01.2019ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 30 ବର୍ଷ (ଅଣସଂରକ୍ଷିତ ବର୍ଗ ନିମନ୍ତେ), 33 ବର୍ଷ (ଅନ୍ୟ ପଛୁଆ ବର୍ଗ ନିମନ୍ତେ) କିମ୍ବା 35 ବର୍ଷ(ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି ବର୍ଗ ନିମନ୍ତେ) ଉଦ୍ଦିଷ୍ଟ।

ଅନ୍ୟ ସବିଶେଷ ବିବରଣୀ ତଥା ଦରଖାସ୍ତ ଫର୍ମ ନିମନ୍ତେ ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ www.eastcoastrail.indianrailways.gov.in କୁ ଅବଲୋକନ କରନ୍ତୁ।

PR-330/J/18-19 ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ

**JOB VACANCIES**

An upcoming dealership needs Professional in Bhubaneswar & Sambalpur location opportunity exists for the following positions:-

- **ADMIN. MANAGER:** Relevant work experience in construction & Govt. Liasoning having 5-10 years experience in any Automobile Sector.
- **HR EXECUTIVE:** Must be MBA (HR) having good exposure to EPF, ESI, Bonus. Preference will given the candidate from Automobile Sector.
- **SR. ACCOUNTANT:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **GM (Sales):** Must be Graduate/MBA having 10 to 12 years experience in Managing Sales, operation of any 4 wheelers passenger Car Dealership.
- **CUSTOMER RELATIONSHIP MANAGER (Sales):** Having experience in similar filed in Automobile Dealership with knowledge of customer handling, complain resolution, Managerial ability to lead the team.
- **SALES CONSULTANTS:** Fresher Graduates/MBA having at least 1 year experience in Automobile of any 2/3/4 wheeler dealership.
- **GM(Service):** Must be Diploma or Degree in Automobile having 10 to 12 years experience in Managing a Workshop in 4 wheelers dealership.
- **BODYSHOP MANAGER:** Degree or Diploma in Automobile/ Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR MANAGER:** Degree or Diploma in automobile/ Mechanical having 3 to 5 years experience in 2/3/4 wheeler dealership workshop.
- **SERVICE ADVISOR:** Diploma in Automobile Engg. having 1 to 2 years experience with valid driving license of any 2/3/4 wheeler dealership.
- **WARRANTY EXECUTIVE:** Diploma in Automobile/ Mechanical having 1-2 yrs of relevant experience in any Automobile Sector handling warranty related claims.
- **TECHNICIANS:** ITI/ DIPLOMA in Automobile having at least 1 year experience in any 2/3/4 wheeler dealership/Garage.

**CONTACT: 7606002084**
**Mamtamayeehrm@gmail.com & siddharth9909@gmail.com**

**Odisha Mineral Exploration Corporation Ltd.**
(100% Subsidiary Unit of Odisha Mining Corporation Ltd.)
Regd. Office: OMC House, Bhubaneswar-751001, Odisha, Tel: 0674-2377400/2377401
Fax: 2396889, 2391629, CIN : U13209OR2016SGC025960

No.03/OMECL Date : 24.08.2018

**ADVERTISEMENT FOR APPOINTMENT OF EXECUTIVES**

The Odisha Mineral Exploration Corporation Ltd., a 100% Subsidiary Unit of Odisha Mining Corporation Ltd. invites application from eligible candidates for the following post positively for regular employment in OMECL.

| Sl. No. | Name of the Post | No. of Posts to be filled-up | Category | Scale of Pay as per ORSP, 2017 |
|---|---|---|---|---|
| 1 | Managing Director | 01 | UR | Level-17 (Rs.1,35,100-2,16,800/-) |
| 2 | Manager (Geo.), E-3 grade | 01 | UR | Level-13 (Rs.67,700-2,08,700/-) |
| 3 | Dy. Manager (Geo.), E-2 grade | 02 | UR | Level-13 (Rs.67,700-2,08,700/-) |
| 4 | Manager (Fin.), E-3 grade | 01 | UR | Level-13 (Rs.67,700-2,08,700/-) |
| 5 | Manager (Company Affairs), E-3 grade | 01 | UR | Level-13 (Rs.67,700-2,08,700/-) |

Interested eligible candidates may visit the OMC website **http://www.omcltd.in** for details of eligibility criteria, terms & conditions and application format and submit application in prescribed form dully filled in & accompanied by copies of self-attested certificates / testimonials in hard copy on or before **20.09.2018** by **Registered Post / Speed Post** positively to **General Manager(P&A),** The Odisha Mining Corporation Ltd., Post Box No.34, OMC House, Bhubaneswar-751001.

The Management reserves the right to cancel, amend or alter the above advertisement without assigning any reason thereof.

Director (Personnel)
The Odisha Mining Corporation Ltd.





**WALK-IN**

**SHANMUKHA AGRITEC LIMITED**
*Your Partner in Prosperity*
AN ISO 9001:2015 CERTIFIED COMPANY

Shanmukha Agritec Limited, A well established and fast growing Agri based company dealing with Agro Chemicals, Micro Nutrients, PGPR, Organic & Biological Insecticides.

The Company has a very strong customer base in farming community and a wide range of Dealer marketing network across PAN INDIA with its dedicated & hard working Marketing force.

Now the company is looking for Young, Dynamic & Hard working Male Candidates for Odisha State. The Candidates should be a Graduate in any degree (Agri. preferable), with relevant experience in Agri-input Dealer Marketing for the following positions.

| Position | No. of Vacancies | Experience |
|---|---|---|
| SALES OFFICERS | 10 | Minimum of 3 Years |
| AREA SALES MANAGER | 03 | Minimum of 5 Years |
| REGIONAL MANAGER | 02 | Minimum of 7 Years |



Salary for the above positions is not a constraint for right candidates. Interested Candidates may walk-in for an interview on 29th August, Wednesday between 10 am to 4pm at HOTEL NIKI, VSS MARG SAMBALPUR & 30 th August, Thursday between 10 am to 4pm at HOTEL KALINGA ASHOK, KALPANA SQUIRE, BHUBANESWAR, Contact : Mr. Prasanth Kar, Sr. Regional Manager, 74899 88911. Those who are unable to attend the interview may send your detailed profile to hr@shanmukhaagritech.com

**SHANMUKHA AGRITEC LIMITED**
Corp. Off: 7-1-621/98, Opp. Axis Bank, S.R. Nagar Main Road, Hyderabad - 500 038. Ph: 040-6668 7275/76/77 www.shanmukhaagritech.com

**A Good Decision will Lead to a Great Career...**


ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

“ଉନ୍ନତ ରାଜସ୍ବକୁ ଧ୍ୟାନରେ ରଖି ଆଗାମୀ ଦିନରେ ଅଧିକ ଟାୟାର ୩ କୋଚ୍ ଆଣିବା ଲାଗି ଯୋଜନା ରହିଛି।
– ଅଶ୍ୱିନୀ ଲୋହାନି, ରେଳ ବୋର୍ଡ ଅଧ୍ୟକ୍ଷ



“ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପରିଚାଳନାରେ ସ୍ୱାଧୀନତା ଦିଆଗଲେ ସେମାନେ ଅନାଦାୟ ଋଣ ସମସ୍ୟା ସମାଧାନ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବେ।
– ଜି.ପଦ୍ମନାଭନ୍, ଅଣ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ, ବ୍ୟାଙ୍କ ଅଫ୍ ଇଣ୍ଡିଆ



## ସଂକ୍ଷେପରେ

### ଆର୍‌କମ୍‌ର ମୁଣ୍ଡବ୍ୟଥା

ନୂଆଦିଲ୍ଲୀ,୨୪-୮: ଋଣ ଭାରରେ ଜର୍ଜରିତ ରିଲାଏନ୍ସ କମ୍ୟୁନିକେଶନ(ଆର୍‌କମ୍)ର ଅଡୁଆ ଯେମିତି କମିବାର ନାଁ ଧରୁନି। ଡିପାର୍ଟମେଣ୍ଟ ଅଫ ଟେଲିକମ୍ୟୁନିକେଶନ୍ସ(ଡଟ୍) ସ୍ପେକ୍ଟ୍ରମ ବ୍ୟବହାର ବାବଦରେ ଆର୍‌କମଠାରୁ ୨୯୦୦ କୋଟି ଟଙ୍କାର ବକେୟା ଚାର୍ଜ ଆଦାୟ କରିବାକୁ ଯାଉଛି। ଏହି ଅର୍ଥକୁ ନଗଦ ଅଥବା ବ୍ୟାଙ୍କ ଗ୍ୟାରେଣ୍ଟି ଜରିଆରେ ଦେବାକୁ କମ୍ପାନୀକୁ କୁହାଯିବ। ଏହି ଅର୍ଥ ପୈଠ ନହେଲେ ଆର୍‌କମ ନିଜର ସ୍ପେକ୍ଟ୍ରମକୁ ରିଲାଏନ୍ସ ଜିଓକୁ ବିକ୍ରି କରିପାରିବ ନାହିଁ। ଟେଲିକମ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ସ୍ପେକ୍ଟ୍ରମ ବ୍ୟବହାରକୁ ନେଇ ବିଭିନ୍ନ ଅଦାଲତରେ ଆର୍‌କମ୍ ବିରୋଧରେ ଏକାଧିକ ମାମଲା ଚାଲିଥିବାରୁ କମ୍ପାନୀ ଉକ୍ତ ପରିମାଣ ଅର୍ଥର ବ୍ୟାଙ୍କ ଗ୍ୟାରେଣ୍ଟି ଦେବାକୁ ବାଧ ହେବ। ତେବେ ଆର୍‌କମ୍ ପକ୍ଷରୁ ଇତିମଧ୍ୟରେ ୨୦୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଦିଆଯାଇଥିବାରୁ ଉକ୍ତ ବକେୟା ଅର୍ଥରୁ ଏହାକୁ ବାଦ୍ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ରିଲାଏନ୍ସ ଜିଓକୁ ନିଜର ସ୍ପେକ୍ଟ୍ରମ ବିକ୍ରି କରି ନ ପାରିଲେ ଆର୍‌କମ୍ ଋଣ ପରିଶୋଧ କରିପାରିବ ନାହିଁ। ଏହା ହିଁ କମ୍ପାନୀ ପାଇଁ ବଡ଼ ମୁଣ୍ଡବ୍ୟଥା ହୋଇଛି।

### ୧୭ ହଜାର କୋଟିର ଋଣ ସମାଧାନ ହୋଇଯିବ: ଏସ୍‌ବିଆଇ ଏମ୍‌ଡି

ନୂଆଦିଲ୍ଲୀ,୨୪-୮: ପ୍ରାୟ ୧୭ ହଜାର କୋଟି ଟଙ୍କାର ଋଣ ନେଇଥିବା ୭-୮ଟି ଶକ୍ତି ପ୍ରକଳ୍ପର ଋଣ ସମାଧାନ ଖୁବଶୀଘ୍ର ହୋଇଯିବ ବୋଲି ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଏମଡି ଅରିଜିତ ବାସୁ ଶୁକ୍ରବାର ପ୍ରକାଶ କରିଛନ୍ତି। ଦେଶରେ ସ୍ଥାପିତ ଅଥବା ନିର୍ମାଣାଧୀନ ୩୪ଟି ଶକ୍ତି ପ୍ରକଳ୍ପ ଲାଗି ପ୍ରାୟ ୧.୭୪ ଲକ୍ଷ କୋଟି ଟଙ୍କାର ଋଣ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଦିଆଯାଇଛି ବୋଲି ବାସୁ କହିଛନ୍ତି। ବ୍ୟାଙ୍କଗୁଡ଼ିକ ଋଣ ନେଇଥିବା ପ୍ରାୟ ୧୩-୧୪ଟି ପ୍ରକଳ୍ପ ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ୭-୮ଟି ପ୍ରକଳ୍ପର ମ୍ୟାନେଜମେଣ୍ଟରେ ପରିବର୍ତ୍ତନ, ପୁଞ୍ଜିନିବେଶ ଆଦିକୁ ବିଚାରକୁ ନେଲେ ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସହମତି, ନିବେଶକଙ୍କ ମଧ୍ୟରେ ସମାଧାନ ପାଇଁ ଆଗ୍ରହ ପ୍ରକାଶ ଯୋଗୁ ପ୍ରାୟ ୧୭ ହଜାର କୋଟି ଟଙ୍କାର ବକେୟା ଋଣର ସମାଧାନ ହୋଇଯିବ ବୋଲି ଆଶା କରାଯାଉଥିବା ସେ କହିଛନ୍ତି।

### ସୁନା ଉପରୁ ସୀମା ଶୁଳ୍କ ହ୍ରାସ ପ୍ରସ୍ତାବ

ନୂଆଦିଲ୍ଲୀ,୨୪-୮: ସୁନା ଉପରେ ଲାଗୁ ହେଉଥିବା ୧୦% ସୀମା ଶୁଳ୍କକୁ କୋହଳ କରିବା ଲାଗି ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ଶୁକ୍ରବାର ପ୍ରସ୍ତାବ ଦେଇଛି। ସେହିଭଳି ସୁନାରେ ଲାଗୁ ହେଉଥିବା ୩% ଜିଏସ୍‌ଟି ହ୍ରାସ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଭଳି ପଦକ୍ଷେପ ଦ୍ୱାରା ଟିକସ ଅନୁପାଳନ ବୃଦ୍ଧି ତଥା ସୁନାର ଚୋରା କାରବାର ହ୍ରାସ ଘଟିବ ବୋଲି ବିଚାର କରାଯାଉଛି।

# ସରକାରଙ୍କ ବିତ୍ତୀୟ ପଦକ୍ଷେପକୁ ରାଜନ୍‌ଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୪-୮



- ଚଳନ୍ତି ଖାତା ନିଅଣ୍ଟ ନିୟନ୍ତ୍ରଣକୁ ଗୁରୁତ୍ୱ
- ୩.୫% ସ୍ତରକୁ ଖସିଛି ସିଏଡି
- ଟଙ୍କା ମୂଲ୍ୟ ହ୍ରାସ ଚିନ୍ତାର କାରଣ ନୁହେଁ

ବିତ୍ତୀୟ ନିଅଣ୍ଟକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ସରକାରଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ପୂର୍ବରୁ ସମାଲୋଚନା କରିଥିବା ଦେଖାଯାଇଥିଲା। ମାତ୍ର ସରକାର ବର୍ତ୍ତମାନ ଗ୍ରହଣ କରୁଥିବା ବିଭିନ୍ନ ବିତ୍ତୀୟ ନିୟନ୍ତ୍ରଣ ପଦକ୍ଷେପକୁ ରାଜନ ପ୍ରଶଂସା କରିଛନ୍ତି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ଥିବା ବେଳେ ବିତ୍ତୀୟ ନିଅଣ୍ଟ ନିୟନ୍ତ୍ରଣ ଉପରେ ସରକାର ବିଶେଷ ଭାବେ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱର ଏକ ପ୍ରମୁଖ ଅର୍ଥନୀତି ଭାବେ ଘରୋଇ ଅର୍ଥବ୍ୟବସ୍ଥାର ମୌଳିକ ଢାଞ୍ଚାକୁ ଠିକ୍ କରିବା ସହ ଚଳନ୍ତି ଖାତା ନିଅଣ୍ଟ(ସିଏଡି)କୁ ନିୟନ୍ତ୍ରଣ କରିବା ନେଇ ଯତ୍ନବାନ ହେବାକୁ ବ୍ଲୁମବର୍ଗକୁ ଦେଇଥିବା ଏକ ସାକ୍ଷାତକାରରେ ରାଜନ ଏହା କହିଛନ୍ତି।

ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟ ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବାରେ ସରକାର ସକ୍ଷମ ହେବେ। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏ ନେଇ ସୂଚନା ଦେଇଥିଲେ। ମାତ୍ର ସିଏଡି କ୍ଷେତ୍ରରେ କିଛିଟା ପ୍ରଭାବ ରହିବ ବୋଲି ଉକ୍ତ ଅଧିକାରୀ ଜଣକ କହିଥିଲେ। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଏଭଳି ସ୍ଥିତି ଆସିବ ବୋଲି ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଘରୋଇ ବଜାରର ସିଏଡି ମୋଟ୍ ଜିଡିପିର ୨.୮% ରହିବ ବୋଲି ନୋମୁରା ଏଜେନ୍ସି ପ୍ରକାଶ କରିଥିଲା। ୨୦୧୪ରେ ବିତ୍ତୀୟ ନିଅଣ୍ଟ ୪.୫% ରହିଥିବା ବେଳେ କେନ୍ଦ୍ର ସରକାର ୨୦୧୭-୧୮ରେ ଏହାକୁ ହ୍ରାସ କରି ୩.୫%କୁ ଆଣିଛନ୍ତି। ଚଳିତ ଆର୍ଥିକ ବର୍ଷରେ ଏହାକୁ ହ୍ରାସ କରି ୩.୨% ସ୍ତରକୁ ଆଣିବାକୁ ଲକ୍ଷ୍ୟ ରହିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସକୁ ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି। ଡଲାର ମୂଲ୍ୟ ଦୃଢ଼ ତଥା ଘରୋଇ ବଜାରରେ ମୁଦ୍ରାସ୍ଫୀତି ଉଚ୍ଚରେ ରହିବା ଯୋଗୁ ଏପରି ସ୍ଥିତି ଆସିଛି। ଏସିଆର ଅନ୍ୟ ଦେଶ ତୁଳନାରେ ଟଙ୍କା ମୂଲ୍ୟ ବିଶେଷ ଭାବେ ହ୍ରାସ ହୋଇ ୭୦% ସ୍ତର ଛୁଇଁଛି।

#### ବାଣିଜ୍ୟ ଯୁଦ୍ଧ ନେଇ ସତର୍କ କରାଇଲେ

ବିଶ୍ୱ ମାନ୍ଦାବସ୍ଥା ଆସିବାର ବହୁ ପୂର୍ବରୁ ଅନୁମାନ କରିଥିବା ଅର୍ଥନୀତିଜ୍ଞ ରଘୁରାମ ରାଜନ୍ ବର୍ତ୍ତମାନ ବାଣିଜ୍ୟ ଯୁଦ୍ଧକୁ ନେଇ ସତର୍କ କରାଇଛନ୍ତି। ଏହା ତୀବ୍ରତର ହେଉଥିବା ବେଳେ ଆସେଟ୍ ମୂଲ୍ୟରେ ବୃଦ୍ଧି ଘଟୁଛି। ଅନ୍ୟାନ୍ୟ ଆନୁଷଙ୍ଗିକ ଅସୁବିଧା ଦ୍ୱାରା ଏହି ସମସ୍ୟା ଆହୁରି ତୀବ୍ରତର ହେଉଛି। ଏପରିସ୍ଥିତିରେ ବିଶ୍ୱ ବଜାରର ଅଭିବୃଦ୍ଧି ଉପରେ ଏହାର ପ୍ରଭାବ ପଡିବ ବୋଲି ରାଜନ କହିଛନ୍ତି। ଏହି ସମସ୍ୟା ସମ୍ପର୍କରେ ବିଶ୍ୱ ଅବଗତ ରହିଥିବା ବେଳେ ଏହାର ସମାଧାନ ଉପରେ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି। ଆଲୋଚନା ଦ୍ୱାରା ଏହାର ସମାଧାନ ଉପରେ ରାଜନ୍ ଗୁରୁତ୍ୱାରୋପ କରିଛନ୍ତି। ଆମେରିକା ଏବଂ ଚାଇନା ମଧ୍ୟରେ ଲାଗି ରହିଥିବା ବାଣିଜ୍ୟ ଯୁଦ୍ଧ ଅନ୍ୟ ଦେଶ ଉପରେ ପ୍ରଭାବ ପକାଉଥିବା ସେ ସ୍ପଷ୍ଟ କରିଛନ୍ତି।

## ବଢ଼ିବ ଟିଭି, ଫ୍ରିଜ ଦାମ୍

ନୂଆଦିଲ୍ଲୀ,୨୪-୮

ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ହ୍ରାସ ପାଉଥିବାରୁ ଏହାର ସିଧାସଳଖ ପ୍ରଭାବ ଟିଭି, ଫ୍ରିଜ, ମାଇକ୍ରୋୱେଭ ଓଭନ ଭଳି ଇଲେକ୍ଟ୍ରୋନିକ ସାମଗ୍ରୀର ଦାମ୍ ଉପରେ ପଡିବାକୁ ଯାଉଛି। ଖୁବଶୀଘ୍ର ଏସବୁ ସାମଗ୍ରୀର ଦାମ ୩ରୁ ୬% ପର୍ଯ୍ୟନ୍ତ ବଢ଼ିବାକୁ ଯାଉଛି। ଫଳରେ ଏସବୁ ସାମଗ୍ରୀ ଉପରେ ଜିଏସଟି ହ୍ରାସର ଫାଇଦା ଗ୍ରାହକଙ୍କୁ ଆଉ ମିଳିବନି। ଏଲଜି, ସାମସଙ୍ଗ ଆସନ୍ତା ସପ୍ତାହରେ ନିଜ ଉତ୍ପାଦିତ ସାମଗ୍ରୀର ମୂଲ୍ୟ ୩ରୁ ୫.୫% ବଢ଼ାଇବାକୁ ନିଷ୍ପତ୍ତି ନେଇଥିବା ବେଳେ କମ୍ପ୍ୟୁଟର ନିର୍ମାତା ଲେନେଭୋ ଏହାର ସାମଗ୍ରୀ ମୂଲ୍ୟ ୩ରୁ ୪% ବଢ଼ାଇବାକୁ ଯାଉଛନ୍ତି। ସୂଚନାଥାଉକି, ଅଧିକାଂଶ ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ବ୍ୟବହୃତ ଯନ୍ତ୍ରାଂଶ ବିଦେଶରୁ ଆମଦାନି ହୋଇଥାଏ। ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଏଗୁଡିକର ଆମଦାନି ଲାଗି ଅଧିକ ଶୁଳ୍କ ଦେବାକୁ ପଡୁଥିବାରୁ ଉତ୍ପାଦନ ଖର୍ଚ୍ଚ ବଢ଼ିଯାଉଛି।

# ସିଲ୍କ ଇଣ୍ଡିଆ ଏକ୍ସପୋ ଶୁଭାରମ୍ଭ

ଭୁବନେଶ୍ୱର,୨୪-୮(ବ୍ୟୁରୋ)



- ଗୋଟିଏ ସ୍ଥାନରେ ୧୯ ରାଜ୍ୟର ବୁଣାକାରଙ୍କ ସାମଗ୍ରୀ
- ସେପ୍ଟେମ୍ବର ୨ ଯାଏ ଚାଲିବ ଏକ୍ସପୋ
- ବଜାର ତୁଳନାରେ ଆକର୍ଷଣୀୟ ରିହାତି
- ୧ ହଜାରରୁ ୩ ଲକ୍ଷ ଟଙ୍କା ରେଞ୍ଜର ସିଲ୍କ ଉତ୍ପାଦ

ଆର୍ଟିଜାନ୍ସ ଓ ୱିଭର ୱେଲ୍‌ଫେୟାର ଆସୋସିଏଶନ ପକ୍ଷରୁ ସ୍ଥାନୀୟ ହୋଟେଲ ନ୍ୟୁ ମ୍ୟାରିୟନଠାରେ ସିଲ୍କ ଇଣ୍ଡିଆ ଏକ୍ସପୋର ତୃତୀୟ ସଂସ୍କରଣ ଶୁକ୍ରବାରଠାରୁ ଶୁଭାରମ୍ଭ ହୋଇଛି। ଓଲିଓଡ ଅଭିନେତ୍ରୀ ନୀହାରିକା ଦାସ, ସିଲ୍କ ଇଣ୍ଡିଆ ଏକ୍ସପୋର ଆୟୋଜକ ଅଭିନନ୍ଦ ଉକ୍ତ ଏକ୍ସପୋକୁ ଉନ୍ମୋଚନ କରିଥିଲେ। ଏକ୍ସପୋ ସେପ୍ଟେମ୍ବର ୨ ଯାଏ ଚାଲିବ। ଏଠାରେ ୬୫ ଷ୍ଟଲ୍ ସ୍ଥାପନ ହୋଇଛି। ୧୯ ରାଜ୍ୟର ବୁଣାକାର ଏଠାରେ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ତଥା ବିକ୍ରି କରୁଛନ୍ତି। ୨୦୧୫ ଠାରୁ ପ୍ରତିବର୍ଷ ମେଳାର ଆୟୋଜନ ହେଉଥିବା ବେଳେ ଏଠାରେ ଭଲ ରେସ୍‌ପନ୍ସ ରହିଥିବା ଆୟୋଜକ ସଂସ୍ଥା ପକ୍ଷରୁ ସୂଚନା ରହିଛି। କର୍ଣାଟକର ମହୀଶୂର ସିଲ୍କ ଏବଂ ଛତିଶଗଡର କୋସା ସିଲ୍କ ଏଥରର ପ୍ରମୁଖ ଆକର୍ଷଣ ବୋଲି ଏକ୍ସପୋର ଆୟୋଜକ ଅଭିନନ୍ଦ କହିଛନ୍ତି। ଗ୍ରାହକମାନେ ଗୋଟିଏ ଛାତ ତଳେ ଦେଶର ବିଭିନ୍ନ ରାଜ୍ୟର ଉତ୍ପାଦ ସୁଲଭ ମୂଲ୍ୟରେ ଏଠାରେ ପାଇପାରିବେ ବୋଲି ସେ ସୂଚନା ଦେଇଛନ୍ତି। ପାର୍ବଣ ସମୟ ପାଖେଇ ଆସୁଥିବାରୁ ଚଳିତ ବର୍ଷ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

ଏଠାରେ ଗ୍ରାହକମାନେ ୨୦,୦୦୦ ରେଞ୍ଜରୁ ୩ ଲକ୍ଷ ପର୍ଯ୍ୟନ୍ତ ଦାମ ମଧ୍ୟରେ ୱେଡିଂ କଲେକ୍ସନ ଲାଭ କରିବାକୁ ସକ୍ଷମ ହେବେ। ସେହିଭଳି ୧ ହଜାରରୁ ୧ ଲକ୍ଷ ଟଙ୍କା ରେଞ୍ଜରେ ସିଲ୍କରୁ ପ୍ରସ୍ତୁତ ବିଭିନ୍ନ ପ୍ରଡକ୍ଟ ଏଠାରେ ରହିଛି। ଚଳିତ ବର୍ଷ ଗ୍ରାହକଙ୍କ ସଂଖ୍ୟାରେ ୩୦% ବୃଦ୍ଧି ଘଟିବ ବୋଲି ଆୟୋଜକ ଆଶା ରଖିଛନ୍ତି। ଗତ ବର୍ଷ ଏକ୍ସପୋରେ ୪୦ ଲକ୍ଷ କାରବାର ରହିଥିଲା। ଏହା ଚଳିତ ବର୍ଷ ୫୦ ଲକ୍ଷ ଛୁଇଁବ ବୋଲି ସେ ସୂଚନା ଦେଇଛନ୍ତି। ଏକ୍ସପୋରେ ହ୍ୟାଣ୍ଡ ବ୍ଲକ୍ ପ୍ରି ଶାଢ଼ି, ସୁଟ୍ ଏବଂ ସିଲ୍କ ବେଡ୍ କଭର୍ସ, ଡିଜାଇନର ସ୍ୱେର ଏବଂ ବର୍ଡର, ଲେଜେସ୍, କୁର୍ତ୍ତି, ହାତ ତିଆରି ମଟ୍‌କା, ଅପୂର୍ବା ସିଲ୍କ ଶାଢ଼ି, ବାଲୁଚୁରୀ ଶାଢ଼ି, ଏମ୍ବ୍ରୋଡରୀ ଡିଜାଇନ ସିଲ୍କ ଶାଢ଼ି, ଡ୍ରେସ୍ ମଟେରିଆଲ୍ ରହିଛି। ସେହିଭଳି ଭାଗଲପୁରୀ ସୁଟ, ପ୍ରିଣ୍ଟେଡ୍ ସିଲ୍କ ଶାଢ଼ି, ରେଶମୀ ପ୍ଲେନ୍ ବୁଟି ଶାଢ଼ି, କର୍ନାଟକ ସିଲ୍କ ଶାଢ଼ି, ମାହେଶ୍ୱରୀ, ଚନ୍ଦେରୀ ସିଲ୍କ ଶାଢ଼ି ଏବଂ ଶୁଟ, କୋଟା ସିଲ୍କ, ମଲ୍‌ବେରୀ ସିଲ୍କ ସହ ଟେମ୍ପଲ ବର୍ଡର, ବନାରସୀ ଜାମଦାନୀ, ହାତ ତିଆରି ଶାଢ଼ି ଏବଂ ସୁଟ୍ ଆକର୍ଷଣୀୟ ମୂଲ୍ୟରେ ଏଠାରେ ଉପଲବ୍ଧ ହେଉଛି।

## ଆର୍ଥର ରୋଡ ଜେଲ୍‌ରେ ମାଲ୍ୟାଙ୍କୁ ମିଳିବ ସବୁ ସୁବିଧା

ନୂଆଦିଲ୍ଲୀ,୨୪-୮

#### ଟିଭି, ଟଏଲେଟ ସହ ସେଲ୍‌ରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକ ବ୍ୟବସ୍ଥା



ଦେଶର ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୯ ହଜାର କୋଟି ଟଙ୍କା ଋଣ ନେଇ ଲଣ୍ଡନ ପଳାଇଥିବା ବିଶିଷ୍ଟ ବ୍ୟବସାୟୀ ବିଜୟ ମାଲ୍ୟାଙ୍କୁ ପ୍ରତ୍ୟର୍ପଣ ଲାଗି ଭାରତ ଉଦ୍ୟମ ଚଳାଇଛି। ପ୍ରତ୍ୟର୍ପଣ ପରେ ତାଙ୍କୁ ମୁମ୍ବାଇର ଆର୍ଥର ରୋଡ ଜେଲ୍‌ର ସେଲ୍ ନଂ ୧୨ରେ ରଖାଯିବ ଏବଂ ତାଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯିବ। ମାଲ୍ୟା ରହିବାକୁ ଥିବା ଜେଲ ପ୍ରକୋଷ୍ଠରେ ଟିଭି, ବ୍ୟକ୍ତିଗତ ଟଏଲେଟ ରହିବା ସହିତ ପ୍ରକୋଷ୍ଠରେ ପର୍ଯ୍ୟାପ୍ତ ସୂର୍ଯ୍ୟାଲୋକର ବ୍ୟବସ୍ଥା କରାଯାଇଛି। ଏହାଛଡା ସେ ଖୋଲା ଆକାଶ ତଳେ ସ୍ୱଇଚ୍ଛାରେ ଭ୍ରମଣ କରିବାର ସୁବିଧା ପାଇବେ ଏବଂ ତାଙ୍କର ପରିଷ୍କାର ପରିଚ୍ଛନ୍ନତା ପାଇଁ ଏକ ବଡ଼ ସ୍ଥାନ ଚିହ୍ନଟ କରାଯାଇଥିବା ସମ୍ପର୍କରେ ଦର୍ଶାଯାଇ ଆର୍ଥର ରୋଡ ଜେଲ୍‌ର ସେଲ୍ ନଂ ୧୨ର ଏକ ଭିଡିଓ ସିବିଆଇ ପକ୍ଷରୁ ୟୁକେ କୋର୍ଟରେ ଉପସ୍ଥାପନ କରାଯାଇଛି। ଉଲ୍ଲେଖଥାଉକି, ଭାରତୀୟ ଜେଲ୍ ରହିବା ଯୋଗ୍ୟ ନୁହେଁ ଏବଂ ଏହା ଅତ୍ୟନ୍ତ ଅପରିଷ୍କାର ବୋଲି ମାଲ୍ୟା ୟୁକେ କୋର୍ଟରେ ଅଭିଯୋଗ କରିଥିଲେ। ତାଙ୍କୁ ପ୍ରତ୍ୟର୍ପଣ କରାଗଲେ ସେ ଭାରତୀୟ ଜେଲ୍‌ରେ ରହିପାରିବେ ନାହିଁ ବୋଲି ଦର୍ଶାଇବା ପରେ ୟୁକେ କୋର୍ଟ ଭାରତୀୟ ଜେଲ୍‌ର ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ ଏବଂ ମାଲ୍ୟା ରହିବାକୁ ଥିବା ସେଲ୍‌ର ଏକ ଭିଡିଓ ଦାଖଲ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ।

### ଏୟାରସେଲ-ମ୍ୟାକ୍ସିସ ଡିଲ୍
## ଚିଦାମ୍ବରମଙ୍କୁ ଇଡି ଜେରା

ନୂଆଦିଲ୍ଲୀ,୨୪-୮



ୟୁପିଏ ସରକାର ବେଳର ଏୟାରସେଲ-ମ୍ୟାକ୍ସିସ ଡିଲ୍‌ରେ ହୋଇଥିବା ଦୁର୍ନୀତିର ତଦନ୍ତ କରୁଥିବା ଏନଫୋର୍ସମେଣ୍ଟ ଡାଇରେକ୍ଟୋରେଟ(ଇଡି) ପୂର୍ବତନ କେନ୍ଦ୍ର ଅର୍ଥ ମନ୍ତ୍ରୀ ପି.ଚିଦାମ୍ବରମଙ୍କୁ ଶୁକ୍ରବାର ପୁନର୍ବାର ଜେରା କରିଛି। ଏହି ମାମଲାରେ ପିଏମଏଲଏ ଆଇନ ଅଧୀନରେ ଚିଦାମ୍ବରମଙ୍କ ବୟାନ ରେକର୍ଡ କରାଯିବ ବୋଲି ଇଡିର ଜଣେ ଅଧିକାରୀ ପ୍ରକାଶ କରିଛନ୍ତି।
ଏଥିପୂର୍ବରୁ ଇଡି ଉକ୍ତ ଡିଲ୍ ବେଳେ ଉପସ୍ଥିତ ଏଫଆଇପିବି ଅଧିକାରୀଙ୍କୁ ଜେରା କରିଥିଲା। ଏହି ଜେରାରୁ ମିଳିଥିବା ତଥ୍ୟକୁ ଆଧାର କରି ଇଡି ପୁନର୍ବାର ଚିଦାମ୍ବରମଙ୍କୁ ଶୁକ୍ରବାର ଜେରା କରିଛି। ନିକଟ ଭବିଷ୍ୟତରେ ଏହି ଅଧିକାରୀଙ୍କ ଉପସ୍ଥିତିରେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପୁନର୍ବାର ଜେରା କରିବାକୁ ଏଜେନ୍ସି ବିଚାର କରୁଛି। ଏହି ମାମଲାରେ ଚିଦାମ୍ବରମଙ୍କ ପୁଅ କାର୍ତ୍ତି ଚିଦାମ୍ବରମଙ୍କୁ ମଧ୍ୟ ଇଡି ଦୁଇ ଥର ଜେରା କରିସାରିଛି। ଏହି ମାମଲାରେ ପିତା-ପୁତ୍ର ଏବେ ଅନ୍ତରୀଣ ଜାମିନ ପାଇଛନ୍ତି।

# ସ୍ୱର ଉଠାଇଲେ ୫୯ କମ୍ପାନୀ ସିଇଓ

ନ୍ୟୁୟର୍କ,୨୪-୮

#### ଟ୍ରମ୍ପଙ୍କ ଭିଜା ନୀତି

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏଚ-୧ ଭିଜା ନୀତିକୁ ବିରୋଧ କରି ଆମେରିକାର ଆପଲ ସମେତ ୫୯ କମ୍ପାନୀର ସିଇଓ ସ୍ୱର ଉତ୍ତୋଳନ କରିଛନ୍ତି। ଟ୍ରମ୍ପଙ୍କ ଏଚ-୧ବି ଭିଜା ନୀତିର ଗୁରୁତର ପ୍ରଭାବ ସମ୍ପର୍କରେ ଉଲ୍ଲେଖ କରି ସେମାନେ ଏକ ମିଳିତ ପତ୍ର ଲେଖିଛନ୍ତି। ଟ୍ରମ୍ପ ସରକାରଙ୍କ ଏହି ନୀତି ଯୋଗୁ ଆମେରିକାର ଅର୍ଥନୀତି ପ୍ରଭାବିତ ହେବା ସହିତ ଦେଶର ଅଭିବୃଦ୍ଧି କିପରି ହ୍ରାସ ପାଇବ ସେନେଇ ବିଜନେସ ଲିଡର ମାନେ ପତ୍ରରେ ଉଲ୍ଲେଖ କରିଛନ୍ତି।

ଆପଲର ମୁଖ୍ୟ ଟିମ କୁକ୍, ଜେପି ମୋର୍ଗାନର ଜେମୀ ଡିମନ ଏବଂ ପେପ୍ସିକୋର ଇନ୍ଦ୍ରା ନୁୟୀଙ୍କ ସମେତ ୫୯ କମ୍ପାନୀର ସିଇଓ ପତ୍ରରେ ସ୍ୱାକ୍ଷର କରିଥିଲେ। ଆମେରିକାର ପ୍ରମୁଖ କାର୍ଯ୍ୟକାରୀ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ବିଜନେସ ରାଉଣ୍ଡ ଟେବୁଲ ସଂଗଠନ ପକ୍ଷରୁ ଟ୍ରମ୍ପ ସରକାରଙ୍କୁ ଏହି ପତ୍ର ପଠାଯାଇଛି। ହାଇ ସ୍କିଲ୍ଡ ଇମିଗ୍ରେସନ ନୀତିରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ପତ୍ରରେ ଉଲ୍ଲେଖ କରାଯିବା ସହିତ ଟ୍ରମ୍ପ ସରକାର ସେମାନଙ୍କ ଭିଜା ସମ୍ପର୍କରେ ନେଉଥିବା ନିଷ୍ପତ୍ତିକୁ ପତ୍ରରେ ବିରୋଧ କରାଯାଇଛି। ଉଲ୍ଲେଖଥାଉକି, ଆମେରିକା ନାଗରିକଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା ଉଦ୍ଦେଶ୍ୟରେ ଟ୍ରମ୍ପ ସରକାର ଏଚ-୧ବି ଭିସା ନିୟମକୁ ଅଧିକ କଡ଼ାକଡ଼ି କରିଥିଲେ। ଫଳରେ ଏହା ଉପରେ ଭରସା କରି ଆମେରିକାରେ ଚାକିରି ଆଶାୟୀ ଲକ୍ଷ ଲକ୍ଷ ଭାରତୀୟଙ୍କ ସମେତ ଏସିଆର ସ୍କିଲ୍ଡ ୱାର୍କରଙ୍କୁ ଜୋରଦାର ଝଟକା ଲାଗିଛି। ଏହାଦ୍ୱାରା ଆମେରିକାର କମ୍ପାନୀ ମାନେ ବହିରାଗତ ସ୍କିଲ୍ଡ ୱାର୍କର ଅଭାବ ଅନୁଭବ କରୁଛନ୍ତି।

## ନିର୍ମାଣ ହେବ ଆଉ ୧.୧୨ ଲକ୍ଷ ସୁଲଭ ବାସଗୃହ

ନୂଆଦିଲ୍ଲୀ,୨୪-୮

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଧିକ ୧.୧୨ ଲକ୍ଷ ବାସଗୃହକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଦେଶରେ ୮ ରାଜ୍ୟରେ ଏହି ଅତିରିକ୍ତ ବାସଗୃହ ନିର୍ମାଣ ହେବ। ଏହା ମଧ୍ୟରେ ଆନ୍ଧ୍ର ପ୍ରଦେଶରେ ୩୭,୦୦୦ ୟୁନିଟ ବାସଗୃହ ନିର୍ମାଣ ହେବ ବୋଲି ଜଣାଯାଇଛି। ଚଳିତ ଆର୍ଥିକ ବର୍ଷ ଲାଗି ଏହି ଯୋଜନାରେ ପ୍ରାୟ ୫୫ ଲକ୍ଷ ବାସଗୃହ ନିର୍ମାଣ ଲାଗି ମଞ୍ଜୁରୀ ଦିଆଯାଇଥିବା ବାସଗୃହ ଏବଂ ସହର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। କେନ୍ଦ୍ରୀୟ ମଞ୍ଜୁରୀ ତଥା ମନିଟରିଂ କମିଟି ପକ୍ଷରୁ ଗୁରୁବାର ଉକ୍ତ ମଞ୍ଜୁରୀ ପ୍ରଦାନ କରାଯାଇଥିବା ଜଣାଯାଇଛି। ଗତ ମାସରେ କମିଟି ୧୦ ରାଜ୍ୟରେ ୨.୬୭ ଲକ୍ଷ ସୁଲଭ ବାସଗୃହ ନିର୍ମାଣକୁ ଅନୁମୋଦନ ଦେଇଥିଲା।

# ଆହୁରି ଆରାମଦାୟକ ହେବ ଏସି ଟ୍ରେନ ଯାତ୍ରା

ନୂଆଦିଲ୍ଲୀ,୨୪-୮



ରେଲୱେର ଶୀତତାପ ନିୟନ୍ତ୍ରିତ (ଏସି) କୋଚ୍‌ଗୁଡିକରେ ଯାତ୍ରା ଶୀଘ୍ର ଆରାମଦାୟକ ହେବ। ରେଲୱେ ଏହାର ଏସି କୋଚ୍‌ଗୁଡିକୁ ପ୍ରତି ୬ ବର୍ଷରେ ପରିବର୍ତ୍ତନ କରିବାକୁ ଯୋଜନା ରଖିଛି। ଯାତ୍ରୀଙ୍କୁ ପ୍ରିମିୟମ୍ ଏବଂ ଆରାମଦାୟକ ରେଳ ଯାତ୍ରା ସୁବିଧା ପ୍ରଦାନ ଲାଗି ରେଲୱେ ପକ୍ଷରୁ ଏଭଳି ବ୍ୟବସ୍ଥା କରାଯାଉଥିବା ଜଣା ପଡ଼ିଛି। ରେଳ ବୋର୍ଡ ପକ୍ଷରୁ ପ୍ରତି ଜୋନାଲ କାର୍ଯ୍ୟାଳୟଗୁଡ଼ିକୁ ଏ ନେଇ ସୂଚନା ଦିଆଯାଇଛି। ସାମୟିକ ଭିତ୍ତିରେ ବିଭିନ୍ନ ପରିବର୍ତ୍ତନ ସହ ପ୍ରତି ୬ ବର୍ଷରେ କୋଚ୍‌ଗୁଡିକର ନବୀକରଣ ନେଇ ରେଳ ବୋର୍ଡ ଗୁରୁତ୍ୱାରୋପ କରିଛି। ୨ ଟାୟାର, ୩ ଟାୟାର, ପ୍ରଥମ ଶ୍ରେଣୀ, ଚେୟାର କାର୍ କୋଚ୍‌ଗୁଡିକର ସେବା ଆରମ୍ଭ ହେବା ପରଠାରୁ ୬ ବର୍ଷ ମଧ୍ୟରେ ପରିବର୍ତ୍ତନ ନେଇ ଯୋଜନା ରହିଛି। ଉକ୍ତ ଯୋଜନାରେ ପୁରୁଣା ଆଇସିଏଫ୍ କୋଚ୍ ଏବଂ ମଡର୍ନ ଲିଙ୍କେ ହୋଫ୍‌ମ୍ୟାନ୍ ବସ୍(ଏଲ୍‌ଏଚ୍‌ବି) କୋଚ୍‌ଗୁଡିକ ସାମିଲ ରହିଛି। ଉକ୍ତ କାର୍ଯ୍ୟ ଲାଗି ରେଲ୍‌ୱେକୁ କୋଚ୍ ପିଛା ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

ଗତ କିଛି ବର୍ଷ ମଧ୍ୟରେ ଏସି ଟ୍ରେନଗୁଡିକରେ ଭଡା ବିଶେଷ ଭାବେ ବୃଦ୍ଧି ହୋଇଥିବା ବେଳେ ସେହି ଅନୁଯାୟୀ ସେବାର ଉନ୍ନତୀକରଣ ହୋଇ ନାହିଁ। କୋଚ୍ କୋଚ୍‌ଗୁଡିକର ଖରାପସ୍ଥିତିକୁ ନଜରରେ ରଖି ରେଲ୍‌ୱେ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୨୦୧୭ରେ ତତ୍କାଳୀନ ରେଳମନ୍ତ୍ରୀ ସୁରେଶ ପ୍ରଭୁ କୋଚ୍‌ଗୁଡିକର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏହି ଯୋଜନାରେ ୪୦ ହଜାର ରେଳକୋଚ୍‌କୁ ଆଧୁନିକୀକରଣ ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ପାଣ୍ଠି ଅଭାବ ଯୋଗୁ ପ୍ରଥମ ପର୍ଯ୍ୟାୟରେ ଏସି କୋଚ୍‌ଗୁଡିକର ଉନ୍ନତୀକରଣ ଯୋଜନା ରହିଛି।

### ଟାଟା ସନ୍ସକୁ କମ୍ପାନୀରେ ପରିବର୍ତ୍ତନ
# ରହିତାଦେଶ ଦେଲେନି ଏନ୍‌ସିଏଲ୍‌ଏଟି

ନୂଆଦିଲ୍ଲୀ,୨୪-୮

#### ସାଇରସ ମିସ୍ତ୍ରିଙ୍କୁ ଆଶ୍ୱସ୍ତି



ଟାଟା ସନ୍ସ ଗ୍ରୁପ ବିରୋଧରେ ଏହାର ପୂର୍ବତନ ଅଧ୍ୟକ୍ଷ ସାଇରସ ମିସ୍ତ୍ରି ଲଢ଼େଇ ଜାରି ରଖିଥିବା ବେଳେ ଶୁକ୍ରବାର ତାଙ୍କୁ ନ୍ୟାଶନାଲ କମ୍ପାନୀ ଲ’ ଆପିଲେଟ ଟ୍ରିବ୍ୟୁନାଲ(ଏନ୍‌ସିଏଲ୍‌ଏଟି)ରେ ଶକ୍ତ ଧକ୍କା ଲାଗିଛି। ଟାଟା ସନ୍ସ ଗ୍ରୁପକୁ ପବ୍ଲିକ ଲିମିଟେଡ କମ୍ପାନୀରୁ ପ୍ରାଇଭେଟ ଲିମିଟେଡ କମ୍ପାନୀ ଭାବେ ପରିବର୍ତ୍ତନ କରିବା ଲାଗି ଗ୍ରୁପର ନିଷ୍ପତ୍ତି ଉପରେ ଏନସିଏଲଏଟି ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ତେବେ ଟ୍ରିବ୍ୟୁନାଲ ମିସ୍ତ୍ରିଙ୍କୁ ମଧ୍ୟ ଆଶ୍ୱସ୍ତ କରିବାକୁ ଚାହିଁଛନ୍ତି। ମାମଲାର ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ଟାଟା ସନ୍ସ ଗ୍ରୁପ ମିସ୍ତ୍ରିଙ୍କୁ ଗ୍ରୁପର ଶେୟାର ବିକ୍ରି କରିବା ଲାଗି ବାଧ କରିପାରିବେନି ବୋଲି ଟ୍ରିବ୍ୟୁନାଲ ସ୍ପଷ୍ଟ କରିଛନ୍ତି। ମିସ୍ତ୍ରିଙ୍କ ଆବେଦନ ଆଧାରରେ ଟାଟା ସନ୍ସକୁ ଆସନ୍ତା ୧୦ ଦିନ ଭିତରେ ଜବାବ ଦାଖଲ କରିବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ରହିଛି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୪ରେ ହେବ ବୋଲି ଦିନ ଧାର୍ଯ୍ୟ କରିଛନ୍ତି।

ଟାଟା ସନ୍ସ ଗ୍ରୁପକୁ ପ୍ରାଇଭେଟ ଲିମିଟେଡ କମ୍ପାନୀରେ ପରିବର୍ତ୍ତନ ଲାଗି ଗତ ବର୍ଷ ନିଷ୍ପତ୍ତି ହୋଇଥିଲା। ଏହାକୁ ଶେୟାରଧାରକ ମଧ୍ୟ ଅନୁମତି ଦେଇଥିଲେ। ଏହାଦ୍ୱାରା ସାଇରସ ମିସ୍ତ୍ରି ପରିବାର ନିକଟରେ ଥିବା ଟାଟା ଗ୍ରୁପର ଶେୟାର ବିକ୍ରି ଉପରେ ଆପଣାଛାଏ କଟକଣା ଲାଗିଯାଇଛି। ଟାଟା ସନ୍ସର ଏଭଳି ଉଦ୍ୟମକୁ ବିରୋଧ କରି ମିସ୍ତ୍ରିଙ୍କ ପକ୍ଷରୁ ଏନସିଏଲଏଟିରେ ଆବେଦନ କରାଯାଇଥିଲା। ଚେୟାରମ୍ୟାନ ଜଷ୍ଟିସ ଏସ ଜେ ମୁଖୋପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଗଠିତ ୨ ଜଣିଆ ଖଣ୍ଡପୀଠ ମିସ୍ତ୍ରିଙ୍କ ଆବେଦନର ବିଚାର କରି ରାୟକୁ ଆଜି ଦିନକୁ ସ୍ଥଗିତ ରଖିଥିଲେ। ଶୁକ୍ରବାର ଟ୍ରିବ୍ୟୁନାଲ ରାୟ ପ୍ରକାଶ କରି ଅନ୍ତରୀଣ ରହିତାଦେଶ ଦେବାକୁ ମନା କରିଦେଇଛନ୍ତି। ଟାଟା ଗ୍ରୁପ ଅଧ୍ୟକ୍ଷ ପଦରୁ ବିତାଡିତ ହେବା ପରେ ମିସ୍ତ୍ରି ଏନ୍‌ସିଏଲ୍‌ଟିରେ ମାମଲା ଦାୟର କରିଥିଲେ। ଅଦାଲତ ମାମଲାର ବିଚାର କରି ଟାଟା ସନ୍ସର ନିଷ୍ପତ୍ତି ବୈଧ ବୋଲି ଦର୍ଶାଇଥିଲେ। ଏହି ରାୟକୁ ମଧ୍ୟ ବିରୋଧ କରି ସେ ଏନସିଏଲଏଟିରେ ଆଉ ଏକ ମାମଲା ଦାୟର କରିଛନ୍ତି ଯାହାର ଖୁବ୍‌ଶୀଘ୍ର ଶୁଣାଣି ହେବାକୁ ଯାଉଛି।

# ଟେନିସ୍, ରୋଇଂରେ ଭାରତକୁ ସ୍ୱର୍ଣ୍ଣ

**ପାଲେମବାଙ୍ଗ, ୨୪।୮ (ପି.ଟି.)**

ଚଳିତ ଏସିଆନ ଗେମ୍ସର ଷଷ୍ଠ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ୫ଟି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଭାରତୀୟ ଖେଳାଳିମାନେ ଟେନିସ ଓ ରୋଇଂରେ ସ୍ୱର୍ଣ୍ଣ ଜିତିଥିବା ବେଳେ ମହିଳା କବାଡ଼ି ଇଭେଣ୍ଟରେ ଫାଇନାଲରେ ପରାସ୍ତ ରୌପ୍ୟରେ ସନ୍ତୁଷ୍ଟ ହୋଇଛି। ସେହିପରି ଟେନିସ ଇଭେଣ୍ଟ ପୁରୁଷ ସିଙ୍ଗଲ୍ସରେ ଗୋଟିଏ, ରୋଇଂରେ ଦୁଇଟି, ଶୁଟିଂରେ ଗୋଟିଏ ଓ ପୁରୁଷ କବାଡିରେ ଭାରତ ବ୍ରୋଞ୍ଜ୍ ପଦକ ହାସଲ କରିଛି।

ଟେନିସରେ ପୁରୁଷ ଡବଲ୍ସ ଇଭେଣ୍ଟରେ ଟପ୍ ସିଡ ଅଭିଜ୍ଞ ଭାରତୀୟ ଯୋଡି ରୋହନ ବୋପାନ୍ନା ଓ ଦିଭିଜ ଶରଣ ଫାଇନାଲ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟୀ ହେବା ସହ ପ୍ରଥମଥର ପାଇଁ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଜିତିଛନ୍ତି। ଏହି ଯୋଡି ଫାଇନାଲରେ କାଜାଖସ୍ତାନର ଆଲେକଜାଣ୍ଡାର ବବ୍ଲିକ ଓ ଡେନିସ ୟେଭସେୟେଭଙ୍କୁ ୬-୩, ୬-୪ ସେଟରେ ମାତ୍ର ୫୨ ମିନିଟରେ ପରାସ୍ତ କରିଥିଲେ। ଆନ୍ତର୍ଜାତିକ ସ୍ତରରେ ବୋପାନ୍ନା ଓ ଶରଣ ପ୍ରଥମଥର ପାଇଁ ସାଥି ହୋଇ ଖେଳିଥିଲେ ମଧ୍ୟ ସଫଳ ହୋଇଛନ୍ତି। ମାତ୍ର ୪ ମିନିଟ ମଧ୍ୟରେ ଏହି ଭାରତୀୟ ଯୋଡି ୪-୧ରେ ଅଗ୍ରଣୀ ହାସଲ କରିଥିଲେ। ବୋପାନ୍ନା ଓ ଶରଣ ପ୍ରତିପକ୍ଷ ଯୋଡିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ ଓ ଦୁଇଟି ଯାକ ସେଟ୍‌କୁ ଅତି ସହଜରେ ହାତେଇ ନେଇଥିଲେ।

ପୂର୍ବରୁ ଭାରତୀୟ ପୁରୁଷ ଡବଲ୍ସ ଯୋଡି ଏସିଆନ ଗେମ୍ସରେ ୪ଥର ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ୨୦୧୦ରେ ଗୁଆଙ୍ଗ୍‌ଝଉ ସଂସ୍କରଣରେ ସୋମଦେବ ଦେବବର୍ମନ ଓ ସନମ ସିଂ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମହେଶ ଭୂପତି ଓ ଲିଆଣ୍ଡର ପେସ୍ ଏସିଆନ ଗେମ୍ସରେ ସବୁଠାରୁ ସଫଳତମ ଯୋଡିର ମାନ୍ୟତା ପାଇଛନ୍ତି। ୨୦୦୨ ଓ ୨୦୦୬ ସଂସ୍କରଣରେ ଏହି ଅଭିଜ୍ଞ ଯୋଡି ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପେସ ଏଥର ନିଜ ପସନ୍ଦର ଜଣେ ସ୍ପେଶାଲିଷ୍ଟ ସାଥୀ ନ ପାଇବାରୁ ଟେନିସ ଇଭେଣ୍ଟରୁ ଓହରିଯାଇଥିଲେ। ୨୦୧୪ରେ ସାକେତ ମିନେନି ଓ ସନମ ରୌପ୍ୟ ଜିତିଥିଲେ।



ଟେନିସ ଡବଲ୍ସ ଯୋଡ଼ି ରୋହନ ବୋପାନ୍ନା ଓ ଡିଭିଜ ଶରଣ।

## ସିଙ୍ଗଲ୍ସରେ ପ୍ରାଜନେଶ ଜିତିଲେ ବ୍ରୋଞ୍ଜ

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏକମାତ୍ର ଭାରତୀୟ ଖେଳାଳିଭାବେ ଅଭିଯାନ ଜାରି ରଖିଥିବା ପ୍ରାଜନେଶ ଶେଷରେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲରେ ସେ ଉଜବେକିସ୍ତାନର ଡେନିସ ଇସ୍ତୋମିନ୍‌ଙ୍କଠାରୁ ୨-୬, ୨-୬ ସେଟରେ ପରାସ୍ତ ହୋଇଥିଲେ। ସେହିପରି ମହିଳା ସିଙ୍ଗଲ୍ସ ପୂର୍ବରୁ ଭାରତ ଅଙ୍କିତା ରାଇନା ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଏଥି ସହିତ ଟେନିସରେ ଭାରତର ଅଭିଯାନ ଶେଷ ହୋଇଛି।

## ରୋଇଂରେ ୩ ପଦକ

ରୋଇଂ ଇଭେଣ୍ଟର ଅନ୍ତିମ ଦିବସରେ ଭାରତୀୟ ପ୍ରତିଯୋଗୀମାନେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରି ଗୋଟି ସ୍ୱର୍ଣ୍ଣ ସହ ୩ ପଦକ ହାସଲ କରିଛନ୍ତି। କ୍ୱାଡ୍ରପୁଲ ସ୍କଲ୍ସରେ ଭାରତୀୟ ରୋୟରମାନେ ଐତିହାସିକ ସ୍ୱର୍ଣ୍ଣ ଜିତିଛନ୍ତି। ଗୁରୁବାରର ବିଫଳତାକୁ ପଛରେ ପକାଇ ଖେଳାଳିମାନେ ଦମ୍ ଦେଖାଇଥିଲେ। ସୈନ୍ୟବାହିନୀରେ କାର୍ଯ୍ୟକରୁଥିବା ଏହି ପ୍ରତିଯୋଗୀମାନେ ହାର ମାନିବାକୁ ପ୍ରସ୍ତୁତ ନ ଥିଲେ। ଦତ୍ତୁ ବାବନ ଭୋକାନାଲଙ୍କ ସମେତ ଶୁଖମିତ୍ ସିଂ, ସ୍ୱର୍ଣ୍ଣ ସିଂ ଓ ଓମ୍ ପ୍ରକାଶ ବେଶ ଉନ୍ନତ ପ୍ରଦର୍ଶନ କରି ଅନ୍ୟମାନଙ୍କୁ ପଛରେ ପକାଇଥିଲେ।

ଗୁରୁବାର କିନ୍ତୁ ଭୋକାନାଲ, ସ୍ୱର୍ଣ୍ଣ ଓ ଓମ୍ ପ୍ରକାଶ ପୁରୁଷ ଡବଲ ସ୍କଲ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିବାରେ ବିଫଳ ହୋଇଥିଲେ। ଏହି ୪ ଖେଳାଳି କ୍ୱାଡ୍ରପୁଲ ସ୍କଲ୍ସ ଇଭେଣ୍ଟରେ ୬:୧୭.୧୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିଜ ସ୍ୱର୍ଗବାସୀ ମା'ଙ୍କ ପାଇଁ ଭୋକାନାଲ ସ୍ୱର୍ଣ୍ଣ ଜିତିବେ ବୋଲି ପୂର୍ବରୁ କହିଥିଲେ।

ଏହା ପୂର୍ବରୁ ରୋଇଂରେ ଭାରତୀୟ ପ୍ରତିଯୋଗୀମାନେ ଦୁଇଟି ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ପୁରୁଷ ଲାଇଟ ୱେଟ ଡବଲ ସ୍କଲ୍ସରେ ଭଗବାନ ସିଂ ଓ ରୋହିତ କୁମାର ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ଜିତିଥିଲେ। ଜଣେ ଟ୍ରକ୍ ଡ୍ରାଇଭରଙ୍କ ପୁଅ ଭଗବାନ ସମ୍ବାଦିକତାରେ ଦ୍ୱିତୀୟବର୍ଷ ଅଧ୍ୟୟନ କରୁଥିଲେ ଆର୍ଥିକସ୍ଥିତି ଖରାପ ହେବା କାରଣରୁ ତାକୁ ଛାଡି ସୈନ୍ୟବାହିନୀରେ ଯୋଗ ଦେଇଥିଲେ। ସେହିପରି ଅଭିଜ୍ଞ ରୋୟର ଦୁଷ୍ମନ୍ତ ଚୌହାନ ଲାଇଟୱେଟ୍ ସିଙ୍ଗଲ ସ୍କଲ୍ସରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ମଧ୍ୟ ଇଞ୍ଚିଅନ ଏସିଆନ ଗେମ୍ସରେ ଏହି ଇଭେଣ୍ଟରେ ବ୍ରୋଞ୍ଜ ଜିତିଥିଲେ।

## କବାଡ଼ିରେ ପୁଣି ଝଟ୍‌କା, ମହିଳା ରୌପ୍ୟରେ ସନ୍ତୁଷ୍ଟ

ବିଶ୍ୱ କବାଡ଼ିରେ ଚାଲିଥିବା ଭାରତର ପତିଆରାକୁ ପୁଣି ଥରେ ଶକ୍ତ ଧକ୍କା ଦେଇଛି ଇରାନ। ପୁରୁଷ ଦଳକୁ ସେମିଫାଇନାଲରେ ପରାସ୍ତ କରିବା ପରେ ଇରାନ ଭାରତୀୟ ମହିଳା ଦଳକୁ ଫାଇନାଲରେ ହରାଇ ଦେଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଗତ ୨ ଥର ଚାମ୍ପିୟନ ଭାରତକୁ ୨୪-୨୭ ବ୍ୟବଧାନରେ ପରାସ୍ତ କରିବା ସହ ଇରାନ ସ୍ୱର୍ଣ୍ଣ ପଦକ ହାତେଇ ନେଇଛି। ଫଳରେ ଭାରତୀୟ ଦଳକୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେହିପରି ପୁରୁଷ କବାଡିରେ ୭ଥର ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତ ଗୁରୁବାର ସେମିଫାଇନାଲରେ ଇରାନଠାରୁ ୧୮-୨୭ରେ ପରାସ୍ତ ହୋଇ ବ୍ରୋଞ୍ଜ୍ ପଦକ ହାସଲ କରିଥିଲା।

## ହୀନା ସିଦ୍ଧୁଙ୍କୁ ବ୍ରୋଞ୍ଜ

ଅଭିଜ୍ଞ ଭାରତୀୟ ଶୁଟର ହୀନା ସିଦ୍ଧୁ ମହିଳା ୧୦ମି. ଏୟାର ରାଇଫଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ମନୁ ଭାକର ନିରାଶ ହୋଇଛନ୍ତି। ହିନା ୧୦.୮ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଗି ଆଶା ରଖିଥିଲେ। ମାତ୍ର ପରବର୍ତ୍ତୀ ଶଟ୍‌ରେ ୯.୬ ସ୍କୋର କରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏଥିପୂର୍ବରୁ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ଆରମ୍ଭରୁ ହିନା ଭଲ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲେ। ଏପରି କି ସେ ୧୭ତମ ସ୍ଥାନରେ ଥିଲେ। କିନ୍ତୁ ସେଠାରୁ ସେ ପ୍ରତ୍ୟାବର୍ତ୍ତନ କରି ୩ୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ହିନା ୨୧୯.୮ ପଏଣ୍ଟ ସ୍କୋର କରିଥିଲେ। ଅନ୍ୟପକ୍ଷରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାକର ୧୭୬.୨ ସ୍କୋର ସହ ୫ମ ସ୍ଥାନରେ ରହିଥିଲେ। ଫଳରେ ଚଳିତ ପ୍ରତିଯୋଗିତାରେ ଭାକର କ୍ରମାଗତ ଦୁଇଟି ଭିନ୍ନ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବାରେ ଫାଇନାଲରେ ବିଫଳ ହୋଇଛନ୍ତି। ହରିୟାଣା ଶୁଟର ୨୫ମିଟର ପିସ୍ତଲ ଫାଇନାଲରେ ବିଫଳ ହୋଇଥିଲେ।



ବ୍ରୋଞ୍ଜ ପଦକ ବିଜୟୀ ଶୁଟର ହୀନା ସିଦ୍ଧୁ।



ରୋଇଂରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ କ୍ୱାଡ୍ରପୁଲ ସ୍କଲ୍ସ ଟିମ୍।

### ଆଥଲେଟିକ୍ସ ଇଭେଣ୍ଟ ଆଜିଠାରୁ

# ଦ୍ୟୁତୀଙ୍କ ଉପରେ ନଜର

**ଭୁବନେଶ୍ୱର, ୨୪।୮ (କ୍ରୀଡ଼ା ପ୍ରତିନିଧି)**

ଇଣ୍ଡୋନେସିଆର ଜାକର୍ତ୍ତାରେ ଚାଲିଥିବା ଏସିଆନ ଗେମ୍ସର ଆଥଲେଟିକ୍ସ ଇଭେଣ୍ଟ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦିବସରେ ଭାରତୀୟ ସ୍ପ୍ରିଣ୍ଟ କୁଇନ ଓଡ଼ିଶାର ଦ୍ୟୁତୀ ଚାନ୍ଦଙ୍କ ଉପରେ ଭାରତ ତଥା ଓଡ଼ିଶାବାସୀଙ୍କ ନଜର ରହିବ। କାରଣ କ୍ୟାରିୟରରେ ପ୍ରଥମଥର ପାଇଁ ଏସିଆନ ଗେମ୍ସରେ ଭାଗ୍ୟ ପରୀକ୍ଷା କରିବାକୁ ଯାଉଥିବା ଦ୍ୟୁତୀ ଶନିବାର ମହିଳା ୧୦୦ ମିଟର ରେସ୍ ହିଟ୍‌ରେ ଅବତୀର୍ଣ୍ଣ ହେବେ। ୧୦୦ ମିଟର ସେମିଫାଇନାଲ ଓ ଫାଇନାଲ ରବିବାର ଅନୁଷ୍ଠିତ ହେବ। ଗତ ଜୁନ୍‌ରେ ଅନୁଷ୍ଠିତ ଆନ୍ତଃ-ରାଜ୍ୟ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଦ୍ୟୁତୀ ୧୧.୨୯ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସେଠାରେ ସେ ୧୧.୩୨ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ଜିତିଥିଲେ। ତେବେ ଦ୍ୟୁତୀଙ୍କୁ ଏସିଆନ ଗେମ୍ସରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। କାରଣ ପ୍ରତିଯୋଗିତାରେ ଚାଇନାର ୱେଇ ୟଙ୍ଗଲି (୧୦.୯୯ ସେକେଣ୍ଡ), ବାହାରିନର ହାଜାର ସାଦ ଅଲ୍ ଆମିରି (୧୧.୧୭) ଓ କାଜାଖସ୍ତାନର ଭିକ୍ଟୋରିଆ ଜାବ୍‌କିନା (୧୧.୨୦) ଅଂଶଗ୍ରହଣ କରୁଛନ୍ତି। ଯେଉଁମାନଙ୍କର ଶ୍ରେଷ୍ଠ ଟାଇମିଂ ଦ୍ୟୁତୀଙ୍କଠାରୁ କମ୍ ରହିଛି।



ଦ୍ୟୁତୀ ଚାନ୍ଦ

ମିଳିଥିବା ସୂଚନା ଅନୁସାରେ ଦ୍ୟୁତୀ ହିଟ୍ ନମ୍ବର-୨ରେ ଦୌଡ଼ିବେ। ଏହି ହିଟ୍‌ରେ ରହିଥିବା ଅନ୍ୟ ଆଥଲେଟ୍‌ମାନେ ହେଲେ ଇଣ୍ଡୋନେସିଆର ଟ୍ୟାସ ମୂର୍ତ୍ତିନିଙ୍ଗସ, କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା, ଫିଲିପାଇନ୍ସର ନଟ୍ କ୍ରିଷ୍ଟିନା ମାରିଏ, ଇରାକର ଅଲ୍ ଖାଫାଜି ଡାନା ହୁସେନ ଅବଦୁଲରଜାକ, ଉଜବେକିସ୍ତାନର ନିଗିନା ଶାରିପୋଭା, ଦକ୍ଷିଣ କୋରିଆର ୟୁ ଜିନ୍ ଓ ଲାଓସର ଫା ଆପେ ସିଲିନା। ୧୦୦ ମିଟରରେ ମୋଟ ୪ଟି ହିଟ୍ ଅନୁଷ୍ଠିତ ହେବ। ଏଥିରେ ମୋଟ ୪୨ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ଅନ୍ୟତମ ଆକର୍ଷଣ ରହିବେ। ଭାରତ ଏସିଆନ ଗେମ୍ସରେ କେବେହେଲେ ସ୍ୱର୍ଣ୍ଣ ପଦକ ଜିତିନାହିଁ। ତେଣୁ ନୀରଜ ଏହି ଧାରା ଭାଙ୍ଗିବେ ବୋଲି ଆଶା ରହିଛି। ଶେଷଥର ପାଇଁ ଭାରତ ପକ୍ଷରୁ ୧୯୮୨ ନୂଆଦିଲ୍ଲୀ ଏସିଆନ ଗେମ୍ସରେ ଗୁରତେଜ ସିଂ ବ୍ରୋଞ୍ଜ ପଦକ ପାଇଥିଲେ। ମହିଳା ୪୦୦ ମିଟରରେ ଅନ୍ୟତମ ଆକର୍ଷଣ ରହିବେ ଭାରତର ହିମା ଦାସ। ବିଶ୍ୱ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ତାଙ୍କ ଉପରେ ଭରସା ରହିଛି। ଏଥିରେ ଅନ୍ୟତମ ଭାରତୀୟ ନିର୍ମଳା ଶେଓରାନ ମଧ୍ୟ ଭାଗ୍ୟପରୀକ୍ଷା କରିବେ।

## ବ୍ୟାଡ୍‌ମିଣ୍ଟନ: ଶ୍ରୀକାନ୍ତ, ପ୍ରଣୟଙ୍କ ବିପର୍ଯ୍ୟୟ

**ଜାକର୍ତ୍ତା, ୨୪।୮ (ପି.ଟି.)**

ଏସିଆନ୍ ଗେମ୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାରୁ ଭାରତର ଦୁଇ ଆଗଧାଡିର ଖେଳାଳି କିଡାମ୍ବୀ ଶ୍ରୀକାନ୍ତ ଓ ଏଚ୍.ଏସ୍. ପ୍ରଣୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଏହି ଦୁଇ ଖେଳାଳି ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ପରାସ୍ତ ହୋଇଛନ୍ତି। ଶ୍ରୀକାନ୍ତ ହଂକଂର ୱଙ୍ଗ ୱିଙ୍ଗ୍‌ଙ୍କଠାରୁ ମାତ୍ର ୪୩ ମିନିଟରେ ୨୧-୨୩, ୧୯-୨୧ରେ ପରାସ୍ତ ହୋଇଥିବା ବେଳେ ପ୍ରଣୟ ଥାଇଲାଣ୍ଡର କଣ୍ଟାଫୋନ ୱାଙ୍ଗଚାରୋଏନଙ୍କଠାରୁ ୧୨- ୨୧, ୨୧- ୧୫, ୧୫- ୨୧ରେ ମାତ୍ର ୬୫ ମିନିଟରେ ପରାସ୍ତ ହୋଇ ବାଦ୍ ପଡିଛନ୍ତି। ମହିଳା ସିଙ୍ଗଲ୍ସରେ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଶନିବାର ସେମାନଙ୍କ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିବେ। ତେବେ ମହିଳା ଡବଲ୍ସରେ ଭାରତର ଅଶ୍ୱିନୀ ପୋନାପ୍ପା ଓ ଏନ୍ ସିକ୍କି ରେଡ୍ଡୀ ୨୧- ୧୭, ୧୬-୨୧, ୨୧-୧୯ରେ ମାଲେସିଆ ଯୋଡି ଚୋ ମେଇ କୁଆନ ଓ ଲି ମେଙ୍ଗ୍ ୟିନଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

# ଭାରତ ସେମିର ନିକଟତର

**ପୁରୁଷ ହକି**

**ଜାକର୍ତ୍ତା, ୨୪।୮ (ପି.ଟି.)**

ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ତା'ର ଜୟଯାତ୍ରା ଜାରି ରଖିଛି। ପୁଲ-ଏ' ଶୁକ୍ରବାର ଭାରତ ଜାପାନକୁ ୮-୦ ଗୋଲରେ ପରାସ୍ତ କରିଛି। ଏଥିସହିତ ଭାରତ କ୍ରମାଗତ ତୃତୀୟ ବିଜୟ ହାସଲ କରି ହ୍ୟାଟ୍ରିକ ସଫଳତା ଅର୍ଜନ କରି ସେମିଫାଇନାଲର ନିକଟତର ହୋଇଛି। ଏହା ପୂର୍ବରୁ ଭାରତ ଆୟୋଜକ ଇଣ୍ଡୋନେସିଆକୁ ୧୭-୦ ଓ ହଂକଂକୁ ୨୬-୦ରେ ହରାଇଥିଲା। ଭାରତ ମୋଟ ଉପରେ ୫୧ଟି ଗୋଲ ସ୍କୋର କରିଛି।

ସମ୍ପୂର୍ଣ୍ଣ ଏକପାଖିଆ ଏହି ମ୍ୟାଚରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଦଳ ତରଫରୁ ରୂପିନ୍ଦର ପାଲ ସିଂ ୧୭, ୩୭ ଓ ମନଦୀପ ସିଂ ୩୨ ଓ ୫୬ତମ ମିନିଟରେ ଦୁଇଟି ଲେଖାଏ ଗୋଲ ସ୍କୋର କରିଥିଲେ। ସେହିପରି ଏସ୍‌ଭି ସୁନୀଲ ସପ୍ତମ, ଦୀଲପ୍ରୀତ ସିଂ ୧୨, ଆକାଶଦୀପ ସିଂ ୪୫ ଓ ବିବେକ ସାଗର ପ୍ରସାଦ ଗୋଟିଏ ଲେଖାଏ ଗୋଲ ଦେଇ ଭାରତକୁ ଜିତାଇଥିଲେ। ୪୮ତମ ମିନିଟରେ ଜାପାନ ଗୋଟିଏ ପେନାଲ୍ଟି ସୁଯୋଗ ପାଇଥିଲେ ମଧ୍ୟ ଏହାକୁ ହାତଛଡ଼ା କରିଥିଲା। ବିଜୟୀ ହୋଇଥିଲେ ମଧ୍ୟ ଭାରତ କେତୋଟି ପେନାଲ୍ଟି କର୍ନର ସୁଯୋଗ ହାତଛଡ଼ା କରିଛି। ଭାରତ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ପଞ୍ଚମ ଓ ଜାପାନ ୧୬ତମ ସ୍ଥାନରେ ରହିଛି। ଭାରତ ରବିବାର ୧୪ ନମ୍ବର ଦଳ କୋରିଆକୁ ଭେଟିବ। ଶେଷ ପୁଲ ମ୍ୟାଚରେ ଭାରତ ଶ୍ରୀଲଙ୍କାକୁ ଭେଟିବ।

## ଜିମ୍ନାଷ୍ଟିକ୍ସରେ ହାତ ଖାଲି

ଏଥର ଏସିଆନ ଗେମ୍ସରେ ଭାରତ ବିନା ପଦକରେ ଅଭିଯାନ ଶେଷ କରିଛି। ତାରକା ମହିଳା ଜିମ୍ନାଷ୍ଟ ଦୀପା କର୍ମକାର ମଧ୍ୟ ବିଫଳ ହୋଇଛନ୍ତି। ମହିଳା ବାଲାନ୍ସ ବିମ୍ ଇଭେଣ୍ଟ ଫାଇନାଲରେ ଦୀପା ପଞ୍ଚମ ସ୍ଥାନରେ ରହି ନିରାଶ କରିଛନ୍ତି। ପଞ୍ଚମ ଜିମ୍ନାଷ୍ଟ ଭାବେ ଦୀପା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଓ ୧୨. ୫୦୦ ସ୍କୋର କରି ସେ ପଞ୍ଚମ ସ୍ଥାନରେ ରହିଥିଲେ। ୮ଜଣ ମହିଳା ପ୍ରତିଯୋଗୀ ଫାଇନାଲରେ ଅବତୀର୍ଣ୍ଣ ହୋଇଥିଲେ। ଦୀପା କ୍ୱାଲିଫିକେଶନ ରାଉଣ୍ଡରେ ୧୨. ୭୫୦ ସ୍କୋର କରିଥିଲେ।

ଚାଇନାର ଚେନ୍ ୟିଲେ ୧୪.୬୦୦ ସ୍କୋର କରି ସ୍ୱର୍ଣ୍ଣ, ଉତ୍ତର କୋରିଆର କିମ୍ ଜଙ୍ଗ ସୁ ୧୩. ୪୦୦ ସ୍କୋର କରି ରୌପ୍ୟ ଓ ଚାଇନାର ଝାଙ୍ଗ୍ ଜିନ୍ ୧୩. ୩୨୫ ସ୍କୋର କରି ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଦୀପା ଶତପ୍ରତିଶତ ଫିଟ୍ ନ ଥିଲେ ମଧ୍ୟ ତାଙ୍କ ପ୍ରଦର୍ଶନ ସେତେଟା ଖରାପ ନୁହଁ ବୋଲି କୁହାଯାଉଛି। ଏହା ପୂର୍ବରୁ ଦୀପା ତାଙ୍କ ଫେଭରାଇଟ ଇଭେଣ୍ଟ ଭୋଲ୍ଟରେ ଫାଇନାଲକୁ କ୍ୱାଲିଫାଏ କରିପାରି ନ ଥିଲେ। ସେ ୨୦୧୬ ରିଓ ଅଲିମ୍ପିକ୍ସରେ ଏହି ଇଭେଣ୍ଟରେ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଆଣ୍ଠୁରେ ଆଘାତ ସମସ୍ୟା କାରଣରୁ ସେ ଏହି ଇଭେଣ୍ଟରେ ନିଜ ଦେଶର ଅରୁଣା ବୁଦ୍ଧା ରେଡ୍ଡୀ ଓ ପ୍ରଣତୀ ନାୟକଙ୍କ ପଛରେ ରହିଥିଲେ। ସେ ମଧ୍ୟ ମହିଳା ଟିମ୍ ଫାଇନାଲରୁ ଓହରିଯାଇଥିଲେ ଓ ଭାରତ ଏଥିରେ ସପ୍ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏସିଆନ ଗେମ୍ସ ଇତିହାସରେ ଭାରତ ଥରେ ମାତ୍ର ବ୍ରୋଞ୍ଜ ଜିତିଥିଲା। ୨୦୧୦ରେ ଆଶିଷ କୁମାର ଫ୍ଲୋର ଏକ୍ସରସାଇଜ୍‌ରେ ବ୍ରୋଞ୍ଜ୍ ଜିତିଥିଲେ। ପୁରୁଷ ଜିମ୍ନାଷ୍ଟିକ୍‌ରେ ମଧ୍ୟ ଆଶିଷଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳିମାନେ ଫେଲ୍ ମାରିଛନ୍ତି।





ରୌପ୍ୟ ପଦକ ବିଜୟୀ ଭାରତୀୟ ମହିଳା ଓ ବ୍ରୋଞ୍ଜ ବିଜେତା ପୁରୁଷ କବାଡ଼ି ଦଳ।

“ଏସିଆନ ଗେମ୍ସ କବାଡ଼ିରେ ଇରାନଠାରୁ ପରାଜୟ ଘଟଣା ଆମର ମନେ ରହିବ, କିନ୍ତୁ ଏହାଦ୍ୱାରା କବାଡ଼ି ଏକ ଗ୍ଲୋବାଲ ସ୍ପୋର୍ଟ୍ସ ବୋଲି ପ୍ରତିଫଳିତ ହୋଇଛି।

–ଏଲ. ଶ୍ରୀନିବାସ ରେଡ୍ଡୀ, ଭାରତୀୟ ମହିଳା କବାଡ଼ି କୋଚ୍



“ଆଲିଷ୍ଟର କୁକ୍ ନେଟ୍ସରେ ବଲ୍‌କୁ ଭଲରୂପେ ଷ୍ଟ୍ରାଇକ୍ କରିପାରୁଛନ୍ତି, ତେଣୁ ସେ ଫର୍ମରେ ନାହାନ୍ତି ବୋଲି କହିବା ଆଦୌ ଠିକ୍ ନୁହେଁ।

–ଟ୍ରେଭର ବେଲିସ, ଇଂଲଣ୍ଡ କୋଚ୍



## ସଂକ୍ଷେପରେ

### ଏସିଆନ ଗେମ୍ସର ପ୍ରଥମ ଡୋପ୍ ମାମଲା



ଜାକର୍ତ୍ତା, ୨୪।୮ (ଏଏଫ୍‌ପି): ତୁର୍କମେନିସ୍ତାନର ରୁସ୍ତମ୍ ନାଜାରୋଭ୍ ଚଳିତ ଏସିଆନ ଗେମ୍ସର ପ୍ରଥମ ଆଥ୍‌ଲେଟ ଭାବେ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ୨୪ବର୍ଷୀୟ କୁସ୍ତି ଯୋଦ୍ଧା ନାଜାରୋଭ ଅବଶ୍ୟ ୫୭ କିଲୋଗ୍ରାମ ଫ୍ରିଷ୍ଟାଇଲ ଡିଭିଜନରେ ତାଙ୍କ ପ୍ରଥମ ମ୍ୟାଚ ହାରିଯାଇଥିଲେ। ଭାରତର ସନ୍ଦୀପ ତୋମାର ତାଙ୍କୁ ହରାଇ ଦେଇଥିଲେ। ଗେମ୍ସ ପୂର୍ବରୁ ହୋଇଥିବା ଡୋପ୍ ଟେଷ୍ଟର ଫଳାଫଳ ପ୍ରକାଶ ପାଇଛି। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରେ ନିଷିଦ୍ଧ ଔଷଧ ଡ୍ୟୁରେଟିକ୍ ଫ୍ୟୁରୋସେମିଡେ ଠାବ କରାଯାଇଥିଲା। ଏହି ଔଷଧ ଶରୀରରୁ ଜଳ ଓ ଲବଣ ପରିମାଣ ହ୍ରାସ ପାଇଁ ସହାୟକ ହୋଇଥାଏ। ଏହି ଔଷଧ ସେବନ ଦ୍ୱାରା ନାଜାରୋଭ ତାଙ୍କ ଶରୀର ଓଜନ ହ୍ରାସ କରାଇ ପାରିଥିଲେ ଏବଂ ତାଙ୍କ ଓଜନ ଶ୍ରେଣୀ ପାଇଁ ଯୋଗ୍ୟତା ହାସଲ କରିପାରିଥିଲେ ବୋଲି ଅଲିମ୍ପିକ କାଉନ୍‌ସିଲ ଅଫ୍ ଏସିଆ (ଓସିଏ) ପକ୍ଷରୁ କୁହାଯାଇଛି। ନାଜାରୋଭଙ୍କୁ ତୁରନ୍ତ ୧୮ତମ ଜାକର୍ତ୍ତା-ପାଲେମବାଙ୍ଗ୍ ଏସିଆନ ଗେମ୍ସ ୨୦୧୮ରୁ ଅଯୋଗ୍ୟ ଘୋଷଣା କରାଯାଇଛି। ଅଗଷ୍ଟ ୧୯ ପ୍ରତିଯୋଗିତାରେ ତାଙ୍କ ଫଳାଫଳକୁ ରଦ୍ଦ କରାଯାଇଛି। ସୂଚନାଯୋଗ୍ୟ, ଦକ୍ଷିଣ କୋରିଆର ଇଞ୍ଚିଅନଠାରେ ୨୦୧୪ରେ ଏସିଆନ ଗେମ୍ସରେ ହୋଇଥିବା ଡୋପ୍ ଟେଷ୍ଟରେ ୬ଜଣ ଆଥଲେଟଙ୍କର ପଜିଟିଭ ଆସିଥିଲା। ସେମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆର ସୁଇମିଂ ଷ୍ଟାର ପାର୍କ ତାଏ-ହ୍ୱାନ ଅନ୍ୟତମ ଥିଲେ। ତାଙ୍କଠାରୁ ପଦକ ପ୍ରତ୍ୟାହାର କରିନିଆଯାଇଥିଲା।

### ସେକ୍ରେଟାରିଏଟ୍ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ)- ସେକ୍ରେଟାରିଏଟ୍ କପ୍ ଆନ୍ତଃ ବିଭାଗୀୟ ୫ ଜଣିଆ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ଗୃହ ଏବଂ ନଗର ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲ୍ ଶୂନ୍ୟଭାବେ ଶେଷ ହୋଇଛି। ଖେଳାଯାଇଥିବା ଅନ୍ୟମ୍ୟାଚ ଗୁଡ଼ିକରେ ଅର୍ଥ ବିଭାଗ, ସଚିବାଳୟ କ୍ରୀଡ଼ା ସଂଘ, ସୂଚନା ଲୋକସମ୍ପର୍କ ବିଭାଗ ଏବଂ ନିର୍ମାଣ ବିଭାଗ ବିଜୟ ଲାଭ କରିଛନ୍ତି। ଅର୍ଥ ବିଭାଗ ୩-୦ ଗୋଲରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରାସ୍ତ କରିଛି। ଏଥିରେ ଆଲୋକ ଆଲ୍‌ବେଣ୍ଟ ସୋରେଙ୍ଗ ୨ଟି ଏବଂ ଦୁର୍ଯ୍ୟୋଧନ ବାର୍ଲା ଗୋଟିଏ ଗୋଲ ଦେଇଥିଲେ। ସଚିବାଳୟ କ୍ରୀଡ଼ା ମହାସଂଘ ମଧ୍ୟ ଅନୁରୂପ ୩-୦ଗୋଲ୍ ବ୍ୟବଧାନରେ ବିଜୟ ଲାଭ କରିଛି। ଏଥିରେ ଆଶିଷ ମାଝି ଗୋଟିଏ ଏବଂ ରଞ୍ଜନ ମେହେର ଦୁଇଟି ଗୋଲ ଦେଇଥିଲେ। ସେହିପରି ସୂଚନା ଲୋକ ସମ୍ପର୍କ ବିଭାଗ ୧-୦ ଗୋଲରେ ଜଙ୍ଗଲ ଓ ପରିବେଶ ବିଭାଗକୁ ପରାସ୍ତ କରିଛି। ମ୍ୟାଚରେ ପ୍ରକାଶ କୁମାର ମୁଦୁଲି ଏକମାତ୍ର ଗୋଲ ସ୍କୋର କରିଥିଲେ। ନିର୍ମାଣ ବିଭାଗ ୨-୦ ଗୋଲରେ ସମବାୟ ବିଭାଗକୁ ହରାଇ ଦେଇଥିଲା।

# ଦେବାଶିଷ ଜାତୀୟ ଜୁନିୟର କ୍ରିକେଟ ଚୟନକର୍ତ୍ତା

**କଟକ ଅଫିସ/ପି.ଟି. ୨୪।୮**

ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ତଥା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତିଙ୍କୁ ଜାତୀୟ ଜୁନିୟର କ୍ରିକେଟ ଦଳର ଚୟନକର୍ତ୍ତା ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ଦେବାଶିଷଙ୍କୁ ଶୁକ୍ରବାର ଫୋନ୍ ଯୋଗେ ଜଣାଇ ଦିଆଯାଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଜାତୀୟ ଜୁନିୟର ଦଳର ଚୟନକର୍ତ୍ତା ଦାୟିତ୍ୱ ଗ୍ରହଣ କରୁଥିବାରୁ ଦେବାଶିଷଙ୍କୁ ଆଗାମୀ ରଣ୍‌ଜୀ ସିଜନ ନିମନ୍ତେ ଚାଲିଥିବା ପ୍ରସ୍ତୁତି ଓ ଚୟନ ଶିବିର ଅଧାରୁ ଛାଡ଼ିବାକୁ ପଡ଼ିବ। ଅନ୍ୟପକ୍ଷରେ ଦେବାଶିଷ ଓଡ଼ିଶାରୁ ଦ୍ୱିତୀୟ କ୍ରୀଡ଼ାବିତ ଭାବେ ବିସିସିଆଇର ଦଳ ଚୟନ କମିଟିରେ ସାମିଲ ହୋଇଛନ୍ତି। ପୂର୍ବରୁ ରଞ୍ଜୀବ ବିଶ୍ୱାଳ ସିନିୟର ପୁରୁଷ ଦଳ ଚୟନ କମିଟିରେ ରହିଥିଲେ।

୧୯୯୭ରେ ଭାରତୀୟ କ୍ରିକେଟର ପେସ୍ ଆକ୍ରମଣ କ୍ଷେତ୍ରରେ ପ୍ରମୁଖ ବୋଲର ଭାବେ ଓଡ଼ିଆ ଖେଳାଳି ଦେବାଶିଷଙ୍କ ବେଶ୍ ଖ୍ୟାତି ରହିଥିଲା। ରାଜ୍ୟ ପକ୍ଷରୁ ୧୨୯ଟି ଲିଷ୍ଟ-ଏ ଓ ୧୧୭ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିବା ଦେବାଶିଷ ୧୯୯୭ ଅଗଷ୍ଟ ୯ ତାରିଖରେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ପଦାର୍ପଣ କରିଥିଲେ। କଲମ୍ବୋରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ହିଁ ଦେବାଶିଷ ନିଜ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ପ୍ରଥମ ଇନିଂସ୍ ବ୍ୟାଟିଂ କରୁଥିବା ଶ୍ରୀଲଙ୍କାର ପ୍ରମୁଖ ୪ଜଣ ବ୍ୟାଟ୍ସମ୍ୟାନ ଦେବାଶିଷଙ୍କ ଶିକାର ହୋଇଥିଲେ। ଓପନର ସନତ ଜୟସୂରିଆଙ୍କୁ ମିଶାଇ ରୋଶନ ମାହାନାମା, ଅରବିନ୍ଦ ଡି ସିଲଭା, ରବୀନ୍ଦ୍ର ପୁଷ୍ପକୁମାରଙ୍କ ଉଇକେଟ ରହିଥିଲା। ଦ୍ୱିତୀୟ ଇନିଂସ୍‌ରେ ଦେବାଶିଷଙ୍କୁ କୌଣସି ଉଇକେଟ ମିଳି ନ ଥିଲେ ମଧ୍ୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ମ୍ୟାଚଟି ଡ୍ର ଭାବେ ଶେଷ ହୋଇଥିଲା। ପରେ ପାକିସ୍ତାନ ବିପକ୍ଷରେ ଉକ୍ତ ବର୍ଷ ସେପ୍ଟେମ୍ବର ୧୩ରେ ଏକଦିନିକିଆ ମ୍ୟାଚ୍‌ରେ ଦେବାଶିଷଙ୍କ ପଦାର୍ପଣ ହୋଇଥିଲା। ଦେବାଶିଷ ମୋଟ୍ ୨ଟି ଟେଷ୍ଟ ମ୍ୟାଚ ଖେଳି ୪ଟି ଉଇକେଟ ପାଇଥିବା ବେଳେ ୪୫ଟି ଏକଦିବସୀୟ ମ୍ୟାଚ୍‌ରୁ ୫୭ଟି ଉଇକେଟ ପାଇଛନ୍ତି। ୫୬ରନ୍ ବିନିମୟରେ ୪ଟି ଉଇକେଟ ଦେବାଶିଷଙ୍କର ଏକଦିବସୀୟ ଶ୍ରେଷ୍ଠ ପ୍ରଦର୍ଶନ ରହିଛି। ୯୦ ଦଶକରେ ବିଶ୍ୱକ୍ରିକେଟର ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ପରିଗଣିତ ଲାନ୍ସ କ୍ଲୁଜନର, ସନତ ଜୟସୂରିଆଙ୍କୁ ପ୍ରଥମ ଓଭରରେ ପ୍ୟାଭିଲିୟନ ଫେରାଇ ଦେବାର ରେକର୍ଡ ମଧ୍ୟ ଦେବାଶିଷଙ୍କ କ୍ୟାରିୟର ଫର୍ଦ୍ଦରେ ଯୋଡି ହୋଇରହିଛି। ଦେବାଶିଷ ଇଂଲଣ୍ଡରେ ଅନୁଷ୍ଠିତ ୧୯୯୯ ବିଶ୍ୱକପ୍‌ରେ ଅଂଶଗ୍ରହଣ କରି ବେଶ ସଫଳତା ହାସଲ କରିଥିଲେ। ରାଜ୍ୟର ଜଣେ ଅନ୍ତର୍ଜାତୀୟ ଖେଳାଳି ଭାବେ ପରିଚିତ ଦେବାଶିଷ ୨୦୧୧ ମସିହାରୁ କୋଚ୍ ଜୀବନ ଆରମ୍ଭ କରିଥିଲେ। ମଝିରେ ଗୋଟିଏ ବର୍ଷ ଛାଡ଼ିଦେଲେ ୨୦୧୨-୧୩ ସିଜନ୍‌ରୁ ସେ ସିନିୟର ଦଳର କୋଚ୍ ରହି ଆସିଛନ୍ତି। କେବଳ ୨୦୧୭-୧୮ ସିଜିନ୍‌ରେ ବ୍ୟକ୍ତିଗତ କାରଣ ଦର୍ଶାଇ ସେ କୋଚ୍ ଦାୟିତ୍ୱରୁ ଦୂରେଇ ରହିଥିଲେ। ଦେବାଶିଷଙ୍କ ତତ୍ତ୍ୱାବଧାନରେ ରାଜ୍ୟ ରଣ୍‌ଜୀ ଦଳର ପ୍ରଦର୍ଶନ ଶକ୍ତିଶାଳୀ ହେଉଛି ବୋଲି କ୍ରୀଡ଼ା ସମାଲୋଚକମାନେ ମତ ଦିଅନ୍ତି। ଏପରିକି ବିସିସିଆଇର ଆସନ୍ତା ଘରୋଇ ଟୁର୍ନାମେଣ୍ଟ ନିମନ୍ତେ ରାଜ୍ୟ ସିନିୟର ଦଳର କୋଚ୍ ଦାୟିତ୍ୱ ମଧ୍ୟ ଦେବାଶିଷଙ୍କ କାନ୍ଧରେ ରହିଛି।

ପ୍ରକାଶଯୋଗ୍ୟ ଯେ, ଦେବାଶିଷଙ୍କ ନିଯୁକ୍ତି କଥା କ୍ରିକେଟ ପ୍ରଶାସକ କମିଟି (ସିଓଏ) ମୁଖ୍ୟ ବିନୋଦ ରାଏ ସ୍ପଷ୍ଟ କରିଛନ୍ତି। ଜୁନିୟର ଚୟନ କମିଟିରେ ଦେବାଶିଷଙ୍କୁ ଆମେ ପଞ୍ଚମ ସଦସ୍ୟ ଭାବେ ନିଯୁକ୍ତି ଦେଇଛୁ ବୋଲି ସେ ସୂଚନା ଦେଇଛନ୍ତି। ଏହି କମିଟି ୫ଜଣିଆ ସଦସ୍ୟ ବିଶିଷ୍ଟ ହେବ ବୋଲି ସୁପ୍ରିମକୋର୍ଟ ଆଗରୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଆମେ ଏହି ସଦସ୍ୟମାନଙ୍କ ନାମ ଉପଦେଷ୍ଟା କମିଟିକୁ ସୁପାରିସ କରିଥିଲୁ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ଉପଦେଷ୍ଟା କମିଟି ସଦସ୍ୟ ସଚିନ ତେନ୍ଦୁଲକର, ସୌରଭ ଗାଙ୍ଗୁଲି ଓ ଭିଭିଏସ୍ ଲକ୍ଷ୍ମଣଙ୍କୁ କମିଟି ଚୟନ କରିବାକୁ କୁହାଯାଇଥିଲା। ତେବେ ନିଜ ନିଜ କାରଣ ଦର୍ଶାଇ ଏମାନେ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଥିଲେ। ଫଳରେ ଆନ୍ତର୍ଜାତିକ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆମେ ଶେଷରେ ଦେବାଶିଷଙ୍କୁ ଚୟନ କରିବାକୁ ନିଷ୍ପତ୍ତି ନେଇଥିଲୁ ବୋଲି ବିନୋଦ କହିଛନ୍ତି। ପୁଅ ଅର୍ଜୁନ ଜୁନିୟର ଭାରତୀୟ ଦଳରେ ଖେଳୁଥିବାରୁ ସଚିନ ଏହି ପ୍ରସ୍ତାବ ଗ୍ରହଣ କରି ନ ଥିଲେ। ସେହିପରି କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ଥିବାରୁ ଗାଙ୍ଗୁଲି ଓ ଆଇପିଏଲ ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦ ମେଣ୍ଟର ଥିବାରୁ ଲକ୍ଷ୍ମଣ ମଧ୍ୟ ଏହାକୁ ଗ୍ରହଣ କରି ନ ଥିଲେ।

ଏହି କମିଟିକୁ ଆଶିଷ କାପୁର ପୂର୍ବରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେହିପରି ଅମିତ ଶର୍ମା ମଧ୍ୟ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭେଙ୍କଟେଶ ପ୍ରସାଦ ଇସ୍ତଫା ଦେବା ପରେ ଆଉ ଏକ ପଦ ଖାଲି ରହିଥିଲା ବୋଲି ବିନୋଦ କହିଛନ୍ତି। ଏହି କମିଟିର ଅନ୍ୟ ଦୁଇ ସଦସ୍ୟ ହେଲେ ଜ୍ଞାନେନ୍ଦ୍ର ପାଣ୍ଡେ ଓ ରାକେଶ ପାରିଖ। କୋଲକାତାରେ ସେପ୍ଟେମ୍ବର ୯ ତାରିଖରୁ ଆରମ୍ଭ ହେବାକୁଥିବା ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଓ ସେପ୍ଟେମ୍ବର ୨୭ ତାରିଖରୁ ଢ଼ାକାରେ ଆରମ୍ଭ ହେବାକୁ ଥିବା ୧୯ ବର୍ଷରୁ କମ୍ ଏସିଆ କପ୍ ପାଇଁ ଏହି କମିଟି ଜୁନିୟର ଦଳ ଚୟନ କରିବ।



ଦେବାଶିଷ ମହାନ୍ତି

### ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ହେବ

ଜାତୀୟ ଜୁନିୟର ଚୟନ କମିଟିର ସଦସ୍ୟ ହୋଇଥିବାରୁ ସ୍ୱାଭାବିକ ଭାବେ ଖୁସି ଜାହିର କରିଛନ୍ତି ଦେବାଶିଷ। ଜୁନିୟର ଦଳର ଚୟନକର୍ତ୍ତା ହେବା ସମ୍ପର୍କରେ ମୋତେ ବିସିସିଆଇ ପକ୍ଷରୁ ଅବଗତ କରାଯାଇଛି। ଏହା ଏକ ନୂଆ ଦାୟିତ୍ୱ ଏବଂ ନୂଆ ଚ୍ୟାଲେଞ୍ଜ। ଏହା ଖୁସିର କଥା, ତେବେ ଏକ ସଙ୍ଗେ ୨ଟି ଦାୟିତ୍ୱରେ ରହି ହେବନାହିଁ। ତେଣୁ ମୋତେ ଓଡ଼ିଶା ରଣଜୀ ଦଳର କୋଚ୍ ଦାୟିତ୍ୱ ଛାଡ଼ିବାକୁ ପଡ଼ିବ ବୋଲି ଦେବାଶିଷ ପ୍ରକାଶ କରିଛନ୍ତି।

## କଳିଙ୍ଗ ବିଦ୍ୟାପୀଠ, କିସ୍ ସ୍କୁଲ ବିଜୟୀ




**ଭୁବନେଶ୍ୱର, ୨୪।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ୟୁନିଟ୍-୬ ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୟୁନି ଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃ ସ୍କୁଲ୍ ଫୁଟବଲ ଲିଗ୍‌ରେ ଶୁକ୍ରବାର କଳିଙ୍ଗ ବିଦ୍ୟପୀଠ ସାମ୍‌ପୁର ଓ କିସ୍ ସ୍କୁଲ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ପ୍ରଥମ ମ୍ୟାଚରେ ଗତଥରର ରନର୍ସ ଅପ୍ କଳିଙ୍ଗ ବିଦ୍ୟାପୀଠ ୧-୦ ଗୋଲରେ ଡିଏଭି ୟୁନିଟ୍-୮କୁ ପରାସ୍ତ କରିଛି। ଦଳ ପକ୍ଷରୁ ଅଶୋକ ପାଢୀ ଖେଳର ୧୩ତମ ମିନିଟ୍‌ରେ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ସେ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମକୃଷ୍ଣ ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ନାୟକଙ୍କଠାରୁ ସେ ପୁରସ୍କାର ଗ୍ରହଣ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ କିସ୍ ସ୍କୁଲ ୧-୦ ଗୋଲରେ ଗଣ୍ଡରପୁର ଅରବିନ୍ଦ ହାଇସ୍କୁଲକୁ ପରାସ୍ତ କରିଥିଲା। ଏକମାତ୍ର ଗୋଲଟିକୁ ଯଦୁନାଥ ହେମ୍ବ୍ରମ ୨୧ତମ ମିନିଟ୍‌ରେ ସ୍କୋର କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ହେମ୍ବ୍ରମଙ୍କୁ କ୍ରୀଡ଼ା ସଂଗଠକ ହୃଦୟରଞ୍ଜନ ବେହେରା ପୁରସ୍କୃତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତପନ ମହାନ୍ତି, ନବରଞ୍ଜନ ପଟ୍ଟନାୟକ, ପ୍ରିୟନାଥ ମିଶ୍ର, ନରେନ୍ଦ୍ର ସେଠୀ ଓ ଅମିୟକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ପ୍ରଥମ ମ୍ୟାଚ ଡିଏଭି ଚନ୍ଦ୍ରଶେଖରପୁର ଓ ଜାଭିୟର ସ୍କୁଲ, କେଦାରଗୌରୀ ଏବଂ ଦ୍ୱିତୀୟ ମ୍ୟାଚ ସୈନିକ ସ୍କୁଲ ଓ ପଳାଶୁଣି ସ୍କୁଲ ମଧ୍ୟରେ ଅନୁଷ୍ଠିତ ହେବ।

## ଏସିଆନ ପାରାଗେମ୍ସରେ ଭାଗନେବେ ରାଖାଲ

**ଭଦ୍ରକ ଅଫିସ, ୨୪।୮**

ଆସନ୍ତା ଅକ୍ଟୋବର ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ଜାର୍କତ୍ତାଠାରେ ଅନୁଷ୍ଠିତ ହେବାକୁ ଥିବା ଏସିଆନ ପାରାଗେମ୍ସ ପ୍ରତିଯୋଗିତାରେ ଭଦ୍ରକ ଜିଲାର ରାଖାଲ କୁମାର ସେଠୀ(୩୪) ଭାଗ ନେବେ। ରାଖାଲ ଜଣେ ଭିନ୍ନକ୍ଷମ କ୍ରୀଡ଼ାବିତ୍। ସେ ହୁଇଲ ଚେୟାର ଫେନ୍ସିଂ(ଅସିଚାଳନା) ଭଳି ଦୁଃସାହସିକ କ୍ରୀଡ଼ାରେ ଅଂଶଗ୍ରହଣ କରି ବର୍ତ୍ତମାନ ସୁଦ୍ଧା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୧୫ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ ମେଡାଲ ହାସଲ କରିସାରିଛନ୍ତି। ତାଙ୍କ ଘର ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ଗ୍ରାମରେ। ସେ ଏବେ ଭୁବନେଶ୍ୱରରେ ରହି କ୍ରୀଡ଼ାଭ୍ୟାସ ସାଙ୍ଗକୁ ଏକ ଚା’ ଦୋକାନ କରି ଜୀବିକା ନିର୍ବାହ କରୁଛନ୍ତି। ଭଦ୍ରକ ଜିଲାର କ୍ରୀଡ଼ାବିତ୍ ଓ ରାଜ୍ୟର ବହୁ କ୍ରୀଡ଼ାପ୍ରେମୀ ତାଙ୍କର ସଫଳତା କାମନା କରିଛନ୍ତି। ତେବେ ରାଖାଲ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି। ‘‘ବଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମୋ ନିକଟରେ ଅନ୍ତର୍ଜାତୀୟ ମାନର ହୁଇଲ ଚେୟାର ନାହିଁ, ତେଣୁ ଆଗାମୀ ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ଦେବା ନେଇ ମୁଁ ଆଶଙ୍କା ଭିତରେ ରହିଛି। ମୋ ପାଇଁ ଅନ୍ତର୍ଜାତୀୟ ମାନର ଭଲ ହୁଇଲ ଚେୟାର ଯୋଗାଇ ଦିଆଗଲେ ଶ୍ରେଷ୍ଠ ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିବାକୁ ଚେଷ୍ଟା କରିବି’’ ବୋଲି ରାଖାଲ କହିଛନ୍ତି।



## ଫାଓଲିଗ୍: ୨ ମ୍ୟାଚ୍ ଅମୀମାଂସିତ

**କଟକ ଅଫିସ, ୨୪।୮**

ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ଶୁକ୍ରବାର ଖେଳାଯାଇଥିବା ୨ଟି ଯାକ ମ୍ୟାଚ୍ ଡ୍ର ରହିଛି। ଚାନ୍ଦ କ୍ଲବ ଓ ଲାଲବାଗ କ୍ଲବ ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ୧-୧ ଗୋଲରେ ଶେଷ ହୋଇଥିଲା। ପ୍ରଥମାର୍ଦ୍ଧର ୩୨ତମ ମିନିଟ୍‌ରେ ଲାଲବାଗର ସୁନମୟ ମାଝି ଗୋଲ ଦେଇ ଦଳକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ପରେ ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟ୍‌ରେ ଚାନ୍ଦକ୍ଲବର ସୌରଭ ରଞ୍ଜନ ହନୁମାନ ଏକ ଗୋଲ ଦେବା ଯୋଗୁଁ ସ୍କୋର ସମାନ ସ୍ଥିତିରେ ପହଞ୍ଚିଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଓ ପୂର୍ବତଟ ରେଲୱେ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ କୌଣସି ଗୋଲ ହୋଇ ନ ଥିଲା।

## ରାଜ୍ୟ ପୋଲିସ ଫୁଟବଲ ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୨୪।୮**

ଅନୁଗୋଳ ଷ୍ଟାଡ଼ିୟମରେ ୭୭ତମ ରାଜ୍ୟ ପୋଲିସ ଫୁଟବଲ ପ୍ରତିଯୋଗିତା-୨୦୧୮ ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ମନୋଜ କୁମାର ଛାବ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିବା ସହ ସମସ୍ତ ଖେଳାଳିଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ମାର୍ଚ୍ଚ ପାଷ୍ଟ ପରେ ଫିଫା ଫ୍ଲାଗ ପଡ଼ିଆକୁ ଆସିଥିଲା। ପ୍ରଥମ ମ୍ୟାଚ ଅନୁଗୋଳ ଜିଲା ପୋଲିସ ଓ ରାୟଗଡ଼ାର ୨ୟ ଆଇଆରବି ବାଟାଲିୟନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାୟଗଡ଼ା ୨-୦ ଗୋଲରେ ବିଜୟୀ ହୋଇଛି। ରାୟଗଡା ପକ୍ଷରୁ ଶ୍ୟାମ୍‌ଲାଲ ବିଶ୍ୱାଳ ଓ ମଧୁସୂଦନ ଭୋଇ ୨ଟି ଗୋଲ ଦେଇଥିଲେ। ଶନିବାର ୧୬ଟି ଦଳ ମଧ୍ୟରେ ୭ଟି ପଡ଼ିଆରେ ମୋଟ ୧୬ଟି ମ୍ୟାଚ ଅନୁଷ୍ଠିତ ହେବ। ପୂର୍ବାହ୍ନ ୭ଟାରେ ୭ଟି ଗ୍ରାଉଣ୍ଡରେ ୯ଟି ମ୍ୟାଚ ଓ ଅବଶିଷ୍ଟ ୭ଟି ମ୍ୟାଚ ଅପରାହ୍ନରେ ୭ଟି ଗ୍ରାଉଣ୍ଡରେ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଛାବ୍ରା ଖେଳାଳମାନଙ୍କୁ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଏହିପରି ଖେଳ ଆୟୋଜନ ଯୋଗୁ ପରସ୍ପର ମଧ୍ୟରେ ବନ୍ଧୁତ୍ୱ ବଢିଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଆଇଜି ନରସିଂହ ଭୋଳ, ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର, ଦେବଗଡ଼ ଏସ୍‌ପି ଅନୁପମା ଜେମ୍ସ, ଢେଙ୍କାନାଳ ଏସ୍‌ପି ସନ୍ତୋଷ ନାୟକ, ରାଜ୍ୟ ପୋଲିସ କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ପରିଡ଼ାଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମ୍ୟାଚ ଆରମ୍ଭ ପୂର୍ବରୁ ଖେଳାଳିମାନଙ୍କୁ ଶୃଙ୍ଖଳିତ ଖେଳ ପ୍ରଦର୍ଶନ କରିବାକୁ ଶପଥପାଠ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୪୬ ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨ ତାରିଖରେ ଟୁର୍ନାମେଣ୍ଟ ଉଦ୍‌ଯାପନ ହେବ।

## ରାଜପୁତ ଜିମ୍ବାୱେ କ୍ରିକେଟ ଦଳର ମୁଖ୍ୟ କୋଚ୍

**ବମ୍ବେ, ୨୪।୮ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ଲାଲଚାନ୍ଦ ରାଜପୁତ ଜିମ୍ବାୱେ ଜାତୀୟ କ୍ରିକେଟ ଦଳର ନିୟମିତ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଛନ୍ତି। ଜିମ୍ବାୱେ କ୍ରିକେଟ ସେମାନଙ୍କ ଅଫିସିଆଲଲ ଟୁଇଟର ପେଜ୍‌ରେ ଏହି ସୂଚନା ଦେଇଛନ୍ତି। ରାଜପୁତ୍ ଏହାପୂର୍ବରୁ ଗତ ମେ’ରେ ଜିମ୍ବାୱେର ପାକିସ୍ତାନ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜ ଏବଂ ପାକିସ୍ତାନକୁ ନେଇ ଆୟୋଜିତ ଏକ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ଜିମ୍ବାୱେର କାମଚଳା ମୁଖ୍ୟ କୋଚ ଭାବେ ନିଯୁକ୍ତି ପାଇଥିଲେ। ରାଜପୁତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୋ ସାମର୍ଥ୍ୟ ଉପରେ ଭରସା ରଖି ମୋତେ ୩ବର୍ଷ ପାଇଁ ନିଯୁକ୍ତି ଦେଇଥିବାରୁ ମୁଁ ଜିମ୍ବାୱେ କ୍ରିକେଟକୁ ଧନ୍ୟବାଦ ଦେଉଛି।ଭାରତ ପାଇଁ ଦୁଇ ଟେଷ୍ଟ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ରାଜପୁତ ରଣ୍‌ଜୀ ଟ୍ରଫିରେ ବମ୍ବେ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ତାଙ୍କର ପ୍ରଦର୍ଶନ ମଧ୍ୟ ଖୁବ୍ ଭଲ ରହିଥିଲା।






# ୨ ହଜାରରୁ ଅଧିକ ଗାଁ ଅପହଞ୍ଚ,ଆସିପାରୁନି ଆମ୍ବୁଲାନ୍ସ

**ପବନ ପାଣିଗ୍ରାହୀ**
**ଜୟପୁର,୨୪।୮**

ଅବିଭକ୍ତ କୋରାପୁଟ ଜିଲାରେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଏବେ ସୁରକ୍ଷିତ ନୁହେଁ। ପ୍ରତ୍ୟେକ ଦିନ ଏହି ଅଞ୍ଚଳରେ ସେମାନଙ୍କୁ ଖଟିଆରେ ବୁହାହେବା ଘଟଣା ପ୍ରଶାସନ ପାଇଁ ଦେହସୁହା ହୋଇଗଲାଣି ସତ ; କିନ୍ତୁ ଏହାଦ୍ୱାରା ଜନନୀ ଯନ୍ତ୍ରଣା ବଢ଼ିବାରେ ଲାଗିଛି। ବହୁ ଗାଁ ଏବେ ବି ଅପହଞ୍ଚ ହୋଇ ରହିଥିବା ବେଳେ ଏହି ଦୁର୍ଦ୍ଦଶାକୁ ବହୁଗୁଣିତ କରିଛି ରାସ୍ତାର ଦୁରାବସ୍ଥା।

ପ୍ରଶାସନର ତଥ୍ୟ ଅନୁଯାୟୀ, କୋରାପୁଟ ଜିଲାରେ ୯୯୮, ରାୟଗଡ଼ା ଜିଲାରେ ୮୧୭, ମାଲକାନଗିରି ଜିଲାରେ ୫୬୧ ଓ ନବରଙ୍ଗପୁର ଜିଲାରେ ୩ ଶହରୁ ଅଧିକ ଅପହଞ୍ଚ ଇଲାକା ରହିଛି। କିନ୍ତୁ ସରକାରୀ ତଥ୍ୟଠାରୁ ଢେର ଅଧିକ ଅଞ୍ଚଳ ଦୁର୍ଗମ ଓ ସେଠାକୁ ରାସ୍ତା ନାହିଁ। ସେଠାକୁ ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଯାଇପାରୁ ନାହିଁ । ଏହାର ଅନେକ ଉଦାହରଣ ବାରମ୍ବାର ପୁନରାବୃତ୍ତି ହେଉଛି। ବୈପାରିଗୁଡା ବ୍ଲକ ଚିପାକୁର ପଞ୍ଚାୟତ ଥୁଆରନ୍ଦଲି ଗ୍ରାମର ଗର୍ଭବତୀ ଥିବା କମଳା ଖିଲଙ୍କ ପାଇଁ ରାସ୍ତା ଖରାପ ଯୋଗୁ ଆମ୍ବୁଲାନ୍ସ ଆସିପାରି ନଥିଲା। ଆମ୍ବୁଲାନ୍ସଟି ଗ୍ରାମଠାରୁ ୮ କିମି ଦୂରରେ ରହିଥିଲା । ସମ୍ପର୍କୀୟ ଖଟିଆରେ ଭାରକରି କମଳାଙ୍କୁ ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ। ସେହିପରି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବାନୁଆଗୁଡା ପଞ୍ଚାୟତ ଗମିବେଢା ଗ୍ରାମ ସାନ୍ତା ସାହିର ଗର୍ଭବତୀ ଥିବା ଫୁଲମତିଙ୍କୁ ଖଟିଆରେ ବୋହି ୨ କିମି କାଦୁଅ ରାସ୍ତା ପାର କରିଥିଲେ ପରିବାର ଲୋକେ।

**ବଢୁଛି ଜନନୀ ଯନ୍ତ୍ରଣା**

- ବାଇକ୍ ଆମ୍ବୁଲାନ୍ସ ବ୍ୟବସ୍ଥା ହେଉ
- ଦୁର୍ଗମ ଅଞ୍ଚଳରେ ବଢୁ ମା'ଗୃହ ସଂଖ୍ୟା

କାଦୁଅରେ ଫସିଥିବା ଆମ୍ବୁଲାନ୍ସକୁ ବହୁ କଷ୍ଟରେ ବାହାର କରାଯାଇଥିଲା। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତ ଡୁଟେଲଗୁଡ଼ା ଗ୍ରାମର ଗର୍ଭବତୀ ପାର୍ବତୀ ଖିଲଙ୍କୁ ଷ୍ଟ୍ରେଚରରେ ବୁହାଯାଇ ଆମ୍ବୁଲାନ୍ସ ନିକଟକୁ ଅଣାଯାଇଥିଲା। ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ତେଲାରି ଗ୍ରାମର ଗର୍ଭବତୀ ବଣାଇ ସାନ୍ତାଙ୍କୁ ପରିବାର ଲୋକେ ୩ କିମି ଖଟିଆରେ ବୋହିନେଇଥିଲେ। ଏହା ବ୍ୟତୀତ ଗତ ଗୋଟିଏ ମାସ ଭିତରେ ଅବିଭକ୍ତ କୋରାପୁଟ ଜିଲାରେ ପ୍ରାୟ ୧୦ରୁ ଅଧିକ ଘଟଣା ଦେଖିବାକୁ ମିଳିଛି, ଯେଉଁଠି ଖଟିଆରେ ବୁହାହୋଇ ଡାକ୍ତରଖାନା ଆସିଛନ୍ତି ଗର୍ଭବତୀ, ଗୁରୁତର ରୋଗୀ।

ରାଜ୍ୟରେ ୭୩୩୨ ଗ୍ରାମକୁ ଠିକ ରାସ୍ତା ନ ଥିବାରୁ ସେଠାରୁ ରୋଗୀକୁ ଆଣିବା ପାଇଁ ଆମ୍ବୁଲାନ୍ସ ଯାଇପାରୁ ନାହିଁ ବୋଲି ଗତ ବିଧାନସଭାରେ ଖୋଦ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଥିଲେ । ଏ ପରିସ୍ଥିତିରେ ବାଇକ୍ ଆମ୍ବୁଲାନ୍ସ ପ୍ରଚଳନ ପାଇଁ ଦାବି ହୋଇଛି। ୨୦୧୬ ନଭେମ୍ବରରେ କଳାହାଣ୍ଡି ଜିଲା ପାଇଁ ପ୍ରଥମେ ବାଇକ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁରକୁ ଦିଆଯାଇଥିଲା ୩ଟି ବାଇକ ଆମ୍ବୁଲାନ୍ସ। କଳାହାଣ୍ଡି, ରାୟଗଡ଼ା ଜିଲାରେ ଏହି ବ୍ୟବସ୍ଥା ଆରମ୍ଭ ହୋଇସାରିଥିବା ବେଳେ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଭଳି ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଯେଉଁଠି ଶତାଧିକ ଗ୍ରାମ ଦୁର୍ଗମ ଓ ଅପହଞ୍ଚ ହୋଇ ରହିଛି, ସେଠାରେ ବାଇକ୍ ଆମ୍ବୁଲାନ୍ସର ଆବଶ୍ୟକତା ବେଶୀ ମନେହୁଏ। ଦୁର୍ଗମ ଅଞ୍ଚଳରେ ପର୍ଯ୍ୟାପ୍ତ ସଂଖ୍ୟାରେ ବାଇକ୍ ଆମ୍ବୁଲାନ୍ସ ସହ ମା'ଗୃହ ସଂଖ୍ୟା ମଧ୍ୟ ବୃଦ୍ଧି କରିବା ପାଇଁ ଦାବି କରାଯାଉଛି।

# କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାଜପଥ ଅବରୋଧ

**କୋଟପାଡ,୨୪।୮(ଡି.ଏନ୍.ଏ.)**

 କୋରାପୁଟ ଜିଲା କୋଟପାଡ ଧାମଣାହାଣ୍ଡି ପଞ୍ଚାୟତ ଗାନ୍ଧୀନଗର ନିକଟରେ ଗୁରୁବାର ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଶୁକ୍ରବାର ମୃତକଙ୍କ ପରିବାର ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ମୃତଦେହ ରଖି ଥାନା ଏବଂ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ୩ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ୬୩ ନଂ ଜାତୀୟରାଜପଥ ଅବରୋଧ କରିଥିଲେ । ସତରଙ୍ଗା ପଞ୍ଚାୟତର ଗୋପୀ ମାଝି ଓ ଖପରିଗଡ଼ାର ପଦ୍ମନ ମାଝିଙ୍କ ମୃତଦେହ କୋରାପୁଟ ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା । ମୃତକଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ପକ୍ଷରୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଲେଖାଏଁ ଓ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ପାଇଁ ଦାବି କରାଯାଇଥିଲା। ଦୁର୍ଘଟଣା ଘଟାଇଥିବା କାର ମାଲିକ ଘଟଣାସ୍ଥଳକୁ ନ ଆସିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ହୋ'ହଲ୍ଲା କରି ରାଜପଥକୁ ୨ ଘଣ୍ଟା ଅବରୋଧ କରିଥିଲେ । ଘଟଣାସ୍ଥଳରେ ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ପହଞ୍ଚି ଆଲୋଚନା କରି ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ କାର ମାଲିକଙ୍କ ମଧ୍ୟସ୍ଥ ବ୍ୟକ୍ତିଙ୍କ ଦ୍ୱାରା ୧୦ ହଜାର ଟଙ୍କା ଲେଖାଏଁ ଦେବାକୁ ନିଷ୍ପତ୍ତି ହେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ । ମୃତ ଗୋପୀ ମାଝିଙ୍କ ସାନଭାଇ ତ୍ରିନାଥ ମାଝି , ମା' ଦସାଇ ମାଝି, ମୃତ ପଦ୍ମନ ମାଝିଙ୍କ ଭଉଣୀ ଜୟନ୍ତୀ ମାଝି, ମା' ଡମାଇ ମାଝି ଉଭୟ ଗ୍ରାମବାସୀଙ୍କ ସହାୟତାରେ ରାଜପଥ ଅବରୋଧ କରିଥିଲେ।

**ସଡ଼କ ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟଣା**


ମୃତଦେହ ରଖି ଥାନା ସମ୍ମୁଖ ରାସ୍ତାକୁ ଅବରୋଧ କରାଯାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ନବାଗତ ବିଦ୍ୟାର୍ଥୀଙ୍କୁ ସ୍ୱାଗତ

ପାରଳାଖେମୁଣ୍ଡି, ୨୪।୮(ସ୍ୱ.ପ୍ର.)- ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ରାଜନୀତି ବିଭାଗ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ବିଭାଗୀୟ ମୁଖ୍ୟ ଅଭିମନ୍ୟୁ ଶବର ସଭାପତିତ୍ୱ କରି ନୂତନ ଛାତ୍ରୀଛାତ୍ରଙ୍କୁ ଶିକ୍ଷାରେ ଅଧିକ ମନ ନିବେଶ କରିବାପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ଅତିଥି ଭାବେ ଅଧକ୍ଷ ଡ. ସଞ୍ଜୟ କୁମାର ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ । ବରିଷ୍ଠ ବିଦ୍ୟାର୍ଥୀମାନେ ନିଜ ଅଭିଜ୍ଞତା ବଖାଣି ଥିବାବେଳେ ନୂତନ ବିଦ୍ୟାର୍ଥୀମାନେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗର ବି.ଏନ୍.ଦାସ ଓ ତ୍ରିପତି ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଜେଡିରେ ମିଶିଲେ ୩ କଂଗ୍ରେସ କର୍ମୀ

ପାରଳାଖେମୁଣ୍ଡି, ୨୪।୮(ସ୍ୱ.ପ୍ର.)- ଗଜପତି ଜିଲା ବିଜେଡି କାର୍ଯ୍ୟାଳୟରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କାଶୀନଗର ବ୍ଲକ ଅଲଡା ପଞ୍ଚାୟତର କଂଗ୍ରେସ କର୍ମୀ ତଥା ୱାର୍ଡମେମ୍ବର ମଣ୍ଡେଇ ଗମାଙ୍ଗ, ନିରଞ୍ଜନ ଦୋରା ଓ ଗଙ୍ଗ ଶବର ବିଜେଡିରେ ସାମିଲ ହୋଇଛନ୍ତି। ଏଥିଯୋଗୁ ଜିଲାରେ ଦଳ ଅଧିକ ଶକ୍ତିଶାଳୀ ହୋଇପାରିବ ବୋଲି ପୂର୍ବତନ ବିଧାୟକ କେ. ନାରାୟଣ ରାଓ କହିଛନ୍ତି। କାର୍ଯ୍ୟକ୍ରମରେ କାଶୀନଗର ବ୍ଲକ ଅଧକ୍ଷ ସି.ଏଚ୍. ସିମାଦ୍ରୀ, ଜିଲା ବିଜେଡି ଯୁବ ସଭାପତି ପି. କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ ।

# ଡେଙ୍ଗୁ ସ୍ଥିତି ଅନୁଧ୍ୟାନ କଲେ ଜିଲାପାଳ

**କାଶୀନଗର, ୨୪।୮(ଡି.ଏନ.ଏ)**

ଗଜପତି ଜିଲା କାଶୀନଗର ବ୍ଲକର ଡେଙ୍ଗୁ ପ୍ରଭାବିତ ସିଙ୍ଗିପୁର ଗ୍ରାମକୁ ଶୁକ୍ରବାର ଜିଲାପାଳ ଅନୁପମ ଶାହା ପରିଦର୍ଶନରେ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡେଙ୍ଗୁରେ ପ୍ରାଣ ହରାଇଥିବା ୫ଜଣ ବ୍ୟକ୍ତିଙ୍କ ପରିବାରକୁ ସେ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ମାଣିକ୍ୟ ଚିନ୍ତାଡା, ହରିଶ୍ଚନ୍ଦ୍ର ଚିନ୍ତାଡା, ଚିରଞ୍ଜୀବି ଚିନ୍ତାଡା, ପ୍ରଦୀପ ବୀର ଓ ଲକ୍ଷ୍ମୀ ନାରାୟଣ ଚିନ୍ତାଡାଙ୍କର ଡେଙ୍ଗୁରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ପରିବାରଗୁଡ଼ିକର ସଦସ୍ୟଙ୍କୁ ଜିଲାପାଳ ଶାହା ଭେଟି ସମବେଦନା ଜଣାଇଥିଲେ। ଏଥିସହ ଜିଲା ରେଡକ୍ରସ ପାଣ୍ଠିରୁ ପ୍ରତି ପରିବାରକୁ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ସେହିପରି ନିଜ ଘର ପରିବେଶ ସଫା ରଖିବା, ଗାଁ ପରିମଳ ପ୍ରତି ଧ୍ୟାନ ଦେବା, ଜ୍ୱର ହେଲେ ତୁରନ୍ତ ଡାକ୍ତରଖାନା ଯିବାକୁ ସେ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଗ୍ରାମରେ ସଚେତନତା ସୃଷ୍ଟି ସହ ଆକ୍ରାନ୍ତମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିପିନ ବିହାରୀ ପାଣିଗ୍ରାହୀ, ଜିଲା ମ୍ୟାଲେରିଆ ନିରାକରଣ ଅଧିକାରୀ ଡାକ୍ତର ଛନ୍ଦା କାନୁନଗୋ, କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ପି. ଶ୍ରୀଲେଖା, ବିଡିଓ ସୁଧିର କୁମାର ସିଂ, ସୀତାପୁର ସମିତି ସଭ୍ୟ ଡି. ରାଜେଶ ପ୍ରମୁଖ ଉପସ୍ଥିତ ଥିଲେ।



ଡେଙ୍ଗୁରେ ମୃତକଙ୍କ ପରିବାରକୁ ସହାୟତା ରାଶି ବାବଦ ଚେକ୍ ପ୍ରଦାନ କରାଯାଉଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁହାଳ ସୁତୁରା ଦେଖିଲେ**
**ଗାଈ ହମାଳି ପଶେ ।**

ଯେଉଁଠି ସ୍ନେହ ଆଦର ଭାବ ଭରି ରହିଥାଏ ସେଇଠି ମନ ଅକ୍ଲେଶରେ ବା ଆପଣାଛାଏଁ ବାନ୍ଧି ହୋଇଯାଇଥାଏ। ଆଦର ଯତ୍ନ ପାଇଲେ ଲୋକେ ସେଠାକୁ ପୁଣି ଆସିବାକୁ ମନ ବଳାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁପ୍ତ ଦାନର ଗୁଣ ବେଶୀ,**
**ଗୁପ୍ତ ପାପର ଖୁଣ ବେଶୀ ।**

ଗୁପ୍ତ ଦାନର ପ୍ରତିଫଳରେ ଅଶେଷ ପୁଣ୍ୟ ଅର୍ଜନ ହୋଇଥାଏ। ସେହିପରି ଗୁପ୍ତ ବା ଅବୈଧ ପ୍ରେମ ଯେ କେବଳ ଅନୈତିକ ତାହା ନୁହେଁ, ବରଂ ପାପ କହିଲେ ଭୁଲ୍ ହୋଇ ନ ଥାଏ। ଆଉ ଏପରି ପାପ କାର୍ଯ୍ୟକଳାପର ଅନ୍ତ ସର୍ବଦା କରୁଣ ଓ ଭୟଙ୍କର ହୋଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶିଶୁ ଶ୍ରମିକ ପ୍ରଥା ରୋକିବା ପାଇଁ ସଚେତନତା ଲୋଡ଼ା

**ପାରଳାଖେମୁଣ୍ଡି, ୨୪।୮(ସ୍ୱ.ପ୍ର.)**

ଗଜପତି ଜିଲା ଶ୍ରମ ବିଭାଗ ଓ ଶିଶୁ ଶ୍ରମିକ ବିରୋଧି ଅଭିଯାନ ସହଯୋଗରେ ଶୁକ୍ରବାର ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସଭାଗୃହରେ ଶିଶୁ ଶ୍ରମିକ ମୂଳୋତ୍ପାଟନ ସଂକ୍ରାନ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ପାରଳାଖେମୁଣ୍ଡି ସହରର ବିଭିନ୍ନ ମୋଟର ପରିବହନ, କାଜୁ କାରଖାନା, ଗ୍ୟାରେଜ, ହୋଟେଲ ଓ ଦୋକାନଗୁଡ଼ିକରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଯେଭଳି ଭାବେ ବଢ଼ିଚାଲିଛି ସେନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରିବା ତଥା ବିଭିନ୍ନ ବିପଦପୂର୍ଣ୍ଣ କାର୍ଯ୍ୟରେ ଲଗାଇବା ଏକ ଅପରାଧ ବୋଲି କୁହାଯାଇଥିଲା। ଏ ନେଇ ରହିଥିବା ଦଣ୍ଡବିଧି, ଶ୍ରମ ଆଇନ ବିଷୟରେ ଆଲୋଚନା ହୋଇଥିଲା। ସଚେତନତା ଦ୍ୱାରା ଶିଶୁ ଶ୍ରମିକ ପ୍ରଥା ମୂଳୋତ୍ପାଟନ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ଜିଲାରେ ଏମାନଙ୍କ ସ୍ଥିତି ସମ୍ପର୍କରେ ମଧ ତର୍ଜମା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମାନବାଧିକାର ବିଭାଗ ଡିଏସ୍‌ପି ଗୌତମ ମଲ୍ଲିକ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ପ୍ରଦୀପ କୁମାର ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଚାଇଲ୍ଡଲାଇନ୍ କେନ୍ଦ୍ର ସଂଯୋଜକ ସାଇ ପ୍ରସାଦ ସାମଲ, ପ୍ରଭା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଏ. ଆପ୍ପାରାଓ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶ୍ରମ ଅଧିକାରୀ କେ. ବେଣୁଗୋପାଳ ରାଓ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାଜୁ କାରଖାନା, ପରିବହନ ସଂସ୍ଥାର ମାଲିକମାନେ ଉପସ୍ଥିତ ଥିଲେ।

### ମଧ୍ୟାହ୍ନଭୋଜନ ଅନିୟମିତତା ଘଟଣା

# ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

**ପାରଳାଖେମୁଣ୍ଡି, ୨୪।୮(ସ୍ୱ.ପ୍ର.)**

ଗଜପତି ଜିଲା ରାୟଗଡ ବ୍ଲକ କୁମୁଳାସିଂ ପଞ୍ଚାୟତର ଅବାସିଂ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଅନିୟମିତତା ଘଟଣାରେ ପ୍ରଧାନ ଶିକ୍ଷକ ଅଭିରାମ ଜେନାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ୫ଦିନ ମଧ୍ୟରେ ଏହାର ଜବାବ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୋଟିସର ଉତ୍ତର ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ଅବାସିଂ ସ୍କୁଲରେ ପିଲାଙ୍କୁ ମଧ୍ୟାହ୍ନଭୋଜନରେ ଭାତ ଓ ଚାରୁପାଣି ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ ଆଣିଥିଲେ। ସିଆରସିସି କେ.ମଧୁ ଏହାର ତଦନ୍ତ କରି ଏବିଇଓଙ୍କୁ ରିପୋର୍ଟ ଦେଇଥିଲେ। ଏହାପରେ ବ୍ଲକ ଶିକ୍ଷାଧିକାରୀ ସେଠୀ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଜଣାପଡ଼ିଛି।

# ବିଦ୍ୟୁତ ସମସ୍ୟା ନେଇ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ

**ପାରଳାଖେମୁଣ୍ଡି, ୨୪।୮(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ପୌରପରିଷଦ ଅଧୀନ ୧ନମ୍ବର ୱାର୍ଡର ଶବର ସାହି ବାସିନ୍ଦା ବିଦ୍ୟୁତ ସମସ୍ୟା ନେଇ ଶୁକ୍ରବାର ସ୍ଥାନୀୟ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ଶବର ସାହିର ସମସ୍ତ ବାସିନ୍ଦାଙ୍କୁ ବିଦ୍ୟୁତ ସଂଯୋଗ ଯୋଗାଇ ଦିଆଯାଇ ନାହିଁ। ତୁରନ୍ତ ବିଦ୍ୟୁତ ସଂଯୋଗ ଯୋଗାଇଦେବାକୁ ସାହିବାସିନ୍ଦା ଦାବି କରିଛନ୍ତି। ସେହିପରି ୩ନମ୍ବର ୱାର୍ଡର ନଡିଆ ତୋଟା ସାହିରେ ବାରମ୍ବାର ବିଦ୍ୟୁତ ବିଭ୍ରାଟ ସୃଷ୍ଟି ହେଉଥିବାରୁ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି ହୋଇଛି। ସହରରେ ବାରମ୍ବାର ଅଘୋଷିତ ବିଦ୍ୟୁତକାଟ ସମସ୍ୟାକୁ ଦୂର କରିବାପାଇଁ ମଧ ଦାବି କରାଯାଇଛି । ଏହିସବୁ ଦାବି ବିଷୟରେ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଆଇନଜୀବୀ ପ୍ରଶାନ୍ତ ପ୍ରଧାନ, କେ.ରାମା, ନରେଶ ମହାରାଣା, ଲିଟୁ ହୋତା, ନୀଳାଞ୍ଚଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ନିର୍ବାହୀ ଯନ୍ତ୍ରୀଙ୍କୁ ସାହିବାସିନ୍ଦା ଅଭିଯୋଗ ଜଣାଉଛନ୍ତି ।

# ବସ୍ତିବାସିନ୍ଦାଙ୍କୁ ଘରଡିହ ଯୋଗାଇବା ଦାବିରେ ଧାରଣା

**ପାରଳାଖେମୁଣ୍ଡି, ୨୪।୮(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡି ପୌରାଞ୍ଚଳର ବସ୍ତିବାସିନ୍ଦାଙ୍କୁ ଘରଡିହ ଓ ବେକାର ଯୁବକମାନଙ୍କୁ ଦୋକାନ ଘର ଯୋଗାଇଦେବା ପାଇଁ ସମତା କ୍ରାନ୍ତି ଦଳ ଏବଂ ଭାରତୀୟ କିଷାନ ମଜଦୁର ୟୁନିୟନ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଏହି ଦାବି ନେଇ ପାରଳାଖେମୁଣ୍ଡି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସମତାକ୍ରାନ୍ତି ଏବଂ ଭାରତୀୟ କିଷାନ ମଜଦୁର ୟୁନିୟନ ପକ୍ଷରୁ ମିଳିତ ଭାବେ ଗଣଧାରଣା ଦିଆଯାଇଥିଲା। ସମତା କ୍ରାନ୍ତିର ଜିଲା ସଭାପତି ସୁନୀଲ ପଟ୍ଟନାୟକ ଏବଂ ଭାରତୀୟ କିଷାନ ମଜଦୁର ୟୁନିୟନର ସଭାପତି ଜନ୍ନା ସୁଭାଷ ଚନ୍ଦ୍ର ରାଓଙ୍କ ନେତୃତ୍ୱରେ ବହୁସଂଖ୍ୟକ କର୍ମୀ ଓ ଗରିବ ଘରହୀନ ବସ୍ତିବାସିନ୍ଦା ବିଭିନ୍ନ ସ୍ଲୋଗାନ ଦେଇ ଗଣଧାରଣାରେ ବସିଥିଲେ। ପୌରାଞ୍ଚଳରେ ଗୃହହୀନ ବସ୍ତିବାସିନ୍ଦାଙ୍କୁ ଘର ନିର୍ମାଣ ପାଇଁ ଜାଗା ଯୋଗାଇ ଦିଆଯାଉ, ଧନୀ ଓ ସ୍ୱଚ୍ଛଳ ବେଆଇନ ଦଖଲକାରୀଙ୍କୁ ଉଚ୍ଛେଦ କରାଯାଉ, ସର୍ବଦଳୀୟ କମିଟି ଦ୍ୱାରା ଜାଗା ବଣ୍ଟନ ପ୍ରକ୍ରିୟା ଶେଷ କରାଯାଉ ଏବଂ ଠେଲାଗାଡିରେ ବ୍ୟବସାୟ କରୁଥିବା ଗରିବ ବ୍ୟବସାୟୀଙ୍କୁ ପୌରପରିଷଦ ଦ୍ୱାରା ସ୍ଥାୟୀ ଜାଗା ଦିଆଯାଉ ଇତ୍ୟାଦି ଦାବି ଉପସ୍ଥାପନ କରିଥିଲେ । ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କୁ ୫ଦଫା ସମ୍ବଳିତ ଦାବିପତ୍ର ଦେଇଥିଲେ।




ପୌର କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଛି ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**TARIFF — MORE SPACE • SAME PRICE** (*GST 5% Extra)

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BUSINESS**
ଖାଲିଥିବା ଜମି ଓ ଛାତ ଉପରେ ସରକାରୀ ରେଜିଷ୍ଟରଭୁକ୍ତ କମ୍ପାନୀ Bansal Group ର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 90,000/- ଟଙ୍କା ପାଆନ୍ତୁ + ଜଣକୁ ଚାକିରି ମିଳିବ + Bike
Registration Charges 1250/-
8557970913
7629090472

**FINANCE**
MG Financial Solution
୨ଦିନ ମଧ୍ୟରେ ଦେଉଛି ସମସ୍ତ ପ୍ରକାର ଋଣ ବର୍ଷକୁ ୩ % ସୁଦ୍ଧରେ । ସରକାରୀ ଗ୍ୟାରେଣ୍ଟର ଆବଶ୍ୟକ ନାହିଁ । (ସ୍ୱତନ୍ତ୍ର ସର୍ତ୍ତମୂଳକ ରିହାତି ୩୦% ) ଏଜେଣ୍ଟ ଆମନ୍ତ୍ରିତ । କମିଶନ ଏବଂ ସ୍ଥାୟୀ ଦରମା
09674882781
08826582043
09674882851
mgfinance99@gmail.com

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

**MONEY WIZZ FINANCE**
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

**JAGANNATH FINANCE COMPNAY**
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 1% ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
8860754025
8860754032

**B.N. FINANCE**
ସମସ୍ତ ଜିଲ୍ଲା ପାଇଁ Personal, Business, Property, Certificate, କୃଷି ଓ ପଶୁପାଳନ ପାଇଁ ସମସ୍ତ ପ୍ରକାର ଲୋନ୍ ୫ ଦିନ ମଧ୍ୟରେ ମିଳିବ । 2% ସୁଧ ।
M: 8337957615
7064797490

**Get Instant Cash Against Gold — Gold Cash**
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

**ADMISSION OPEN FOR 2018-20**
B.Ed
CT(D.EL.Ed) & M.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Form fillup Fees, Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

**FINANCE**
PEHEL ଫାଇନାନ୍ସ କମ୍ପାନୀ
ସରକାରୀ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।ଏଜେଣ୍ଟ ଆମନ୍ତ୍ରିତ
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
7347695603
8941029381

**SRI RAM FINANCE LTD.**
Regd No. 12AP2K3697 (I.S.O.)
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ପାଆନ୍ତୁ ୨ ରୁ ୩ ଦିନରେ । ସୁଦ୍ଧ ୨% ରିହାତି ୩୦% ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ରିହାତି ।
Help Line No.
8658665629
7894259095
finance0102018@gmail.com

**Kuber Finance**
(ଭାରତ ସରକାର) ରେଜିଷ୍ଟର୍ଡ କମ୍ପାନୀ 1980ରୁ ଆପଣଙ୍କ ସେବାରେ।
Regd. No. - ODI49/3468
କରୁଛି ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ମାତ୍ର 12 ଘଣ୍ଟାରେ। 1% ସୁଧ, 50% ଛାଡ଼। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ -
7496011718
7496016879

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**CAPITAL FIRST FINANCE LIMITED**
Regd No.- U6519TNI98PLC008555
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଏବଂ ସବୁ ପ୍ରକାରର ଋଣ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ। 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number:
7689937202

**Odisha Finance**
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number:
7302107165
odishafinance55@gmail.com

**GET INSTANT CASH AGAINST GOLD**
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ। ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

9911436726, 8750311430

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**FINANCE**
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ଆଗେ କାମ, ପରେ ଦାମ୍।
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ, ସମସ୍ତ ଋଣ 2% ସୁଧ 40% ରିହାତି ଘରେ ବସି ପାଆନ୍ତୁ।
**OM FINANCE**
9557124359
7895699233

**BUSINESS**
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

**SMS JOB**
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/-ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

**BANAJ FINANCE GROUP LTD.**
ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ । ଗ୍ରୁପ୍ ଋଣ, ଆଧାର କାର୍ଡ ଋଣ, ଗୃହ ଋଣ, ଗାଡ଼ି ଋଣ, କୃଷି ଋଣ, ବ୍ୟବସାୟ ଋଣ, ପ୍ରପର୍ଟି ଋଣ, ଏବଂ ଅନ୍ୟାନ୍ୟ ଋଣ ୧% ସୁଧ, ୩୫% ସବ୍‌ସିଡି ।
କଲ୍ କରନ୍ତୁ SAMIR MONAL
07363008993
07363008928

## ସଂକ୍ଷେପରେ

### ଯବାନ୍‌ଙ୍କ ହାତରେ ରାଖୀ ବାନ୍ଧିଲେ ଛାତ୍ରୀଛାତ୍ର




**ରାୟଗଡା ଅଫିସ୍, ୨୪।୮:** ଏଠାରେ କାର୍ଯ୍ୟରତ ବିଏସ୍‌ଏଫ୍ ଯବାନ୍‌ମାନଙ୍କ ହାତରେ ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ରାଖି ବାନ୍ଧିଛନ୍ତି । ୨୦୦ ଯବାନ୍‌ଙ୍କ ନିମନ୍ତେ ଛାତ୍ରୀଛାତ୍ରଙ୍କ ତରଫରୁ ରାଖି ପ୍ରସ୍ତୁତ କରାଯାଇଥିଲା । ୧୪୯ ବାଟାଲିୟନ୍‌ର କମାଣ୍ଡାଣ୍ଟ ଶିବାନନ୍ଦ ଯାଦବଙ୍କ ସମେତ ଅନ୍ୟ ଯବାନ୍‌ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

### କେରଳ ବନ୍ୟାବିପନ୍ନଙ୍କ ଲାଗି ଅର୍ଥ ସଂଗ୍ରହ




**ପଦ୍ମପୁର,୨୪।୮(ଡି.ଏନ୍.ଏ.):** ରାୟଗଡା ଜିଲା ପଦ୍ମପୁର ସହରରେ ସିପିଆଇ ଏମ୍‌ଏଲ୍(ଲିବରେଶନ) ତରଫରୁ କେରଳ ବନ୍ୟାବିପନ୍ନଙ୍କ ଲାଗି ଅର୍ଥ ସଂଗ୍ରହ କରାଯାଇଛି । ଏଥିରେ ଲିବରେଶନର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ବୃନ୍ଦାବନ ବିଡିକା, ଲକ୍ଷ୍ମୀକାନ୍ତ ମାଝି, ସୀମାଞ୍ଚଳ ସେଠୀ ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତା ମୁଖ୍ୟ ବଜାରରେ ଅର୍ଥ ସଂଗ୍ରହ କରିଥିଲେ । ଏହାକୁ କେରଳ ପଠାଇବେ ବୋଲି କହିଛନ୍ତି ।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**କୋଲନରା, ୨୪।୮(ଡି.ଏନ୍.ଏ):** ଅଜଣା ଗାଡି ଧକ୍କାରେ ଗୁରୁବାର ଜଣଙ୍କ ମୃତ୍ୟୁ ଘଟିଛି । ମୃତଜଣକ ହେଲେ କୋଲନରା ବ୍ଲକ୍ ଡୁମୁରୀଗୁଡା ପଞ୍ଚାୟତ ଗୁଜଲପାଡୁ ଗ୍ରାମର ଭାଗୀରଥି ମହାନନ୍ଦିଆ(୫୩) । ଭାଗୀରଥି ସନ୍ଧ୍ୟା ୭ଟା ସମୟରେ ଡିପି କ୍ୟାମ୍ପ ମାର୍କେଟରୁ ପରିବା କିଣି ଘରକୁ ଫେରୁଥିବା ବେଳେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ରାୟଗଡା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ରାଜସ୍ୱ ନିରୀକ୍ଷକ ଆଦିତ୍ୟ କୁମାର ପଟ୍ଟନାୟକ ତଦନ୍ତ କରି ତହସିଲଦାରଙ୍କ ପକ୍ଷରୁ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି ।

### ଗ୍ରାମବାସୀଙ୍କ ଦ୍ୱାରା ୧୧ ଫୁଟର ଅଜଗର ଉଦ୍ଧାର



**ମୁନିଗୁଡ଼ା,୨୪।୮(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ପୋଡ଼ିମସ୍କା ଗ୍ରାମବାସୀ ଶୁକ୍ରବାର ଧାନବିଲରୁ ଏକ ଅଜଗର ସାପ ଉଦ୍ଧାର କରିଛନ୍ତି । ଏହାର ଲମ୍ବ ୧୧ ଫୁଟ । ଖବରପାଇ ବନପାଳ ହରିଶ୍ଚନ୍ଦ୍ର ମାର୍ଥାଙ୍କ ସମେତ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରି ନିକଟସ୍ଥ ଦେଓକୁପୁଲି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଛନ୍ତି । ସ୍ଥାନୀୟ ଲୋକେ ସକାଳେ ଧାନ ରୋଇବାକୁ ଯାଉଥିବା ବେଳେ ଜମି ହିଡ଼ମୂଳେ ଅଜଗରଟି ଶୋଇଥିବା ଦେଖି ଉଦ୍ଧାର କରିଥିଲେ ।

### ଜୁଆ ଆଡ୍ଡାରେ ଚଢାଉ,୭ ଗିରଫ

**ଗୁଣପୁର,୨୪।୮(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ଗୁଣପୁର ସହରର ବିକ୍ରମପୁରରେ ଚାଲିଥିବା ଜୁଆ ଆଡ୍ଡାରେ ଶୁକ୍ରବାର ରାତିରେ ପୋଲିସ ଚଢାଉ କରିଛି । ଏଠାରୁ ୭ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ୨ ହଜାର ୪୯୦ ଟଙ୍କା ଜବତ କରାଯାଇଛି ।

# ଗୁହାଳରେ ଦିନ କାଟୁଛନ୍ତି ୩୦ ପରିବାର

**ରାୟଗଡା ଅଫିସ୍, ୨୪।୮**

ପ୍ରକୃତିର ଦୁର୍ବିପାକ ଆଗରେ ମୁଣ୍ଡ ନୁଆଁଇ ନିରାଶ୍ରୟ ପାଲଟିଛନ୍ତି ୩୦ ପରିବାର । ଏକ ମାସ ହେବ ଗୁହାଳରେ ବିତୁଛି ସେମାନଙ୍କ ଜୀବନ । ଆଦିବାସୀଙ୍କ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ସେସବୁ ଏହି ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି , ଯଦ୍ୱାରା ଗୋରୁଶାଳରେ ଆଶ୍ରୟ ନେଇ ଭାଗ୍ୟକୁ ଆଦରି ବଞ୍ଚି ରହିଛନ୍ତି ୩୦ ପରିବାର । ଏହିଭଳି ଦୁଃଖଦ ଚିତ୍ର ଦେଖିବାକୁ ମିଳିଛି ରାୟଗଡା ବ୍ଲକ୍ ଡାଙ୍ଗଯୋଡି ପଞ୍ଚାୟତ ଖିଞ୍ଜିଲିଙ୍ଗ ଗ୍ରାମରେ । ଗରିବ ଆଦିବାସୀ ଲୋକଙ୍କ ଦୁର୍ଦ୍ଦଶା ପ୍ରଶାସନର ନଜରକୁ ଆସୁନାହିଁ ।

ଗତ ଜୁଲାଇରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା । ଏଥିରେ ଖିଞ୍ଜିଲିଙ୍ଗ ଗ୍ରାମର ୩୦ ଆଦିବାସୀ ପରିବାରର ଘର ଛପର ଉଡିଗଲା । ପରେ ଲଗାଣ ବର୍ଷାରେ ଭିଜି ରହିଥିବା କାନ୍ଥ ମଧ୍ୟ ଭୁଶୁଡ଼ିଗଲା । ସେହିଦିନଠାରୁ ଗ୍ରାମର କୁପୁନେ କଣ୍ଡାଗରି, ସଦାରାମ ହିମିରିକା, ଦୁନେଇ କଣ୍ଡାଗରି, ମହାନ୍ତି କଣ୍ଡାଗରି, ରାଗୁନୁ ହିମିରିକା, ପେଣ୍ଟା ହିମିରିକା, ସଦେ କଣ୍ଡାଗରି, କାମରାଜୁ କାଡ୍ରାକା, କୃଷ୍ଣଚନ୍ଦ୍ର ହିମିରିକା, କେପା କାଡ୍ରାକା, ତୁଳସୀ କଣ୍ଡାଗରି, ପ୍ରେମାନନ୍ଦ କଣ୍ଡାଗରି, ଗୁଞ୍ଜରା କଣ୍ଡାଗରି, ଦ୍ୟୁମ୍ନନାଥ କଣ୍ଡାଗରି, ପଲିଗା କଣ୍ଡାଗରି, ସାରଥି ହିମିରିକା, ପାଇକ କଣ୍ଡାଗରି, ପାଲେ ମାଣ୍ଡାଙ୍ଗୀ, ଲିମ୍ବ କଣ୍ଡାଗରି, ସରସ୍ୱତୀ କଣ୍ଡାଗରି, ସାଲମେ କଣ୍ଡାଗରି, ପାଗୁ କଣ୍ଡାଗରି, ଲିଙ୍ଗରାଜ କଣ୍ଡାଗରି, ପୂର୍ଣ୍ଣ କଣ୍ଡାଗରି, କିଷ୍ଟା କଣ୍ଡାଗିରି, ସନା ମାଣ୍ଡାଙ୍ଗୀ ଓ ପଲିଗା କଣ୍ଡାଗରି ଗୁହାଳରେ ମୁଣ୍ଡ ଗୁଞ୍ଜିଛନ୍ତି । ଦିନ ମଜୁରି କରି ଜୀବନ ବିତାଉଥିବା ଏହି ଆଦିବାସୀ ଶ୍ରେଣୀର ଲୋକେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଡମ୍ବନାର ବିଷୟ ଘଟଣା ଘଟିବାର ୧୫ଦିନ ପର୍ଯ୍ୟନ୍ତ କୌଣସି ସରକାରୀ ଅଧିକାରୀ ଗାଁକୁ ଅନୁଧ୍ୟାନ ପାଇଁ ଆସି ନ ଥିଲେ । ପରେ ଗ୍ରାମର କେତେ ଜଣ ଯୁବକ ରାୟଗଡା ଆସି ବିଡିଓଙ୍କଠାରୁ ଆରମ୍ଭ କରି ତହସିଲଦାର ପର୍ଯ୍ୟନ୍ତ ସମସ୍ତଙ୍କୁ ଏନେଇ ଅବଗତ କରାଇଥିଲେ । ସେମାନଙ୍କ ଦୁର୍ଦ୍ଦଶା ଜଣାଇବା ସହ ଗତ ୬ ତାରିଖରେ ଲିଖିତ ଭାବେ ଜଣାଇଥିଲେ । କିନ୍ତୁ ଅଦ୍ୟାବଧି ଅନୁଧ୍ୟାନ ପାଇଁ କୌଣସି ଅଧିକାରୀଙ୍କ ଗାଁରେ ପାଦ ପଡ଼ିନି । କେତେଥର କହିଲେ ଅନୁଧ୍ୟାନ ପାଇଁ ଆସିବେ ବୋଲି ୱାର୍ଡସଭ୍ୟ ଅଜିତ ମାଣ୍ଡାଙ୍ଗୀ କହିଛନ୍ତି । ତେବେ ବିଡମ୍ବନାର କଥା, ଏହି ଗାଁରେ ଜଣେ ମଧ୍ୟ ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ ହୋଇନାହାନ୍ତି । ସମସ୍ତ କଚ୍ଚାଘରକୁ ପକ୍କା କରିବା ପାଇଁ ସରକାର ବଦ୍ଧ ପରିକର ଥିବା ଡିଣ୍ଡିମ ପିଟୁଛନ୍ତି । ହେଲେ କେଉଁ କାରଣରୁ ୭୪ ପରିବାର ବସବାସ କରୁଥିବା ଖିଞ୍ଜିଲିଙ୍ଗ ଗ୍ରାମର ଜଣେ ମଧ୍ୟ ଲୋକଙ୍କୁ ସାମିଲ୍ କରାଯାଇନାହିଁ ତାହାର ଉତ୍ତର ମିଳୁନାହିଁ । ପ୍ରଶାସନିକ ଅବହେଳା ଓ ବ୍ଲକ୍ କର୍ତ୍ତୃପକ୍ଷଙ୍କ ଅପାରଗତା କାରଣରୁ ଦୁର୍ଦ୍ଦଶା ମୁଣ୍ଡାଇଛନ୍ତି ଗରିବ ଗ୍ରାମବାସୀ । ଏନେଇ ବିଡିଓ ରାଜେନ୍ଦ୍ର ମାଝିଙ୍କୁ ପଚାରିବାରୁ, ପୂର୍ବରୁ ଘଟଣା ନେଇ ମୁଁ ଅବଗତ ନ ଥିଲି । ତହସିଲ କର୍ତ୍ତୃପକ୍ଷଙ୍କୁ କହି ସେମାନଙ୍କୁ ପଲିଥିନ ପ୍ରଦାନର ବ୍ୟବସ୍ଥା କରିବି । ସେହିଭଳି ଅଗ୍ରାଧିକାର ତାଲିକା ଯାଞ୍ଚ କରିବା ସହ ଆବାସ ପାଇଁ କିଏ କିଏ ଆବେଦନ କରିଛନ୍ତି ତାହା ଅନୁଧ୍ୟାନ କରାଯିବ । ଏହାପରେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ୍ କରି ଗୃହ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।



ଖିଞ୍ଜିଲିଙ୍ଗ ଗ୍ରାମରେ ଭାଙ୍ଗିଯାଇଥିବା ଏକ ଘର ।

**ଖିଞ୍ଜିଲିଙ୍ଗ ଗ୍ରାମ**
- ଆଡ଼ ଆଖିରେ ଚାହୁଁନି ପ୍ରଶାସନ
- ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ
- କେହି ପାଇନାହାନ୍ତି ଇନ୍ଦିରା ଆବାସ

# ଟୁରିଗଡ଼ା ପଞ୍ଚାୟତ ରାସ୍ତା ଶୋଚନୀୟ

**ଚନ୍ଦ୍ରପୁର, ୨୪।୮ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଟୁରିଗୁଡା ପଞ୍ଚାୟତ ରାସ୍ତା ଶୋଚନୀୟ ହୋଇପଡ଼ିଛି । ଲଗାଣ ବର୍ଷା ଯୋଗୁ ରାସ୍ତା ଅଧିକ ଖରାପ ହୋଇଯାଇଛି । ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତ ଦେଇ ଭାୟା ବାଙ୍ଗୋରଡା ଦେଇ ଟୁରୀଗୁଡା ପଞ୍ଚାୟତକୁ ଲୋକେ ଦୈନନ୍ଦିନ ଯିବା ଆସିବା କରିଥାନ୍ତି । ସମସ୍ତ ପଞ୍ଚାୟତବାସୀ, ସ୍ୱାସ୍ଥ୍ୟସେବା, ବ୍ୟାଙ୍କ ସେବା, ହାଟବଜାର ପାଇଁ ଡାଙ୍ଗସୋରଡା ଉପରେ ନିର୍ଭର କରିଥାନ୍ତି । ସେହିପରି ଟୁରୀଗୁଡାଠାରୁ ଭାୟା କୁତ୍ରାଗଡ ଦେଇ ସ୍ଥାନୀୟ ମୁଖ୍ୟ ବାଣିଜ୍ୟ କେନ୍ଦ୍ର ମୁନିଗୁଡାକୁ ଦୈନନ୍ଦିନ ଶହ ଶହ ଲୋକ ଯିବା ଆସିବା କରିଥାନ୍ତି । ଅତ୍ୟଧିକ ବର୍ଷା ଯୋଗୁ ବର୍ତ୍ତମାନ କୁତ୍ରାଗଡ ନିକଟସ୍ଥ ମାଙ୍କଡଝୋଲା ରାସ୍ତା କାଦୁଅ ହୋଇଯାଇଛି । ଏହି ରାସ୍ତାରେ ଲୋକେ ସାଇକେଲ ତ ଦୂରର କଥା ଚାଲି ଚାଲି ମଧ ଯାଇପାରୁ ନାହାନ୍ତି ବୋଲି ପଞ୍ଚାୟତର ଅବସରପ୍ରାପ୍ତ ସାମରିକ ବିଭାଗର କର୍ମଚାରୀ ହରିଶ୍ଚନ୍ଦ୍ର ଉଲାକା, ପୂର୍ବତନ ସରପଞ୍ଚ ସୁନିତା ମୁଣ୍ଡିକା, ମହେଶ୍ୱର ରେଟା, କିଶୋର କାଦାମ୍ବଲୁ ପ୍ରମୁଖ ଅଭିଯୋଗ କରିଛନ୍ତି । ଏଥିସହ ଗତ ଜୁଲାଇ ୧୪ ତାରିଖ ଭୀଷଣ ବର୍ଷା ଯୋଗୁ ଟୁରୀଗୁଡା ପଞ୍ଚାୟତର ମାଡୁ ଗ୍ରାମ ନିକଟ ନାଳରେ ପୋଲ ସମ୍ପୂର୍ଣ୍ଣ ଧୋଇ ହୋଇଯାଇଛି । ହେଲେ ଅଦ୍ୟାବଧି ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ବହୁ ଗ୍ରାମବାସୀ ହଇରାଣ ହେଉଛନ୍ତି ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗଗେରେଙ୍ଗାଙ୍କ ସମେତ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଜିଲା ପ୍ରଶାସନ ଦୃଷ୍ଟିଦେଇ ଅତିଶୀଘ୍ର ପଦକ୍ଷେପ ନେବା ପାଇଁ ଦାବି ହେଉଛି ।



ଟୁରିଗୁଡ଼ାକୁ ସଂଯୋଗ କରୁଥିବା ମାଙ୍କଡ଼ଝୋଲା ରାସ୍ତା ।

■ ଜେକେ କାଗଜକଳରେ ଶ୍ରମିକ ଅଶାନ୍ତି

# ଧାରଣା ଦେଲା ଠିକା ଶ୍ରମିକ ସଂଘ



ଶ୍ରମିକମାନେ ଧାରଣାରେ ବସିଛନ୍ତି ।

**ଜେକେପୁର/ରାୟଗଡା ଅଫିସ୍, ୨୪।୮(ଡି.ଏନ୍.ଏ)**

ଜେକେପୁରସ୍ଥିତ ଜେକେ କାଗଜକଳରେ ଦୀର୍ଘ ଦିନ ହେଲା ଶ୍ରମିକ ଅଶାନ୍ତି ଲାଗି ରହିଛି । ଏହାକୁ ସମାଧାନ ନେଇ ଗତ ଗୁରୁବାର ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ହେଲେ ଏହା ବିଫଳ ହେବାରୁ ଶୁକ୍ରବାର ଶ୍ରମିକମାନେ ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି । ୧୪ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ଧର୍ମଘଟ ଜାରି ରହିବ ବୋଲି ଶ୍ରମିକ ନେତା ତଥା ସିଟୁ ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତ, ଜିଲା ସଭାପତି ହରେନ୍ଦ୍ରନାଥ ଚନ୍ଦନା, ଶ୍ରମିକ ନେତା ସୁନୀଲ କରଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି । କମ୍ପାନୀ ସମ୍ମୁଖରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଧର୍ମଘଟ ଚଳାଇଥିବା ଠିକା ଶ୍ରମିକ ସଂଘ ବେଆଇନ୍ ସଙ୍ଗଠନ । ଏନେଇ ଏକ ସିଭିଲ ସୁଟ୍ କେସ ଅଦାଲତରେ ବିଚାରାଧୀନ ରହିଛି । ତେଣୁ ପ୍ରଶାସନ ପକ୍ଷରୁ ଡକାଯାଇଥିବା ସମସ୍ତ ତ୍ରିପାକ୍ଷିକ ବୈଠକରେ କୌଣସି ଦାବିକୁ କମ୍ପାନୀ ପୂରଣ କରିବା ପାଇଁ ମନା କରି ଦେଇଛି । ଅଦାଲତର ରାୟ ପ୍ରକାଶ ପାଇବା ପରେ ଦାବିଗୁଡିକ ଉପରେ ବିଚାରବିମର୍ଶ କରାଯିବ ବୋଲି ଜେକେ କମ୍ପାନୀର ଲୋକ ସମ୍ପର୍କ ବିଭାଗର ବରିଷ୍ଠ ପରିଚାଳକ କିରଣ କୁମାର ନାଏକ ପ୍ରକାଶ କରିଛନ୍ତି । ପ୍ରକାଶଥାଉକି, ଉକ୍ତ କାରଖାନାରେ ଦୀର୍ଘ ୪ମାସ ହେଲାଣି ଶ୍ରମିକ ଅଶାନ୍ତି ଦେଖାଦେଇଛି । ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ତରଫରୁ ଶ୍ରମିକ ସଙ୍ଗଠନର ବିଭିନ୍ନ ଦାବିକୁ ନେଇ ବାରମ୍ବାର ଆଲୋଚନା ହୋଇଥିଲେ ମଧ କୌଣସି ନିଷ୍କର୍ଷ ବାହାରି ପାରିନାହିଁ । ଅଣକୁଶଳୀ ଶ୍ରମିକଙ୍କ ପାଇଁ ଦିନକୁ ୬୯୨ଟଙ୍କା ହିସାବରେ ମାସିକ ୧୮ହଜାର ଟଙ୍କା ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା, ଶ୍ରମିକଙ୍କୁ ଇଏସ୍‌ଆଇ, ଇପିଏଫ୍ ଅନ୍ତର୍ଭୁକ୍ତ କରାଯିବା, ଶ୍ରମିକଙ୍କ ସୁରକ୍ଷା ପାଇଁ ସମସ୍ତ ସୁରକ୍ଷା ଆଇନ୍‌କୁ କାର୍ଯ୍ୟକାରୀ କରିବା, ମହିଳା ଓ ପୁରୁଷ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ କକ୍ଷ, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଠିକା ଶ୍ରମିକଙ୍କ ପିଲାଙ୍କୁ ସ୍ଥାୟୀ ନିଯୁକ୍ତି, ଶ୍ରମିକଙ୍କୁ ୨୦ପ୍ରତିଶତ ବୋନସ ଦେବା,ଆଦି ଦାବି କରାଯାଇଛି ।

# ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

**ରାୟଗଡ଼ା ଅଫିସ୍, ୨୪।୮**

ରାୟଗଡ଼ା ଗାୟତ୍ରୀନଗରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୨ଦିନିଆ ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ଡି.ଶଶିଧରନ୍ ବଲାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଜ୍ଞାନ ବିଜ୍ଞାନ ମେଳାରେ ୫ଟି ବିଦ୍ୟାଳୟର ୩୦୦ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୫୦ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା । ଏଥିସହ ବିଜ୍ଞାନ ପ୍ରଶ୍ନମଞ୍ଚ, ଗଣିତ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ ଓ ପତ୍ରବାଚନ ଆଦି ଏହି ମେଳାରେ ଆକର୍ଷଣ ଥିଲା । ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦୟାନନ୍ଦ ପଣ୍ଡା, ସଂକୁଳ ପ୍ରମୁଖ ଚନ୍ଦ୍ରଶେଖର ନାୟକ ଯୋଗ ଦେଇଥିଲେ । ସଙ୍କୁଳ ସଂଯୋଜକ ତଥା ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ସମ୍ପାଦକ ସୁନୀଲ ପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟ ଓ କଲେଜରୁ ୧୫ ଜଣ ବିଜ୍ଞାନ ଶିକ୍ଷକ ବିଚାରକ ଭାବେ ଯୋଗ ଦେଇଥିଲେ । ଶ୍ରେଷ୍ଠ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା ।

■ ଗୋଟିଏ ପଦବୀ ପାଇଁ ଦୁଇ କର୍ମଚାରୀ

# ଜିଲାପାଳଙ୍କ ସ୍ପଷ୍ଟୀକରଣ ଲୋଡ଼ିଲେ ଉପଜିଲାପାଳ

**ଗୁଣପୁର,୨୪।୮(ଡି.ଏନ.ଏ)**

ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୋଟିଏ ବରିଷ୍ଠ କିରାଣି ପଦବୀ ପାଇଁ ଦୁଇ କର୍ମଚାରୀ । ଫଳରେ ଏହା ଉପଜିଲାପାଳଙ୍କ ପାଇଁ ସମସ୍ୟା ଉପୁଜିଛି । କାହାକୁ ରଖିବେ କାହାକୁ ଛାଡିବେ ତାହାକୁ ନେଇ ଉଠିଛି ଦ୍ୱନ୍ଦ୍ୱ । ଯାହା ପ୍ରଶାସନ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି । ଉପଜିଲାପାଳ ଏହାର ନିଷ୍ପତ୍ତି ନେଇ ପାରୁନାହାନ୍ତି । ଶେଷରେ ଉପଜିଲାପାଳ ଅମ୍ରିତ ଋତୁରାଜ ବାଧ୍ୟ ହୋଇ ଜିଲାପାଳଙ୍କ ସ୍ପଷ୍ଟୀକରଣ ଲୋଡିଛନ୍ତି । ଏହା କର୍ମଚାରୀ ମହଲରେ ଖୁବ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନାଯୋଗ୍ୟ, ଗତ ଜୁଲାଇ ୩୧ ତାରିଖରେ ଜିଲାର ୧୭ ଜଣ ବରିଷ୍ଠ କିରାଣିଙ୍କ ବଦଳି କରାଯାଇଥିଲା । ପଦ୍ମପୁର ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣି ରାମକୃଷ୍ଣ ପାଢୀ ଏବଂ ରାମନାଗୁଡା ବ୍ଲକର ମୁଖ୍ୟକିରାଣି ଗୀତାଞ୍ଜଳି ଗମାଙ୍ଗଙ୍କୁ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା । ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗୋଟିଏ ବରିଷ୍ଠ କିରାଣି ପଦବୀ ଖାଲି ରହିଥିବାବେଳେ ଅନ୍ୟ ଜଣେ ବରିଷ୍ଠ କିରାଣି ଗୋପୀନାଥ ରାଉତଙ୍କୁ ଚନ୍ଦ୍ରପୁର ବ୍ଲକକୁ ବଦଳି ହୋଇଥିଲା । ଏହିକ୍ରମରେ ଖାଲି ଥିବା ପଦବୀରେ ରାମକୃଷ୍ଣ ପାଢୀ କାର୍ଯ୍ୟରେ ଯୋଗ ଦେଇଥିଲେ । ହେଲେ ବର୍ତ୍ତମାନ ଗୋପୀନାଥ ରାଉତଙ୍କ ପଦବୀକୁ ନେଇ ଦେଖାଦେଇଛି ବିବାଦ । ଗୋପୀନାଥଙ୍କ ବଦଳି ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ସେ ରିଲିଭ ହୋଇନାହାନ୍ତି । ସେ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଛନ୍ତି । ଟ୍ରିବ୍ୟୁନାଲ ୨ ମାସ ମଧ୍ୟରେ ତାଙ୍କ ମାମଲାରେ ବିଚାର କରିବା ପାଇଁ ଅଗଷ୍ଟ ୩ ତାରିଖରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏପରିସ୍ଥିତିରେ ଗୀତାଞ୍ଜଳି ଗତ ୧୫ ତାରିଖର ଜଏନିଂ ରିପୋର୍ଟ ଦେଇଛନ୍ତି । ବର୍ତ୍ତମାନ ଗୋଟିଏ ପଦବୀ ପାଇଁ ଦୁଇ ଜଣ କର୍ମଚାରୀ ରହିଛନ୍ତି । ଏହା ଅମଲା ସଂଘରେ ଆଲୋଚନାର ବିଷୟ ହୋଇଛି । ଗୋପୀନାଥ ରାମନାଗୁଡା ବ୍ଲକ ସିଡିପିଓ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ଭିଜିଲାନ୍ସ ହାତରେ ଧରା ପଡି ନିଲମ୍ବନ ହୋଇଥିଲେ । ନିଲମ୍ବନ ପ୍ରତ୍ୟାହାର ହେବା ପରେ ଗତ ଦୁଇ ବର୍ଷ ତଳେ ସେ ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିଲେ । ଦୁଇ ବର୍ଷ ହେବ ସେ ଏଠାରେ ଯୋଗଦାନ କରିଥିବା ଏବଂ ତାଙ୍କର ବଦଳି ନିୟମ ବିରୋଧ ଦର୍ଶାଇ ଗୋପୀନାଥ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ଜିଲାପାଳ କଣ ପରାମର୍ଶ ଦେଉଛନ୍ତି ଏବଂ ଉପଜିଲାପାଳ କି ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଏବେ ଦେଖିବାକୁ ବାକି ରହିଲା ।

# ପୁରସ୍କାର ବିତରଣ ଉତ୍ସବ

**ପଦ୍ମପୁର,୨୪।୮(ଡି.ଏନ୍.ଏ.)**

ରାୟଗଡା ଜିଲାର ପଦ୍ମପୁରଠାରେ ଥିବା ଆଇଡିଏଲ୍ ପବ୍ଲିକ୍ ସ୍କୁଲରେ ଇଣ୍ଡିଆନ୍ ଟାଲେଣ୍ଟ ପରୀକ୍ଷାର ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ ଏସ୍‌ଏମ୍‌ସି ସମ୍ପାଦକ ରାଜୀବ ରଞ୍ଜନ ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଇଣ୍ଡିୟାନ ଟାଲେଣ୍ଟ ପରୀକ୍ଷାରେ ଛାତ୍ରୀଛାତ୍ର କିଭଳି ଉପକୃତ ହୋଇପାରୁଛନ୍ତି ତା'ଉପରେ ବୁଝାଇଥିଲେ । ଏହି ପରୀକ୍ଷାରେ ସ୍କୁଲର ୫୫ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଏଥିମଧ୍ୟରୁ ପ୍ରତିମା ସାବତ, ଅଖିଳା ସାହୁ, ପଙ୍କାସିନୀ ପଣ୍ଡା ପ୍ରମୁଖ ରାଜ୍ୟସ୍ତରୀୟ ପାଇଁ ମନୋନୀତ ହୋଇ ପୁରସ୍କୃତ ହୋଇଥିଲେ । ଏମାନଙ୍କୁ ଗୋଲ୍ଡ ମେଡାଲ ସହିତ ନଗଦ ୭ଶହ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏଥିରେ ଶିକ୍ଷକ ପି. ଶିବାଜୀ, ଜ୍ୟୋତି ସାହୁ, ଶିବାନୀ ବାଉରୀ, ସାଧନ ନାୟକ, ପି. ଶ୍ରୀଦେବୀ ପ୍ରମୁଖ ସହଯୋଗ କରିଥିଲେ ।



ଅତିଥିଙ୍କ ଗ୍ରହଣରେ କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ ।

# ଅପହଞ୍ଚ ଇଲାକା ଘୁମୁଣ୍ଡିମାଣ୍ଡି

**ଟିକିରି,୨୪।୮(ଡି.ଏନ୍.ଏ.)**

ଶିକ୍ଷା ନାହିଁ । ଭଲ ରାସ୍ତାରେ ପାଦ ପଡ଼ିନି । ଦୂଷିତ ପାଣିରେ ଜୀବନ ବିତୁଛି । ସରକାରଙ୍କ ସମସ୍ତ ଯୋଜନା ତାଙ୍କ ପାଇଁ ସାତ ସପନ । ଏଭଳି ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଜିଉଁଛନ୍ତି କାଶୀପୁର ବ୍ଲକ ଘୁମୁଣ୍ଡିମାଣ୍ଡି ଗ୍ରାମବାସୀ । ଡଙ୍ଗାସିଲ ପଞ୍ଚାୟତ ସଦରଠାରୁ ପ୍ରାୟ ୨୧ କି.ମି. ଦୂରରେ ଅବସ୍ଥିତ ଏହି ଗ୍ରାମ । ଗୁମୁଣ୍ଡି ଗ୍ରାମର ବଡ଼ସାହି ଓ ସାନସାହିରେ ମୋଟ ୪୦ ପରିବାର ବସବାସ କରୁଛନ୍ତି । ଏଠାରେ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ରହିଛି ସତ । ହେଲେ ଏହା ନାମକୁ ମାତ୍ର । ସ୍କୁଲ ଘର ୫ ବର୍ଷ ହେଲାଣି ଭାଙ୍ଗିରୁଜି ମାଟିରେ ମିଶିଯାଇଛି । କିନ୍ତୁ ବିଭାଗ ପକ୍ଷରୁ ସ୍କୁଲ ଗୃହ ନିର୍ମାଣ କରାଯାଇନାହି । କିଛି ମାସ ତଳେ ଏକ ରୋଷେଇ ଘର ତିଆରି ହୋଇଛି । ସ୍କୁଲ ଗୃହ ନ ଥିବାରୁ ଏଠାରେ ନିଯୁକ୍ତ ହୋଇଥିବା ୨ଜଣ ଶିକ୍ଷକ କେବେ ଆସନ୍ତି ନାହିଁ । ଯାହାଫଳରେ ପିଲାମାନେ ପାଠ ନ ପଢି ଖେଳକୁଦ ଓ ଗୋରୁ ଚରାଇବାରେ ଦିନ କଟୁଛି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ସେହିପରି ଗାଁକୁ ରାସ୍ତାଟିଏ ନାହିଁ । ଯାହା ଅଛି ତାହା ପାହାଡ଼ିଆ ପାଦଚଲା ରାସ୍ତା । ଏକ ନାଳ ପାରି ହୋଇ ଯିବାକୁ ପଡ଼େ ଏହି ଗ୍ରାମକୁ । ବର୍ଷା ଦିନେ ନାଳରେ ପାଣି ଆସିଲେ ଗ୍ରାମ ପୁରା ବିଚ୍ଛିନ୍ନ ହୋଇଯାଏ । ଏଠାରେ ଯଦି କୌଣସି ଲୋକଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ତାଙ୍କୁ ଖଟ ବା ଭାର ସାହାଯ୍ୟରେ ଡ଼ଙ୍ଗାସିଲ ଆଣିବାକୁ ପଡ଼ିଥାଏ । କୌଣସି ଜିନିଷପତ୍ର ଆଣିବାକୁ ହେଲେ ଗ୍ରାମବାସୀ ଡ଼ଙ୍ଗାସିଲରୁ ଘୋଡ଼ା ସାହାଯ୍ୟରେ ନେବା ଆଣିବା କରିଥାନ୍ତି । ଏଠାକାର ପିଇବା ପାଣି କଥା ନ କହିବା ଭଲ । ଗ୍ରାମରେ ୨ଟି ନଳକୂପ ରହିଛି । ହେଲେ ତାହା ଅଚଳ ହୋଇ ପଡ଼ିଛି । ତେଣୁ ଲୋକେ ବାଧ୍ୟ ହୋଇ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି । ସେଥିରେ ପୋକ, ମାଛି, ଶାଳପତ୍ର ଆଦି ପଡିଥିବାର ଦେଖିବାକୁ ମିଳିଥିଲା । ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ତାଙ୍କ କଥାକୁ ଶୁଣୁନାହାନ୍ତି ବୋଲି କହିଛନ୍ତି ଗ୍ରାମବାସୀ । ତୁରନ୍ତ ଉକ୍ତ ଗ୍ରାମର ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ଘୁମୁଣ୍ଡିମାଣ୍ଡି ଗ୍ରାମ ।

**ଶୁଣୁନି ପ୍ରଶାସନ**
- ୫ ବର୍ଷ ହେଲାଣି ଭାଙ୍ଗିରୁଜି ଯାଇଛି ସ୍କୁଲ ଗୃହ
- ଗାଁକୁ ନାହିଁ ରାସ୍ତା
- ଝରଣା ପାଣି ହିଁ ଭରସା
- ଘୋଡ଼ା ସାହାଯ୍ୟରେ ଆଣନ୍ତି ଜିନିଷପତ୍ର